- Vol.- 45, Issue No. 346
- Friday, 20 March 2026
- ଶୁକ୍ରବାର, ୨୦ ମାର୍ଚ୍ଚ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com






**PREFERRED STAY FOR**

- Corporate Guests
- Leisure Visitors.
- Business Travelers

35+
Years of Trusted Hospitality

- Comfortable Premium Rooms
- Private Dining
- Gym
- Banquet & Event Hall

OUR PROPERTIES:- **PARADEEP PORT, DHAMARA PORT**

**IDEAL VENUE FOR FAMILY FUNCTIONS & CORPORATE EVENTS**







booking@hotelgoldenanchor.com
06722 222 647 / 7381325555
(Paradeep)

dhamara@hotelgoldenanchor.com
7894469167 (Dhamara)

HOTEL GOLDEN ANCHOR

# ମା' ବ୍ରହ୍ମଚାରିଣୀ



*ନବଦୁର୍ଗାଙ୍କ ଦ୍ୱିତୀୟ ରୂପ ମା' ବ୍ରହ୍ମଚାରିଣୀଙ୍କୁ ନବରାତ୍ରିର ଦ୍ୱିତୀୟ ଦିନରେ ଜ୍ଞାନ, ଜ୍ଞାନ ଏବଂ ଆତ୍ମ-ଶୃଙ୍ଖଳାର ଆଶୀର୍ବାଦ ପାଇବା ପାଇଁ ପୂଜା କରାଯାଏ। ଭକ୍ତି ଏବଂ ତପସର ପ୍ରତୀକ ସ୍ୱରୂପ, ତାଙ୍କୁ ଏକ ମାଳା ଏବଂ କମଣ୍ଡଳ ଧରି ଚିତ୍ରିତ କରାଯାଇଛି, ଯାହା ପ୍ରାୟତଃ ଧଳା ପୋଷାକ ପିନ୍ଧିଥାଏ। ଭକ୍ତମାନେ ଧ୍ୟାନ ଏବଂ ଭାବପ୍ରବଣ ଶକ୍ତି ପାଇଁ ଚିନି ଏବଂ ଫୁଲ ଅର୍ପଣ କରନ୍ତି।*

## ବ୍ରହ୍ମଚାରିଣୀ ପୂଜାର ମୁଖ୍ୟ ବିଧି:

ନୈବେଦ୍ୟ: ଭୋଗ ଭାବରେ ଧଳା ଫୁଲ, ଚନ୍ଦନ ପେଷ୍ଟ, ପଞ୍ଚାମୃତ (ଦୁଗ୍ଧ, ମହୁ, ଚିନି, ଘିଅ, ଦହି), ଏବଂ ଚିନି କିମ୍ବା ମିଶ୍ରି ପରି ମିଠା ଅର୍ପଣ କରନ୍ତୁ।

**ରଙ୍ଗର ମହତ୍ତ୍ୱ:** ପବିତ୍ରତାର ପ୍ରତୀକ ସ୍ୱରୂପ ଧଳା କିମ୍ବା କ୍ରିମ୍ ରଙ୍ଗର ପୋଷାକ ପିନ୍ଧନ୍ତୁ।

**ପୂଜା ବିଧି:** ନିମ୍ କରୋଲି ବାବା ଧ୍ୟାନ କେନ୍ଦ୍ରରେ ବର୍ଣ୍ଣିତ ଦୁର୍ଗା ସପ୍ତଶତୀ ପାଠ କରିବା ସମୟରେ ବେଦୀ ସଫା କରନ୍ତୁ, ଘିଅ ଦୀପ ଜାଳି ଦିଅନ୍ତୁ ଏବଂ ଆରତି କରନ୍ତୁ।

**ତାତ୍ତ୍ୱ:** ବ୍ରହ୍ମଚାରିଣୀ ଗଭୀର ତପସ୍ୟା ('ତପ') ଏବଂ ଭକ୍ତିର ଏକ ଅବସ୍ଥାକୁ ପ୍ରତିନିଧିତ୍ୱ କରନ୍ତି। ତାଙ୍କର ପୂଜା ଆଭ୍ୟନ୍ତରୀଣ ଶକ୍ତି, ଶାନ୍ତି ଏବଂ ଚ୍ୟାଲେଞ୍ଜଗୁଡ଼ିକୁ ଦୂର କରିବାର କ୍ଷମତା ଆଣିଥାଏ, ଭକ୍ତମାନଙ୍କୁ ଆଧ୍ୟାତ୍ମିକ ବିକାଶ ଆଡ଼କୁ ମାର୍ଗଦର୍ଶନ କରିଥାଏ।

## ପ୍ରସାଦ ଭାବରେ କ'ଣ ଅର୍ପଣ କରିବେ:

ନବରାତ୍ରିର ଦ୍ୱିତୀୟ ଦିନରେ ଦେବୀ ଭଗବତୀଙ୍କୁ ଚିନି ଅର୍ପଣ କରିବା ଉଚିତ। ସେ ଚିନିକୁ ନୈବେଦ୍ୟ ଭାବରେ ଭଲ ପାଆନ୍ତି। ଚିନି ମଧ୍ୟ ବ୍ରାହ୍ମଣମାନଙ୍କୁ ଦାନ କରିବା ଉଚିତ। ଏହା ଦ୍ୱାରା ଦୀର୍ଘାୟୁ ହୁଏ ବୋଲି ବିଶ୍ୱାସ କରାଯାଏ। ତାଙ୍କର ପୂଜା କରିବା ଦ୍ୱାରା ତପସ୍ୟା, ତ୍ୟାଗ ଏବଂ ସଦାଚାର ବୃଦ୍ଧି ହୁଏ। ନବରାତ୍ରିର ଦ୍ୱିତୀୟ ଦିନରେ ବ୍ରହ୍ମଚାରିଣୀ ଦେବୀଙ୍କ ପୂଜା କରାଯାଏ। ତାଙ୍କର ରୂପ ଉଜ୍ଜ୍ୱଳ। ସେ ଦେବୀ ଦୁର୍ଗାଙ୍କ ନଅଟି ଶକ୍ତି ମଧ୍ୟରୁ ଦ୍ୱିତୀୟ। ତାଙ୍କର ଅନ୍ୟ ନାମ ହେଉଛି ତପସଚାରିଣୀ, ଅପର୍ଣ୍ଣା ଏବଂ ଉମା। ତାଙ୍କର ପୂଜା କରିବା ଦ୍ୱାରା ସମସ୍ତ ଇଚ୍ଛା ପୂରଣ ହୁଏ, ବାଧା ଦୂର ହୁଏ ଏବଂ ବିଜୟ ଆସେ।

# ଦେବୀ ସୀତା

**ତପସ୍ୱୀଙ୍କ ଭୂମି ହୋଇଥିବା କାରଣରୁ ଉକ୍ତ ସ୍ଥାନରେ ପାପର ପ୍ରଭାବ ରହିନଥିଲା । ସୀତା ଦେବୀ ଏଠାରେ ନିଜ କୁଡ଼ିଆ ନିର୍ମାଣ କରିଥିଲେ । ସେହି ସ୍ଥାନ ଏବେ ସୀତା କୁଟି ବା ସୀତା ସୈଣ ନାମରେ ପ୍ରସିଦ୍ଧ । ଏଠାରୁ ସେ ଋଷି ବାଲ୍ମିକୀଙ୍କ ଆଶ୍ରମକୁ ଚାଲିଯାଇଥିଲେ । ଯାହା ବର୍ତ୍ତମାନ କୋଟ ମହାଦେବ ମନ୍ଦିର ନିକଟରେ ରହିଛି...**

ରାମାୟଣରେ ଥିବା ବର୍ଣ୍ଣନା ଏବଂ ଭୌଗଳିକ ପ୍ରମାଣକୁ ଆଖିଆଗରେ ରଖିଲେ ଦେବୀ ସୀତାଙ୍କ ଜୀବନର ଅନ୍ତିମ ସମୟ ଏକ ବିଶେଷ ସ୍ଥାନରେ ଅତିବାହିତ ହୋଇଥିବା ଜଣାଯାଏ । ରାମାୟଣ ଅନୁଯାୟୀ, ଧୋବଣୀର କହିବା କ୍ଷଣି ଭଗବାନ ଶ୍ରୀରାମଚନ୍ଦ୍ର ଦେବୀ ସୀତାଙ୍କୁ ତ୍ୟାଗ କରିବା ସହ ତାଙ୍କୁ ବନବାସ ପଠାଇବାକୁ ପ୍ରସ୍ତୁତ ହୋଇଗଲେ । ଏହାପରେ ଦେବୀ ସୀତାଙ୍କୁ ଉତ୍ତରାଖଣ୍ଡର ଦେବଭୂମୀରେ ଛାଡ଼ି ଆସିବା ଲାଗି କନିଷ୍ଠ ଭ୍ରାତା ଲକ୍ଷ୍ମଣଙ୍କୁ ଆଦେଶ ଦେଲେ । ଦେବୀ ସୀତାଙ୍କୁ ଦେବପ୍ରୟାଗର ଠାରୁ ଚାରି କିଲୋମିଟର୍ ଆଗରେ ଥିବା ଏକ ସ୍ଥାନରେ ଛାଡ଼ି ଆସିଲେ ଲକ୍ଷ୍ମଣ । ସେହି ସ୍ଥାନ ବଦ୍ରିନାଥ ଧାମ ଯିବା ବାଟରେ ପଡ଼ିଥାଏ । ଏହି ସ୍ଥାନ ଏବେ ସୀତାଓ୍ୱିଦା ନାମରେ ପ୍ରସିଦ୍ଧ । ଗଙ୍ଗାମାତା ଏହି ସ୍ଥାନରେ ପ୍ରଥମେ ପାଦ ରଖି ପୃଥିବୀରେ ପଡ଼ିଥିବାରୁ ଉକ୍ତ ସ୍ଥାନରେ ହିଁ ଦେବୀ ସୀତାଙ୍କୁ ଛାଡ଼ିବାକୁ ରାମଚନ୍ଦ୍ର ନିଷ୍ପତ୍ତି ନେଇଥିଲେ । ଏହି ସ୍ଥାନରେ ୩୩ କୋଟି ଦେବତା ଏକତ୍ର ହୋଇଥିଲେ । ତପସ୍ୱୀଙ୍କ ଭୂମି ହୋଇଥିବା କାରଣରୁ ଉକ୍ତ ସ୍ଥାନରେ ପାପର ପ୍ରଭାବ ରହିନଥିଲା । ସୀତା ଦେବୀ ଏଠାରେ ନିଜ କୁଡ଼ିଆ ନିର୍ମାଣ କରିଥିଲେ । ସେହି ସ୍ଥାନ ଏବେ ସୀତା କୁଟି ବା ସୀତା ସୈଣ ନାମରେ ପ୍ରସିଦ୍ଧ । ଏଠାରୁ ସେ ଋଷି ବାଲ୍ମିକୀଙ୍କ ଆଶ୍ରମକୁ ଚାଲିଯାଇଥିଲେ । ଯାହା ବର୍ତ୍ତମାନ କୋଟ ମହାଦେବ ମନ୍ଦିର ନିକଟରେ ରହିଛି । କେଦାରଖଣ୍ଡ ନାମକ ଗ୍ରନ୍ଥରେ ଉଲ୍ଲେଖ ରହିଛି ଯେ କିଛି ସମୟ ପର୍ଯ୍ୟନ୍ତ ରାଜ୍ୟ ଚଳାଇବା ପରେ ଭଗବାନ ରାମଚନ୍ଦ୍ର ଏବଂ ଲକ୍ଷ୍ମଣ ମଧ୍ୟ ଦେବପ୍ରୟାଗ ଚାଲି ଆସିଥିଲେ । ରାବଣକୁ ହତ୍ୟା କରିଥିବାରୁ ଏଠାରେ ଦେବୀ ସୀତା ଏବଂ ରାମ, ଲକ୍ଷ୍ମଣ ମିଶି ବ୍ରହ୍ମହତ୍ୟା ଦୋଷରୁ ମୁକ୍ତି ପାଇବା ଲାଗି ତପସ୍ୟା କରିଥିଲେ । ସେମାନେ ଏଠାରେ ବିଶ୍ୱେଶ୍ୱର ଲିଙ୍ଗର ସ୍ଥାପନା କରିଥିଲେ ।



**ଗଙ୍ଗାମାତା ଏହି ସ୍ଥାନରେ ପ୍ରଥମେ ପାଦ ରଖି ପୃଥିବୀରେ ପଡ଼ିଥିବାରୁ ଉକ୍ତ ସ୍ଥାନରେ ହିଁ ଦେବୀ ସୀତାଙ୍କୁ ଛାଡ଼ିବାକୁ ରାମଚନ୍ଦ୍ର ନିଷ୍ପତ୍ତି ନେଇଥିଲେ । ଏହି ସ୍ଥାନରେ ୩୩ କୋଟି ଦେବତା ଏକତ୍ର ହୋଇଥିଲେ ।**

# ପ୍ରକୃତିର ଏକ ଅଭିନ୍ନ ଅଙ୍ଗ ନଦୀ



ପ୍ରକୃତିର ଏକ ଅଭିନ୍ନ ଅଙ୍ଗ ହେଉଛି ନଦୀ । ଭାରତୀୟ ସଂସ୍କୃତିରେ ନଦୀକୁ ମା ବା ଦେବୀଙ୍କ ସ୍ୱରୂପ ମନାଯାଏ । କିନ୍ତୁ ଭାରତରେ ଏକ ଏପରି ନଦୀ ରହିଛି ଯାହାକୁ ଦୁନିଆର ଏକମାତ୍ର ପୁରୁଷ ନଦୀ କୁହାଯାଇଥାଏ । ଏହି ନଦୀଟି ହେଉଛି ବ୍ରହ୍ମପୁତ୍ର ନଦୀ । ଏହା ହେଉଛି ଦୁନିଆର ଏକମାତ୍ର ପୁରୁଷ ନଦୀ । ହିନ୍ଦୁ ପୌରାଣିକ ମାନ୍ୟତା ଅନୁଯାୟୀ ବ୍ରହ୍ମପୁତ୍ର ନଦୀକୁ ଭଗବାନ ବ୍ରହ୍ମାଙ୍କର ପୁତ୍ର କୁହାଯାଇଥାଏ । ବେଦରେ ମଧ୍ୟ ବ୍ରହ୍ମପୁତ୍ର ନଦୀକୁ କେବଳ ପୁଲିଙ୍ଗ ନଦୀ ଭାବେ ବର୍ଣ୍ଣନା କରାଯାଇଛି । ହିନ୍ଦୁ ଧର୍ମ ସହିତ ଜୈନ ଏବଂ ବୌଦ୍ଧ ଧର୍ମରେ ମଧ୍ୟ ବ୍ରହ୍ମପୁତ୍ର ନଦୀକୁ ପୂଜାର୍ଚ୍ଚନା କରାଯାଏ । ବ୍ରହ୍ମପୁତ୍ର ନଦୀର ଉତ୍ପତି ହିମାଳୟର ଉତ୍ତରରେ ଥିବା ତିବ୍ବତର ପୁରଙ୍ଗ ଜିଲ୍ଲା ସ୍ଥିତ ମାନସରୋବର ନିକଟରେ ହୋଇଥାଏ । ଏଠାରୁ ଏହା ଭାରତ ହୋଇ ବାଂଙ୍ଗଲାଦେଶ ଯାଏଁ ଯାଇଥାଏ । ବ୍ରହ୍ମପୁତ୍ର ନଦୀ ଭାରତର ୨ୟ ସବୁଠାରୁ ବଡ ନଦୀ । କେବଳ ଭାରତରେ ୨୭୦୦ କିଲୋମିଟର ଯାଏଁ ବହିଥାଏ ବ୍ରହ୍ମପୁତ୍ର ନଦୀ । ବ୍ରହ୍ମପୁତ୍ର ନଦୀକୁ ତିବ୍ବତରେ ସାଗପୋ ଏବଂ ଚୀନରେ ୟାରଲୁଙ୍ଗ ଜାଗବୋ ନାମରେ ଜଣାଯାଇଥାଏ । ଦିବାଙ୍ଗ, ଲୋହିତସ ସିୟାଙ୍ଗ, ବୁଢି ଦିହେଙ୍ଗ, ତିସ୍ତା ଏବଂ ଧନସାରୀ ହେଉଛି ଏହାର ପ୍ରମୁଖ ଶାଖା ନଦୀ ଅଟେ ।

# ଘରକୁ ଆଣନ୍ତୁ
## ସୂର୍ଯ୍ୟଦେବଙ୍କ ପ୍ରତିମା

*ଘରର ମନ୍ଦିରରେ ସୂର୍ଯ୍ୟଦେବଙ୍କର ପ୍ରତିମା ଲଗାଇବା ଦ୍ୱାରା ଘରେ ସୂର୍ଯ୍ୟଦେବଙ୍କ କୃପା ରହିଥାଏ।*

ସୂର୍ଯ୍ୟଦେବ ଅଗ୍ନି ଦେବଙ୍କ ସ୍ୱରୂପ ଏବଂ ପ୍ରତ୍ୟକ୍ଷ ଦେବତା ରୂପେ ମନାଯାଇଥାଏ। ବାସ୍ତୁ ଶାସ୍ତ୍ରରେ ସୂର୍ଯ୍ୟଙ୍କର ବିଶେଷ ମହତ୍ତ୍ୱ ରହିଛି। ଶକ୍ତିର ଅସୀମ ଭଣ୍ଡାର ସୂର୍ଯ୍ୟଦେବଙ୍କୁ ନେଇ ବାସ୍ତୁ ଶାସ୍ତ୍ରରେ ବହୁ ରୋଚକ ଉପାୟ ରହିଛି, ଯାହାର ଉପଯୋଗରେ ଆମ ଜୀବନରେ ବେଶ୍



ଉନ୍ନତି ହୋଇଥାଏ। ସୂର୍ଯ୍ୟୋଦୟର ପୂର୍ବରୁ ବ୍ରାହ୍ମମୁହୂର୍ତ୍ତ ସମୟଟି ଅଧ୍ୟୟନ ପାଇଁ ସର୍ବଶ୍ରେଷ୍ଠ। ବିଦ୍ୟାର୍ଥୀମାନେ ଏହି ସମୟକୁ ସଦୁପଯୋଗ କରିବା ଉଚିତ୍। ସୂର୍ଯ୍ୟୋଦୟ ସମୟରେ ଘରର ସମସ୍ତ ଝରକା କବାଟ ଖୋଲିବା ଉଚିତ। ଯଦି କୌଣସି ଘରେ ସୂର୍ଯ୍ୟ କିରଣ ଠିକ୍ ଭାବରେ ପଡିପାରୁନାହିଁ, ତେବେ ସେହି ଘରେ ସୂର୍ଯ୍ୟ ଦେବଙ୍କ ତମ୍ବାର ପ୍ରତିମା ଲଗାଇବା ଉଚିତ। ସେହିପରି ରୋଷେଇ ଘର ଓ ସ୍ନାନ ଘରେ ସୂର୍ଯ୍ୟର ପ୍ରକାଶ ପହଞ୍ଚିବା ଅତ୍ୟନ୍ତ ଆବଶ୍ୟକ। ସେହିପରି ଯେଉଁ ଘରେ ଧନ ସମ୍ପତ୍ତି ରଖୁଛନ୍ତି ,ସେହି ଘରେ ସୂର୍ଯ୍ୟଦେବଙ୍କ ପ୍ରତିମା ଲଗାଇଲେ ଘରେ କେବେ ଆର୍ଥିକ ସମସ୍ୟା ଉପୁଜିବ ନାହିଁ। ପରିବାରର ଯଦି କୌଣସି ଲୋକେ ଦୀର୍ଘ ଦିନ ଧରି ଅସୁସ୍ଥ ରହୁଛନ୍ତି ତେବେ ସେହି ଘରେ ସୂର୍ଯ୍ୟଦେବଙ୍କ ପ୍ରତିମା ଲଗାଇବା ଉଚିତ। ଏହାଦ୍ୱାରା ସେ ଶୀଘ୍ର ସୁସ୍ଥ ହେବେ। ସେହିପରି ରୋଷେଇ ଘରେ ସୂର୍ଯ୍ୟଦେବଙ୍କ ପ୍ରତିମା ଲଗାଇଲେ ଅନ୍ନର ଅଭାବ କଦାପି ହୋଇନଥାଏ। ସେହିପରି କାର୍ଯ୍ୟାଳୟ ବା ଦୋକାନରେ ସୂର୍ଯ୍ୟ ଦେବଙ୍କର ପ୍ରତିମା ଲଗାଇବା ଦ୍ୱାରା ଉନ୍ନତି ମିଳିଥାଏ। ଘରର ମନ୍ଦିରରେ ସୂର୍ଯ୍ୟଦେବଙ୍କର ପ୍ରତିମା ଲଗାଇବା ଦ୍ୱାରା ଘରେ ସୂର୍ଯ୍ୟଦେବଙ୍କ କୃପା ରହିଥାଏ।

# ବୁଦ୍ଧଙ୍କ ଶିକ୍ଷା ଏବଂ ବିବାହିତ ଜୀବନ





କୁହାଯାଏ ଯେ ଗୌତମ ବୁଦ୍ଧ ଖ୍ରୀଷ୍ଟପୂର୍ବ ୫୬୩ ମସିହାରେ ଜନ୍ମଗ୍ରହଣ କରିଥିଲେ। ସେ ଲୁମ୍ବିନୀରେ ଜନ୍ମଗ୍ରହଣ କରିଥିଲେ। ବର୍ତ୍ତମାନ ଏହି ସ୍ଥାନ ନେପାଳରେ ଅଛି। ମାତ୍ର ୨୯ ବର୍ଷ ବୟସରେ ବୁଦ୍ଧ ନିଜ ଘର ଛାଡି ଦିବ୍ୟ ଜ୍ଞାନ ଅନ୍ୱେଷଣରେ ବାହାରିଥିଲେ। ବୁଦ୍ଧ ସମଗ୍ର ବିଶ୍ୱରେ ଲୋକଙ୍କ ମଧ୍ୟରେ ଅହିଂସା, ଶାନ୍ତି, ପ୍ରେମ, ଶୁଭେଚ୍ଛା ଏବଂ ବଳିଦାନର ବାର୍ତ୍ତା ଦେଇ ସମାଜରେ ବ୍ୟାପିଥିବା ମନ୍ଦତାକୁ ହଟାଇବାକୁ ଚେଷ୍ଟା କରିଥିଲେ।

## ମହାତ୍ମା ଗୌତମ ବୁଦ୍ଧ କିଏ ?

ମହାତ୍ମା ବୁଦ୍ଧ ରାଜା ଶୁଦ୍ଧୋଦନଙ୍କ ପୁତ୍ର ଥିଲେ, ଯିଏ ଶାକ୍ୟ ଗଣରାଜ୍ୟର ରାଜା ଥିଲେ। ବୁଦ୍ଧଙ୍କ ମାତାଙ୍କ ନାମ ମାୟାଦେବୀ ଥିଲା। ଜନ୍ମ ସମୟରେ ପିତାମାତା ବୁଦ୍ଧଙ୍କୁ ରାଜକୁମାର ସିଦ୍ଧାର୍ଥ ନାମରେ ନାମିତ କରିଥିଲେ। ବୁଦ୍ଧ ପିଲାଦିନରୁ ଶାନ୍ତ ଏବଂ ଗମ୍ଭୀର ପ୍ରକୃତିର ଥିଲେ। ସେ ଅଧିକାଂଶ ସମୟ ଏକାକୀ ବସି ବସି ଚିନ୍ତା କରୁଥିଲେ। ରାଜକୁମାର ହୋଇଥିଲେ ମଧ୍ୟ ସାଂସାରିକ ଭୋଗ ପ୍ରତି ତାଙ୍କର ଆଗ୍ରହ ନ ଥିଲା। ବୁଦ୍ଧ ବଢିବାକୁ ଲାଗିଲେ, ତାଙ୍କର ସାଂସାରିକ ଆଗ୍ରହ ମଧ୍ୟ ଶେଷ ହେବାକୁ ଲାଗିଲା।

## ଗୌତମ ବୁଦ୍ଧଙ୍କ ଶିକ୍ଷା

ଗୌତମ ବୁଦ୍ଧଙ୍କ ପ୍ରାରମ୍ଭିକ ଶିକ୍ଷା ନିଜେ ପ୍ରାସାଦରେ ହୋଇଥିଲା। କିନ୍ତୁ ଯେତେବେଳେ ସେ ଟିକିଏ ବଡ ହେଲେ ତାଙ୍କ ପିତା ତାଙ୍କୁ ଶିକ୍ଷା ପାଇଁ ଗୁରୁ ବିଶ୍ୱାମିତ୍ରଙ୍କ ନିକଟକୁ ପଠାଇଲେ। ବୁଦ୍ଧ, ଗୁରୁ ବିଶ୍ୱାମିତ୍ରଙ୍କଠାରୁ ବେଦ ଏବଂ ଉପନିଷଦ ଶିଖିଲେ। ଧୀରେ ଧୀରେ ସେ ଜଣେ ଆଦର୍ଶ ଶିଷ୍ୟ ହେଲେ।

## ଗୌତମ ବୁଦ୍ଧଙ୍କ ବିବାହ:

କିଛି ସମୟ ପରେ ବୁଦ୍ଧ କୋଲିୟ ରାଜବଂଶର ରାଜା ସୁପବୁଦ୍ଧଙ୍କ ଝିଅ ଯଶୋଧରାଙ୍କୁ ବିବାହ କରିଥିଲେ। ବୁଦ୍ଧ ଏବଂ ଯଶୋଧରାଙ୍କର ମଧ୍ୟ ଏକ ପୁତ୍ର ଥିଲେ, ଯାହାର ନାମ ରାହୁଲ ଥିଲା। କିନ୍ତୁ ବିବାହ ପରେ ମଧ୍ୟ ବୁଦ୍ଧଙ୍କ ବୈରାଗ୍ୟ ଭାବନା ବଢିବାକୁ ଲାଗିଲା ଏବଂ ସାଂସାରିକ ଭୋଗ ପ୍ରତି ତାଙ୍କର ଆଗ୍ରହ କମିଯାଉଥିଲା। ଏହିପରି, ଦିନେ ବୁଦ୍ଧ ନିଜ ପତ୍ନୀ ଏବଂ ପୁଅକୁ ଛାଡି ଚୁପଚାପ୍ ଜଙ୍ଗଲ ଆଡକୁ ଗଲେ। ବୁଦ୍ଧ ତାଙ୍କ ଆତ୍ମା ସହିତ ଯୋଡି ହେବାକୁ ଚାହୁଁଥିଲେ। ସେ ଦିବ୍ୟ ଜ୍ଞାନର ସନ୍ଧାନରେ ଥିଲେ। ସେଥିପାଇଁ ତାଙ୍କର ଘର, ପରିବାର, ସମ୍ପତ୍ତି କିମ୍ବା ଅନ୍ୟ କୌଣସି ସମ୍ପର୍କ ନ ଥିଲା। କାରଣ ସେ ଏହି ଜିନିଷଗୁଡ଼ିକରେ ଆଧ୍ୟାତ୍ମିକ ଆନନ୍ଦ ପାଉନଥିଲେ। ତାଙ୍କ ମନରେ ଚାଲିଥିବା ଅନେକ ପ୍ରଶ୍ନର ଉତ୍ତର ଖୋଜିବା ପାଇଁ ବୁଦ୍ଧ ବୋଧି ଗଛ ତଳେ ବସି ତପସ୍ୟା କରିବା ଆରମ୍ଭ କଲେ ଏବଂ ୬ ବର୍ଷ ପରେ ସେ ସମ୍ପୂର୍ଣ୍ଣ ଏବଂ ଦିବ୍ୟଜ୍ଞାନ ହାସଲ କଲେ।

*ଦେବଗଣଙ୍କ କଠୋର ତପସ୍ୟା ଯୋଗୁଁ ମାତା ପାର୍ବତୀ ଗିରିରାଜ ହିମାଳୟଙ୍କ ଘରେ ଆବିର୍ଭାବ ହୁଅନ୍ତି । ଜ୍ୟେଷ୍ଠ ଶୁକ୍ଳପକ୍ଷ ପଞ୍ଚମୀ ଦିନ ଶିବ ଓ ମାତା ପାର୍ବତୀଙ୍କ ପୁନଃମିଳନ ହୁଏ । ମହାଦେବ ମାତା ପାର୍ବତୀଙ୍କୁ ପାଇବା ପରେ ରୁଦ୍ର ରୂପ ତ୍ୟାଗ କରି ହୋଇଯାନ୍ତି ଶାନ୍ତ ଶୀତଳ । ଦେବଦମ୍ପତିଙ୍କ ଏହି ମହାମିଳନକୁ ଲୋକାଚାରରେ ଶୀତଳଷଷ୍ଠୀ ଭାବେ ପାଳନ କରାଯାଏ ।*

# ପାର୍ବତୀଙ୍କୁ ପାଇବା ପରେ ରୁଦ୍ର ରୂପ ତ୍ୟାଗ

ଶିବ ପୁରାଣ ଅନୁସାରେ ବ୍ରହ୍ମାଙ୍କୁ କଠୋର ତପସ୍ୟା କରି ଦକ୍ଷପ୍ରଜାପତି ମାତା ସତୀଙ୍କୁ ପୁତ୍ରୀ ରୂପେ ପ୍ରାପ୍ତ ହୁଅନ୍ତି । ସତୀ ବିବାହ ବୟସ ହେବା ଉତ୍ତାରୁ ପିତାଙ୍କ ଅନିଚ୍ଛା ସତ୍ତ୍ୱେ ଶ୍ମଶାନଚାରୀ ଶିବଙ୍କୁ ବିବାହ କରନ୍ତି । ଏଥିରେ କ୍ଷୁବ୍ଧ ହୋଇ ଦକ୍ଷପ୍ରଜାପତି ଝିଅ ଜ୍ୱାଇଁଙ୍କୁ ଆମନ୍ତ୍ରଣ କରନ୍ତି ନାହିଁ । ମହାଦେବଙ୍କ ଅନିଚ୍ଛା ସତ୍ତ୍ୱେ ଦେବୀ ପାର୍ବତୀ ପିତ୍ରାଳୟ ଯାଆନ୍ତି । ଯଜ୍ଞସ୍ଥଳରେ ଦକ୍ଷପ୍ରଜାପତି ଶିବଙ୍କର ଅପମାନ କଲେ ଏହାକୁ ସହି ନ ପାରି ସତୀ ଯଜ୍ଞକୁଣ୍ଡରେ ଝାସ ଦେଲେ । ସତୀଙ୍କ ଯଜ୍ଞକୁଣ୍ଡରେ ଝାସଦେବା ଶୁଣି ମହାଦେବ ଯଜ୍ଞସ୍ଥଳକୁ ଧ୍ୱଂସକରି ଦେଲେ । ସେଠାରୁ ସତୀଙ୍କ ଶବକୁ କାନ୍ଧରେ ପକାଇ ଚାରିଆଡେ ଘୂରିବୁଲିଲେ । ବିଷ୍ଣୁ ଚକ୍ରଦ୍ୱାରା ସତୀଙ୍କ ଶରୀରକୁ ଖଣ୍ଡ ଖଣ୍ଡ କରି ଶିବଙ୍କଠାରୁ ଅଲଗା କରିଦେଲେ । ପରବର୍ତ୍ତୀ ସମୟରେ ବ୍ରହ୍ମାଙ୍କ ବରରେ ବଳୀୟାନ ହୋଇ ତାରକାସୁର ଅତ୍ୟାଚାର କଲା । ତାରକାସୁରର ଅତ୍ୟାଚାରରେ ଦେବତାମାନେ ଆତଙ୍କିତ ହୋଇ ବ୍ରହ୍ମାଙ୍କ ଶରଣ ପଶିଲେ । ମାତ୍ର ବ୍ରହ୍ମା, ଶିବଙ୍କ ଔରସରୁ ଜନ୍ମିତ ସନ୍ତାନ ତାରକାସୁରକୁ ବଧ କରିବ ବୋଲି ପ୍ରକାଶ ପରେ ଦେବତାମାନେ ଆଦିଶକ୍ତି ମାତା ପାର୍ବତୀଙ୍କୁ ତପସ୍ୟା କରନ୍ତି । ଦେବଗଣଙ୍କ କଠୋର ତପସ୍ୟା ଯୋଗୁଁ ମାତା ପାର୍ବତୀ ଗିରିରାଜ ହିମାଳୟଙ୍କ ଘରେ ଆବିର୍ଭାବ ହୁଅନ୍ତି । ଜ୍ୟେଷ୍ଠ ଶୁକ୍ଳପକ୍ଷ ପଞ୍ଚମୀ ଦିନ ଶିବ ଓ ମାତା ପାର୍ବତୀଙ୍କ ପୁନଃମିଳନ ହୁଏ । ମହାଦେବ ମାତା ପାର୍ବତୀଙ୍କୁ ପାଇବା ପରେ ରୁଦ୍ର ରୂପ ତ୍ୟାଗ କରି ହୋଇଯାନ୍ତି ଶାନ୍ତ ଶୀତଳ । ଦେବଦମ୍ପତିଙ୍କ ଏହି ମହାମିଳନକୁ ଲୋକାଚାରରେ ଶୀତଳଷଷ୍ଠୀ ଭାବେ ପାଳନ କରାଯାଏ ।



• Vol.- 45, Issue No. 346
• Friday, 20 March 2026
• ଶୁକ୍ରବାର, ୨୦ ମାର୍ଚ୍ଚ ୨୦୨୬
• Bhubaneswar
• Price: Rs. 2.00, Page: 3
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

### ଏସ୍‌ସିବି ଘଟଣାରେ ବିରୋଧୀଙ୍କ ଉପରେ ବର୍ଷିଲେ ମୁଖ୍ୟମନ୍ତ୍ରୀ

# ପୀଡିତ ପରିବାରଙ୍କୁ ଉପହାସ କରୁଛନ୍ତି ବିରୋଧୀ



ଭୁବନେଶ୍ୱର,୧୯।୩: ବିଧାନସଭାରେ ଲିଭୁନି ଏସସିବି ଅଗ୍ନିକାଣ୍ଡ ନିଆଁ। ଲଗାତାର ଭାବରେ ଏ ପ୍ରସଙ୍ଗରେ ସରକାରଙ୍କୁ ଘେରିବାରେ ଲାଗିଛନ୍ତି ବିରୋଧୀ। ଏହି ପ୍ରସଙ୍ଗରେ ତୃତୀୟ ଦନ ପାଇଁ ଗୃହ ଅଚଳ ରହିଛି। ତେବେ ଏସସିବି ମେଡ଼ିକାଲ ନିଆଁ ପ୍ରସଙ୍ଗରେ ବିରୋଧୀଙ୍କ ପ୍ରତିବାଦକୁ ନେଇ ଗୃହରେ ବର୍ଷିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ବିରୋଧୀ ଦଳ ନାଟକ ବାଜି କରୁଛନ୍ତି। ଶବ ଉପରେ ଶୋଭାଯାତ୍ରା କରି ପୀଡିତ ପରିବାରକୁ ଉପହାସ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଧାନସଭାରେ ଜଳ ସମ୍ପଦ ବିଭାଗ ଖର୍ଚ୍ଚ ଦାବି ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ ବିରୋଧୀଙ୍କୁ ଟାର୍ଗେଟ କରି ଏହା କହିଛନ୍ତି। ବିରୋଧୀଙ୍କୁ ଟାର୍ଗେଟ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଗ ରାଗ ଜାଗାରେ । ଦୁଃଖ ଦୁଃଖ ଜାଗାରେ, କିନ୍ତୁ ବିରୋଧୀ ଗୃହକୁ ସମ୍ପୂର୍ଣ୍ଣ ଅଚଳ କରିବା, ଗୃହରେ ଅନୁପସ୍ଥିତ ରହିବା, ନିଜ ଅଞ୍ଚଳର କଥା ଗୃହରେ ନ ରଖିବା, ନାଟକ ବାଜି କରିବା ଇଏ ସମ୍ପୂର୍ଣ୍ଣ ନକାରାତ୍ମକ ଚିନ୍ତାଧାରା । ଯେତେବେଳେ କିଛି ଘଟଣା ଘଟିବ ସେତେବେଳେ ବିଧାନସଭାରେ ସେହି କଥା ରଖିବା ରହି ଆସିଛି । କିନ୍ତୁ ସର୍ବଦଳୀୟ ବୈଠକ ପରେ ଗୃହକୁ ସ୍ୱାଭାବିକ କରାଯିବା କଥା । ନଚେତ ଗାନ୍ଧୀ ମୂର୍ତ୍ତି ତଳେ ବସିବା କିମ୍ବା ରାଜ୍ୟପାଳଙ୍କ ନିକଟରେ ଫେରାଦ ହେବା ରହିଛି । ବିରୋଧୀ ଦଳ ଭାବେ ଆମେ ମଧ ତାହା କରୁଥିଲୁ । ମାତ୍ର ବର୍ତ୍ତମାନ ବିରୋଧୀ ଦଳ ତାହା ନ କରି କେବଳ ବିଧାନସଭା ଆସି ହୋ ହଲ୍ଲା କରି ଚାଲିଯିବାର ନାଟକ ବାଜି କରିବାର ମାନେ କଣ ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଛନ୍ତି । ବିଧାନସଭାରେ ବିରୋଧୀ ଆସି ଆଲୋଚନା କରନ୍ତୁ ନଚେତ ଲୋକେ କ୍ଷମା କରିବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସରକାରଙ୍କ କାମ ପ୍ରତି ଲୋକଙ୍କ ବିଶ୍ୱାସ ଅଛି। ସେଥିପାଇଁ ଉପ ନିର୍ବାଚନ ଓ ରାଜ୍ୟସଭା ନିର୍ବାଚନ ଭଳି ନିର୍ବାଚନରେ ଜନ ସମର୍ଥନ ଆମ ସରକାର ପାଉଁଛନ୍ତି।

## ନୂଆପଡ଼ାରେ ହୀରା, କଳାହାଣ୍ଡିରେ ମାଣିକ ଖଣି

ଭୁବନେଶ୍ୱର,୧୯।୩: ବିଧାନସଭାରେ ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା ଦେଇଥିବା ସୂଚନା ଅନୁସାରେ ରାଜ୍ୟରେ ହୀରା ଖଣିର ସନ୍ଧାନ ମିଳିଛି। ନୂଆପଡ଼ା ବ୍ଲକ୍‌ର କଲମିଦାଦର ଅଞ୍ଚଳରେ ହୀରା ଥିବା ପଥରର ସନ୍ଧାନ କରାଯାଇଛି। ବିଶେଷଜ୍ଞମାନେ ବର୍ତ୍ତମାନ ତାହାର ବୈଷୟିକ, ଅର୍ଥନୈତିକ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଦିଗର ଅନୁଶୀଳନ କରୁଛନ୍ତି। ମନ୍ତ୍ରୀଙ୍କ ଉତ୍ତର ଅନୁସାରେ କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ବ୍ଲକ୍ ଅନ୍ତର୍ଗତ ହିଞ୍ଜିଳିବାହାଲ-ଜିଲିଙ୍ଗବରରେ ମାଣିକର ସନ୍ଧାନ ମିଳିଛି। କିନ୍ତୁ ରାଜ୍ୟରେ ଏପର୍ଯ୍ୟନ୍ତ କୌଣସି ମୋତି ଖଣିର ସନ୍ଧାନ କରାଯାଇନଥିବା ସେ ସ୍ପଷ୍ଟ କରିଛନ୍ତି। ଦେବଗଡ଼ର ରିଆମାଳ ବ୍ଲକ୍‌ରେ ତମ୍ବା ପଥର, ଗ୍ରାଫାଇଟ୍ ଓ ନିକେଲ୍ ଠାବ କରାଯାଇଛି। ସେହିପରି ଅଡସ-ରାମପଲ୍ଲୀ ଅଞ୍ଚଳରେ ସୁନା ଖଣିର ସନ୍ଧାନ କରାଯାଇଛି। ମୟୂରଭଞ୍ଜ ଜିଲ୍ଲାର କୁଳିଅଣା ବ୍ଲକ୍‌ର ମଦନସାହି-କାଞ୍ଜିଆରେ ସୁନା ଓ ତମ୍ବା ଥିବା ପଥର ଠାବ କରାଯାଇଛି। କେନ୍ଦୁଝରର ବାଂଶପାଳ ବ୍ଲକ୍ ଅନ୍ତର୍ଗତ ଗୋପୁର-ଜଳଡ଼ିହରେ ସୁନା ଖଣିର ସନ୍ଧାନ ମିଳିଛି। ମନ୍ତ୍ରୀ ଶ୍ରୀ ଜେନାଙ୍କ ପୂର୍ବ ସୂଚନା ଅନୁସାରେ ରାଜ୍ୟ ମାଟି ତଳେ ୧୫୮୬ କେଜି ସୁନା ଗଚ୍ଛିତ ଥିବା ଆକଳନ କରାଯାଇଛି। ଏହି ସମ୍ପଦର ଅନୁସନ୍ଧାନ ଓ ବାଣିଜ୍ୟିକ ବ୍ୟବହାର ପାଇଁ ରାଜ୍ୟ ସରକାର ନକ୍ସା ପ୍ରସ୍ତୁତ କରୁଛନ୍ତି। ସୁନା ଖଣି ନିଲାମ କରିବା ଉପରେ ମଧ ରାଜ୍ୟ ସରକାର ବିଚାର କରୁଛନ୍ତି।

### ମନ୍ତ୍ରୀଙ୍କ ଇସ୍ତଫା ଦାବି

# ରାମ ନାମ ସତ୍ୟ ହେ ନାରାରେ କମ୍ପିଲା ଗୃହ

### ହସ୍ପିଟାଲରେ ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍‌ର ଯାଞ୍ଚ



ଭୁବନେଶ୍ୱର,୧୯।୩: ଆଜି ବି ଏସସିସିବି ନିଆଁ ତାତିରେ ଉଠିଲା ପଡିଲା ବିଧାନସଭା । ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ନଛୋଡ଼ବନ୍ଧା ବିରୋଧୀ । ଗୃହର ମଧଭାଗରେ କରିଛନ୍ତି ହଟ୍ଟଗୋଳ । ସେପଟେ ଆଜି ପୁଣି ଏସସିବିରେ ପହଞ୍ଚି ତନାଘନା କରିଛନ୍ତି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ । ବୁଧବାର ବିଧାନସଭା ଚାରିପଟେ କୋକେଇ ବୁଲାଇବା ପରେ ଆଜି ଗୃହରେ ପୁଣି ହଙ୍ଗାମା । ଗୃହକାର୍ଯ୍ୟ ଆରମ୍ଭରୁ ବିରୋଧୀ ବିଧାୟକମାନେ ମଧଭାଗକୁ ଆସି ହଟ୍ଟଗୋଳ କରିଛନ୍ତି । ପ୍ଲାକାର୍ଡ ଦେଖାଇ ଟେବୁଲ ବାଡେଇ ରାମ ନାମ ସତ୍ୟ ହେ ନାରା ଦେଇ ଏସସିବି ଅଧକ୍ଷଙ୍କ ଗିରଫ ଓ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଇସ୍ତଫା ଦାବି କରିଛନ୍ତି । ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ନଦେବା ପର୍ଯ୍ୟନ୍ତ ଗୃହରେ ପ୍ରତିବାଦ ଜାରି ରଖିବ ବୋଲି କହିଛି ବିଜେଡ଼ି । ଶୂନ୍ୟକାଳରେ ବି ଜବରଦସ୍ତ ହଙ୍ଗାମା କରିଛନ୍ତି ବିଜେଡି ଓ କଂଗ୍ରେସ ସଦସ୍ୟ । ଜବାବରେ ଶାସକ ଦଳର ସଦସ୍ୟ କହିଛନ୍ତି, ସରକାର କାର୍ଯ୍ୟାନୁଷ୍ଠାନ ନେଇଛନ୍ତି । ମୃତକଙ୍କ ପାଇଁ ସରକାରଙ୍କ ଯଥେଷ୍ଟ ସମବେଦନା ରହିଛି। ଏସସିବି ନିଆଁକୁ ନେଇ ତୁମ୍ବିତୋଫାନ ଲାଗି ରହିଥିବାବେଳେ ହସ୍ପିଟାଲରେ ପହଞ୍ଚି ଯାଞ୍ଚ କରିଛି ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍ । ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂହଙ୍କ ନେତୃତ୍ୱରେ ଗଠିତ ଟିମ୍ ଏସ୍‌ସିବିରେ ଯାଞ୍ଚ କରିଛି । ସ୍ୱାସ୍ଥ୍ୟ ବିଭାଗ ସଚିବ, ଅଗ୍ନିଶମ ବିଭାଗ ଆଇଜି, କଟକ ଜିଲ୍ଲାପାଳ ଓ ଅନ୍ୟ ଅଧିକାରୀ, ଆଇସିୟୁ ଟ୍ରମା ସେଣ୍ଟରରେ ବୁଲି ତନତନ କରି ଯାଞ୍ଚ କରିଛନ୍ତି । ଅଗ୍ନିକାଣ୍ଡ ଦିନ କଣ ଘଟିଥିଲା, ତାର ତନାଘନା କରିଛନ୍ତି । ରିପୋର୍ଟ ପରେ ଅଗ୍ନିକାଣ୍ଡ ପାଇଁ ଦାୟୀ ଅନ୍ୟମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ । ଟେକ୍ନିକାଲ କମିଟିର ପ୍ରାଥମିକ ରିପୋର୍ଟ ଆଧାରରେ ୪ଜଣଙ୍କୁ କାର୍ଯ୍ୟରେ ଅବହେଳା ଲାଗି ନିଲମ୍ବନ କରାଯାଇଛି ।

## ଆସାମ ପାଇଁ ବିଜେପିର ୮୮ ଜଣିଆ କମିଟି



ନୂଆଦିଲ୍ଲୀ,୧୯।୩: ଏପ୍ରିଲ ୯ ତାରିଖରେ ହେବାକୁ ଥିବା ଆସାମ ବିଧାନସଭା ନିର୍ବାଚନ ୨୦୨୬ ପାଇଁ ବିଜେପି ପକ୍ଷରୁ ୮୮ ଜଣ ପ୍ରାର୍ଥୀଙ୍କ ପ୍ରାରମ୍ଭିକ ତାଲିକା ଘୋଷଣା କରିଛି। ପ୍ରାର୍ଥୀ ଘୋଷଣା କଲା କେନ୍ଦ୍ରୀୟ ନିର୍ବାଚନ କମିଟି। ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱ ଶର୍ମା ଜାଲୁକବାରିରୁ କ୍ଷେତ୍ରରୁ ନିର୍ବାଚନ ଲଢ଼ିବେ। ଶାସକ ଦଳର ପ୍ରଥମ ଘୋଷଣାରେ ଦିସପୁର ପାଇଁ ପ୍ରଦ୍ୟୁତ ବୋର୍ଡୋଲୋଇଙ୍କ ନାମ ମଧ ତାଲିକାରେ ସାମିଲ କରାଯାଇଛି। କ୍ୟାବିନେଟ୍ ମନ୍ତ୍ରୀ ନନ୍ଦିତା ଗାର୍ଲୋସାଙ୍କୁ ଏଥର ଟିକେଟ୍ ଦିଆଯାଇ ନାହିଁ, ଯାହାକୁ ତାଲିକାରେ ଏକ ବଡ଼ ପରିବର୍ତ୍ତନ ବୋଲି ବିବେଚନା କରାଯାଉଛି। ଗୁଆହାଟୀର ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେପି ନୂତନ ମୁହଁଙ୍କୁ ପ୍ରାର୍ଥୀ କରିଛି, ଯାହା ସହରାଞ୍ଚଳରେ ରଣନୀତିରେ ପରିବର୍ତ୍ତନର ଏକ ସଙ୍କେତ ଦେଉଛି।

## ଶନିବାର ପାଳନ ହେବ ଇଦ୍ ଉଲ୍ ଫିତର



କଟକ,୧୯।୩: ଆସନ୍ତା ଶନିବାର ରାଜ୍ୟରେ ପାଳନ ହେବ ଇଦୁ ଉଲ୍ ଫିତର । ଆଜି କୌଣସି ସ୍ଥାନରେ ଚନ୍ଦ୍ର ଦେଖା ନଯିବାରୁ ଶୁକ୍ରବାର ପରିବର୍ତ୍ତେ ଶନିବାର ପାଳନ ହେବ ଇଦୁ ଉଲ ଫିତର୍ । ଆସନ୍ତାକାଲି ରମଜାନ ମାସର ଶେଷ ଦିନ ହୋଇଥିବା ବେଳେ ଶେଷ ଉପାସ ରଖିବେ ଇସଲାମ ଧର୍ମାବଲମ୍ବୀ ବ୍ୟକ୍ତିମାନେ । ଅଞ୍ଜୁମାନ ଇସଲାମିଆ ଅହଲେ ସୁନ୍ନତ୍ ଅଲ୍ ଜମାତ୍ ଚାନ୍ଦ କମିଟି ପକ୍ଷରୁ କରାଯାଇଛି ଏହି ଘୋଷଣା । ତେବେ ଇସଲାମ ଧର୍ମର ସବୁଠାରୁ ବଡ ପର୍ବ ହେଉଛି ଏହି ଇଦ୍ ଉଲ୍ ଫିତର । ରମଜାନ ମାସର ଏକ ମାସ ଧରି ଇସଲାମ ଧର୍ମାବଲମ୍ବୀ ବ୍ୟକ୍ତିମାନେ ଉପାସ ରଖିବା ସହ ପ୍ରାର୍ଥନା କରନ୍ତି । ଏହା ସହିତ ଏହି ପବିତ୍ର ମାସରେ ପ୍ରଚୁର ମାତ୍ରାରେ ଦାନ ଦକ୍ଷିଣା ମଧ ଦିଅନ୍ତି। ତେବେ ଏକ ମାସ ଧରି ଉପାସ ରଖିବା ପରେ ଆଡ଼ମ୍ବର ସହ ପାଳନ କରାଯାଉଛି ଇଦ୍ ଉଲ୍ ଫିତର ।

## ନୂଆ ଡିଏମ୍‌ଇଟି ହେଲେ ଦୁର୍ଗାମାଧବ ଶତପଥୀ

ଭୁବନେଶ୍ୱର,୧୯।୩: ରାଜ୍ୟର ନୂତନ ଡାକ୍ତରୀ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ଭାବେ ନିଯୁକ୍ତି ପାଇଲେ ଡକ୍ଟର ଦୁର୍ଗାମାଧବ ଶତପଥୀ। ସେ ବ୍ରହ୍ମପୁର ମହାରାଜ କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜର ସୁପରିନ୍‌ଟେଣ୍ଡେଣ୍ଟ ଥିଲେ। ପୂର୍ବରୁ ଏହି ପଦବୀରେ ଥିବା ଡକ୍ଟର ସନ୍ତୋଷ ମିଶ୍ରଙ୍କୁ ପିଜିଆଇଏମଇଆର ଭୁବନେଶ୍ୱର ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଗଲା।

## ସିପିଇଟି ପରୀକ୍ଷା ଆବେଦନ ସମୟସୀମା ବୃଦ୍ଧି

ଭୁବନେଶ୍ୱର,୧୯।୩: ସିପିଇଟି ପରୀକ୍ଷା ପାଇଁ ଆବେଦନ କରିବାର ସମୟ ସୀମାକୁ ବୃଦ୍ଧି କରାଯାଇଛି। ଆବେଦନର ସମୟ ସୀମାକୁ ମାର୍ଚ୍ଚ ୨୨ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସିପିଇଟି ପରୀକ୍ଷା ପାଇଁ ଆଗ୍ରହୀ ଥିବା ଛାତ୍ରଛାତ୍ରୀମାନେ ମାର୍ଚ୍ଚ ୨୨ ତାରିଖ ରାତି ୧୧.୪୫ ଘଟିକା ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲକୁ ଯାଇ ନିଜର ଫର୍ମ ପୂରଣ କରିପାରିବେ। ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ସମୟସୀମା ଅନୁସାରେ, ସିପିଇଟି ପରୀକ୍ଷା ଆବେଦନ ପାଇଁ ମାର୍ଚ୍ଚ ୧୮ ତାରିଖ ଶେଷ ତାରିଖ ରହିଥିଲା। କିନ୍ତୁ, ଛାତ୍ରଛାତ୍ରୀମାନଙ୍କ ବୃହତ୍ତର ସ୍ୱାର୍ଥ ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି ଆବେଦନର ସମୟସୀମାକୁ ବୃଦ୍ଧି କରିବା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ ଯେ, ୨୦୨୬-୨୭ ଶିକ୍ଷାବର୍ଷରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇବାକୁ ଆଗ୍ରହୀ ଥିବା ଛାତ୍ରଛାତ୍ରୀମାନଙ୍କୁ ସିପିଇଟି ପରୀକ୍ଷାରେ ଅଂଶଗ୍ରହଣ କରିବାକୁ ପଡ଼ିବ।

## ଭିଜିଲାନ୍ସ ଜାଲରେ ଓରେଡା ସହକାରୀ ନିର୍ଦ୍ଦେଶକ

କଟକ,୧୯।୩: ୧୦ ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ଓରେଡା ସହକାରୀ ନିର୍ଦ୍ଦେଶକ । ସହକାରୀ ନିର୍ଦ୍ଦେଶକ ହେଲେ ସୀମାଦ୍ରୀ ଶ୍ରୀକାନ୍ତ ରାଓ । କଟକ ଓ୍ୱାଲମୀ ରେ ସୋଲାର ପାଓ୍ୱାର ପ୍ଲାଣ୍ଟ ସ୍ଥାପନ ବକେୟା ଅର୍ଥ ରିଲିଜ ପାଇଁ ଲାଞ୍ଚ ମାଗିଥିଲେ । ୩୦ ହଜାର ଲାଞ୍ଚ ଦାବି କରିଥିଲେ ସହକାରୀ ନିର୍ଦ୍ଦେଶକ । ଲାଞ୍ଚ ଟଙ୍କା ଜବତ କରିଛି ଭିଜିଲାନ୍ସ । ଟ୍ରାପ ପରେ ତିନୋଟି ସ୍ଥାନରେ ଆୟ ବର୍ହିଭୂତ ସମ୍ପତ୍ତି ଯାଞ୍ଚ କରୁଛି ଭିଜିଲାନ୍ସ ।



ସୌରଶକ୍ତି କେନ୍ଦ୍ର ସ୍ଥାପନ ପାଇଁ ବକେୟା ବିଲ୍ ପ୍ରଦାନ ପାଇଁ, ସଂସ୍ଥା ପକ୍ଷରୁ କାର୍ଯ୍ୟନିର୍ବାହୀ ବ୍ୟକ୍ତି କିଛି ସମୟ ଧରି ସହକାରୀ ନିର୍ଦ୍ଦେଶକ ଶ୍ରୀ ରାଓଙ୍କୁ ଅନୁରୋଧ କରିଆସୁଥିଲେ। କିନ୍ତୁ, କାର୍ଯ୍ୟ ସମାପ୍ତ ହେବା ପରେ ମଧ ଏଜେନ୍ସିର ସପକ୍ଷରେ ବକେୟା ରାଶି ପ୍ରଦାନ ପାଇଁ କାର୍ଯ୍ୟଦକ୍ଷତା ପ୍ରମାଣପତ୍ରରେ ସ୍ୱାକ୍ଷର କରିବା ପାଇଁ କାର୍ଯ୍ୟନିର୍ବାହୀ ବ୍ୟକ୍ତିଙ୍କଠାରୁ ୩୦,୦୦୦ ଟଙ୍କା ଲାଞ୍ଚ ଦାବି କରୁଥିଲେ । କିନ୍ତୁ, ଆଲୋଚନା ପରେ ଶ୍ରୀ ରାଓ ଲାଞ୍ଚ ପରିମାଣ ୧୦,୦୦୦ ଟଙ୍କାକୁ ହ୍ରାସ କରିଥିଲେ । ଲାଞ୍ଚ ଦାବିରେ କ୍ଷୁବ୍ଧ ହୋଇ, କାର୍ଯ୍ୟନିର୍ବାହୀ ବ୍ୟକ୍ତି ଏହି ବିଷୟରେ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ପହଞ୍ଚିଥିଲେ । ଏହାପରେ ଆଜି ଓଡ଼ିଶା ଭିଜିଲାନ୍ସର ଏକ ଦଳ କାର୍ଯ୍ୟକାରୀଙ୍କଠାରୁ ୧୦,୦୦୦ ଟଙ୍କା ଲାଞ୍ଚ ନେଉଥିବା ସମୟରେ ସହକାରୀ ନିର୍ଦ୍ଦେଶକ ଶ୍ରୀ ରାଓଙ୍କୁ ଗିରଫ କରିଛି ।

## କାତାର ଗ୍ୟାସ୍ ପ୍ଲାଣ୍ଟ ଉପରେ ଇରାନର ମିସାଇଲ୍ ମାଡ଼



ନୂଆଦିଲ୍ଲୀ,୧୯।୩: ମଧପ୍ରାଚ୍ୟ ଯୁଦ୍ଧ ସମଗ୍ର ବିଶ୍ୱକୁ ପ୍ରଭାବିତ କରୁଛି । ଇରାନ, ଇସ୍ରାଏଲ ଏବଂ ଆମେରିକା ମଧ୍ୟରେ ଜାରି ହୋଇଥିବା ଯୁଦ୍ଧର ପ୍ରଭାବ ଭାରତ ଉପରେ ମଧ ପଡୁଛି । ଭାରତ ଶକ୍ତି ଉପରେ ନିର୍ଭର କରୁଥିବା ଉର୍ଜା ଦେଶ ଉପରେ ଆଟାକ ହୋଇଛି । କାତାରରେ ଜଳୁଛି ଗ୍ୟାସ୍ ପ୍ଲାଣ୍ଟ । କାତାର ଗ୍ୟାସ୍ ପ୍ଲାଣ୍ଟ ଉପରେ ଇରାନର ମିସାଇଲ୍ ମାଡ଼ । ଇରାନ ସିଧାସଳଖ କାତାରର 'ରାସ୍ ଲାଫାନ୍' ଶିଳ୍ପାଞ୍ଚଳ ଉପରେ କ୍ଷେପଣାସ୍ତ୍ର ମାଡ଼ କରିଛି । ଏଠାରେ ବିଶ୍ୱର ସବୁଠାରୁ ବଡ଼ ପ୍ରାକୃତିକ ଗ୍ୟାସ୍ ଉତ୍ପାଦନ କେନ୍ଦ୍ର ରହିଛି । କିଛି ଦିନ ପୂର୍ବରୁ ଇସ୍ରାଏଲ, ଇରାନର ସବୁଠାରୁ ବଡ଼ ଗ୍ୟାସ୍ ଫିଲ୍ଡ 'ସାଉଥ୍ ପାର୍ସ' ଉପରେ ଆକ୍ରମଣ କରିଥିଲା । ଏହାର ଜବାବରେ ଇରାନ କାତାରର ଗ୍ୟାସ୍ ପ୍ଲାଣ୍ଟକୁ ଟାର୍ଗେଟ୍ କରିଛି । କାତାରର ଗ୍ୟାସ୍ ପ୍ଲାଣ୍ଟରେ ଭୟଙ୍କର ଭାବେ ନିଆଁ ଲାଗିଯାଇଛି । ଉତ୍ପାଦନ ବନ୍ଦ ହୋଇଯାଇଛି । ବିଶ୍ୱର ପ୍ରାୟ ୨୦ ପ୍ରତିଶତ ଗ୍ୟାସ୍ କାତାର ଯୋଗାଇଥାଏ । କାତାର ଏହାକୁ ନିଜ ଦେଶର ସାର୍ବଭୌମତ୍ୱ ଉପରେ ଆକ୍ରମଣ କହି ଇରାନର ସାମରିକ ଅଧିକାରୀମାନଙ୍କୁ ଦେଶରୁ ବାହାର କରିଦେଇଛି । ଟ୍ରମ୍ପ କହିଛନ୍ତି, ଇରାନର ଗ୍ୟାସ୍ ଫିଲ୍ଡ ଉପରେ ଇସ୍ରାଏଲର ପ୍ରଥମ ଆକ୍ରମଣ ବିଷୟରେ ଆମେରିକା କିଛି ଜାଣିନଥିଲା। ଯଦି ଇରାନ ପୁଣିଥରେ କାତାର ଉପରେ ଆକ୍ରମଣ କରେ, ତେବେ ଆମେରିକା ଇରାନର ପୁରା 'ସାଉଥ୍ ପାର୍ସ' ଗ୍ୟାସ୍ ଫିଲ୍ଡକୁ ବୋମା ମାଡ଼ କରି ଉଡ଼ାଇ ଦେବ । ଅନ୍ୟପଟେ ଇରାନ ଚେତାବନୀ ଦେଇଛି, ସୁରକ୍ଷା ଅଧିକାରୀଙ୍କୁ ହତ୍ୟା କରିବାର ପରିଣାମ ଭୋଗିବ ଇସ୍ରାଏଲ।

## ବୁଲେଟ୍ ଆରୋହୀଙ୍କୁ ଧକ୍କା ଦେଲା ସରକାରୀ ବସ୍: ୩ ମୃତ

ସୋରଡ଼ା,୧୯।୩: ଗଂଜାମ ଜିଲ୍ଲା ସୋରଡା ଥାନା ପାଟପଲ୍ଲୀ ଗାଁ ନିକଟ ବାଉଁଶିଆ ଛକଠାରେ ସରକାରୀ ବସ୍ ସହିତ ବୁଲେଟ ବାଇକ୍ ମୁହାମୁହିଁ ଧକ୍କା ହୋଇଛି । ଘଟଣାସ୍ଥଳରେ ବୁଲେଟରେ ବସିଥିବା ତିନି ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ମାଣିଆକାଟି ଗ୍ରାମର ଶଙ୍କର ଗୌଡ, ଟିଲୁ ଗୌଡ ଓ ଶିଲୁ ମୁଳି। ସୂଚନା ମୁତାବକ ଆଜି ସନ୍ଧ୍ୟା ସାତଟା ସମୟରେ ମାଣିଆକାଟି ଗ୍ରାମର ତିନି ଜଣ ଯୁବକ ସୋରଡାରୁ କାମ ସାରି ନିଜ ଘରକୁ ଫେରୁଥିବା ବେଳେ ବାଉଁଶିଆ ଛକଠାରେ ଭାରସାମ୍ୟ ହରାଇ ବିପରୀତ ଦିଗରୁ ଆସୁଥିବା ସରକାରୀ ବସ୍ ସହିତ ମୁହାମୁହିଁ ଧକ୍କା ହୋଇଥିଲା। ଫଳରେ ବାଇକ୍‌ରେ ବସିଥିବା ତିନି ଜଣ ଯୁବକ ବସ୍‌ରେ ପିଟିହୋଇ ଚକା ତଳେ ପଡି ଯାଇଥିଲେ। ଘଟଣାସ୍ଥଳରେ ତିନି ଜଣଙ୍କ ମୃତ୍ୟୁ ହୋଇଛି। ଖବର ପାଇ ଅଗ୍ନିଶମ ବାହିନୀ ଓ ସୋରଡା ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ସୋରଡା ମେଡିକାଲରେ ଭର୍ତ୍ତି କରିଛନ୍ତି। ଘଟଣାସ୍ଥଳରେ ଚାପା ଉତେଜନା ଥିବା ବେଳେ ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଛି।

# ଗ୍ରୀଷ୍ମ ପ୍ରଭାବିତ ଅଞ୍ଚଳରେ ହେବ ମଡେଲ୍ କୁଲିଂ ସେଲଟରର ବ୍ୟବସ୍ଥା: ରାଜସ୍ୱ ମନ୍ତ୍ରୀ

ଭୁବନେଶ୍ୱର,୧୯।୩: ଆସନ୍ତା ଗ୍ରୀଷ୍ମଋତୁକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ ଗ୍ରୀଷ୍ମ-ପ୍ରବାହ ପ୍ରସ୍ତୁତି ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟରେ ସମ୍ଭାବ୍ୟ ହିଟ୍ ୱେଭ୍ ପରିସ୍ଥିତିର ମୁକାବିଲା ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପ ଏବଂ ପୂର୍ବ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ପୂଜାରୀ ସମସ୍ତ ବିଭାଗକୁ ପୂର୍ବ ପ୍ରସ୍ତୁତିମୂଳକ ପଦକ୍ଷେପ ଗ୍ରହଣ କରିବା ସହ ମାନବଜୀବନର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ବିଭିନ୍ନ ପ୍ରଭାବିତ ଅଞ୍ଚଳରେ ମଡେଲ୍ କୁଲିଂ ସେଲଟର୍ ବ୍ୟବସ୍ଥା କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେବା ସହ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ଶିଶୁମାନଙ୍କ ପାଇଁ ଏବଂ ଶ୍ରମିକମାନଙ୍କ ସୁରକ୍ଷା ପାଇଁ ବିଶେଷ ବ୍ୟବସ୍ଥା କରିବାକୁ ଗୁରୁତ୍ୱାରୋପ କରିଥିଲେ । ଏଥିସହିତ ହିଟ୍ ୱେଭ୍ ପ୍ରସଙ୍ଗର ଗୁରୁତ୍ୱ ଉପଲବ୍ଧି କରି ରାଜସ୍ୱ ମନ୍ତ୍ରୀ ଜନସାଧାରଣଙ୍କ ସୁରକ୍ଷା ଏବଂ ତ୍ୱରିତ ସମସ୍ୟା ସମାଧାନ ପାଇଁ ନିଜନିଜ କ୍ଷେତ୍ରରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ସରକାରଙ୍କ ପକ୍ଷରୁ ସମ୍ପୂର୍ଣ୍ଣ କ୍ଷମତା ଦିଆଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ନିମନ୍ତେ ଗୁରୁତ୍ୱାରୋପ କରିବା ସହ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପ୍ରଶାସନକୁ ସହଯୋଗ ଯୋଗାଇ ଦିଆଯିବ ବୋଲି ସ୍ପଷ୍ଟ କରିଥିଲେ। ସ୍ୱତନ୍ତ୍ର ସାହାଯ୍ୟ ଆୟୁକ୍ତ ରାଜେଶ ପ୍ରଭାକର ପାଟିଲ୍ ଗ୍ରୀଷ୍ମ ପ୍ରବାହ ସହ ସମ୍ଭାବ୍ୟ କାଳବୈଶାଖୀର ମୁକାବିଲା କରିବା ପାଇଁ




ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ସ୍ପଷ୍ଟ କରିଥିଲେ। ବୈଠକରେ ସରକାରୀ ଏବଂ ବେସରକାରୀ କ୍ଷେତ୍ରରେ ଶ୍ରମିକ ତଥା ଅନ୍ୟ ଶାରୀରିକ କାର୍ଯ୍ୟରେ ନିୟୋଜିତ ରହୁଥିବା ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସମୟରେ ଅର୍ଥାତ୍ ଦିନ ୧୧ରୁ ୩ ଘଟିକା ଯାଏ କୌଣସି ବି ନିର୍ମାଣ ଆଦି ଶାରୀରିକ କାର୍ଯ୍ୟ କରାଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା । ଏଥିରେ ଖିଲାପ କରି ଶ୍ରମିକ ବା ସାଧାରଣ ଲୋକଙ୍କୁ କାମରେ ଲଗାଉଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ବିଦ୍ୟାଳୟ, ଡାକ୍ତରଖାନା ଏବଂ ଅନ୍ୟାନ୍ୟ ସର୍ବସାଧାରଣ ଅନୁଷ୍ଠାନ ଏବଂ ସ୍ଥାନମାନଙ୍କରେ ଆବଶ୍ୟକ ଅନୁଯାଇ ଜଳଛତ୍ର, ପାନୀୟ ଜଳ, ଫାଷ୍ଟ - ଏଡ୍ ବକ୍ସ, ଓଆରଏସ୍ ପାଉଡର, ଶୀତଳ କକ୍ଷ ଆଦିର ବ୍ୟବସ୍ଥା ନିଶ୍ଚିତ କରିବାକୁ ନିଷ୍ପତ୍ତି ହୋଇଥିଲା। ବିଦ୍ୟାଳୟରେ ଶିଶୁମାନଙ୍କ ପାଇଁ ନିୟମିତ ବ୍ୟବଧାନରେ ପାଣି ପିଇବା ନିମନ୍ତେ ସ୍ୱତନ୍ତ୍ର ବେଲ୍ ବ୍ୟବସ୍ଥା କରାଯିବାକୁ ପରାମର୍ଶ ଦିଆଯାଇଥିଲା । ବୈଠକରେ ଡାକ୍ତରଖାନାମାନଙ୍କରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଅଂଶୁଘାତ ଓ୍ୱାର୍ଡର ବ୍ୟବସ୍ଥା କରାଯିବାକୁ ନିର୍ଦ୍ଦେଶ ଦିଆଯାଇ ଥିଲା । ସମସ୍ତ ଗ୍ରାମପଞ୍ଚାୟତ ମାନଙ୍କରେ ନଳକୂପ ମରାମତି ସହ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଆବଶ୍ୟକ ସ୍ଥଳେ ପାଣି ଟ୍ୟାଙ୍କର୍ ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ହୋଇଥିଲା। ସେହିପରି ଖରାଦିନେ ବିଦ୍ୟୁତ୍ କାଟ ନିୟମିତ ସମସ୍ୟା ସୃଷ୍ଟି କରୁଥିବାରୁ ଏ ନେଇ ଶକ୍ତି ବିଭାଗ ପକ୍ଷରୁ ବିଶେଷ ବ୍ୟବସ୍ଥା କରାଯିବା ସହ ଜନସାଧାରଣଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଇ ଦେବାକୁ ଅଧିକ ଶକ୍ତି ସଂରକ୍ଷଣକରି ରଖିବାକୁ ଆଲୋଚନା ହୋଇଥିଲା।

ତିଥି : (ଦ୍ୱିତୀୟା : (ରେବତୀ ମୀନ)
ଅମୃତବେଳା: ଦିବା ଘ.୭।୨୫ ମଧ୍ୟେ ଘ୪।୨୪ ଗତେ

## ଆଜିର ଅନୁଚିନ୍ତନ

ତେଣୁ ତୁମେ ନିରନ୍ତର ଅନାସକ୍ତ ହୋଇ ସୁଚାରୁରୂପେ କର୍ତ୍ତବ୍ୟ-କର୍ମ ଆଚରଣ କର, କାରଣ ଅନାସକ୍ତିପୂର୍ବକ କର୍ମ କରି ମନୁଷ୍ୟ ପରମାତ୍ମାଙ୍କୁ ପ୍ରାପ୍ତ ହୁଏ। - ଶ୍ରୀମଦ୍ ଭଗବଦ୍ ଗୀତା

# ଖସଡ଼ା ବାଟର ନାୟକ-ନାୟିକା !

ରାଜ୍ୟସଭା ପାଇଁ ଆମ ରାଜ୍ୟ ପରିପ୍ରେକ୍ଷୀରେ ଥିବା ଚାରି ଆସନ ମଧ୍ୟରୁ ଚତୁର୍ଥ ଆସନ ଉପରେ ସମସ୍ତଙ୍କ ଦୃଷ୍ଟି ନିବଦ୍ଧ ଥିଲା। ଯଥେଷ୍ଟ କୌତୂହଳ ମଧ୍ୟ ଥିଲା ଯେ କିଏ ଜିତୁଛନ୍ତି ଏହି ଆସନ ? ରାଜନୀତିର ଗତି ଆଜିକାଲି ବହୁଳ କୁଟିଳତା ଓ ଜଟିଳତା ମଧ୍ୟ ଦେଇ ରହୁଥିବା ଉଣାଅଧିକେ ସମସ୍ତେ ଲକ୍ଷ୍ୟ କରିଆସୁଛନ୍ତି। ବିଜେଡି-କଂଗ୍ରେସର ମିଳିତ ପ୍ରାର୍ଥୀ ଦତ୍ତେଶ୍ୱର ହୋତା ଅବା ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ମଧ୍ୟରୁ କିଏ ବାଜିମାତ୍ ମାରୁଛନ୍ତି ତାହା ରାଜନୈତିକ ଚାଲ୍‌ବାଜି ମଧ୍ୟରେ ଗତି କରିଥିଲା। ପରିଶେଷରେ ଆବଶ୍ୟକ ସଂଖ୍ୟା ନ ଥାଇ କ୍ରସ ଭୋଟିଂ କାରଣରୁ ଜିତିଲେ ଦିଲ୍ଲୀପ ରାୟ। ନିର୍ବାଚନ ପୂର୍ବରୁ ଶ୍ରୀ ରାୟ ନିଜର ଜିତାପଟ ନେଇ ଯଥେଷ୍ଟ ଆଶା ପ୍ରକାଶ କରିଥିଲେ। ଯାହା ମନେ ହୁଏ,ଏହି ଆଶା ପ୍ରକାଶ ରାଜନୀତିର ଗତିପଥକୁ ସହଜ କରେନାହିଁ, ବରଂ ଜଟିଳ କରେ। କ୍ରସଭୋଟିଂ ଭଳି ସ୍ଥିତିର କାରଣ ହୁଏ। ଏହି ନିର୍ବାଚନର ଫଳାଫଳରେ ଶାସକ ଓ ବିରୋଧୀଙ୍କ ମଧ୍ୟରେ କିପରି ରହିଛି ଦୃଷ୍ଟିଭଙ୍ଗୀ, କି ପ୍ରକାର ବୈଷମ୍ୟ ରହିଛି ଓ ଅନ୍ୟ ଆନୁଷଙ୍ଗିକ ଦିଗ ମାନକୁ ପରୋକ୍ଷରେ ଇଙ୍ଗିତ କରିଥାଏ। ଦଳୀୟ ନିର୍ଦ୍ଦେଶକୁ ଅମାନ୍ୟ କରିଥିବା କାରଣରୁ କଂଗ୍ରେସର ୩ ବିଧାୟକଙ୍କୁ ଦଳ ସସ୍‌ପେଣ୍ଡ କରିସାରିଛି। ସେହି ସମାନ କାରଣରୁ ବିଜେଡିର ୬ ଜଣ ବିଧାୟକଙ୍କୁ କାରଣ ଦର୍ଶାଅ ନୋଟିସ ପଠାଯାଇଛି। ଅବଶ୍ୟ ପୂର୍ବରୁ ନିଲମ୍ବିତ ହୋଇଥିବା ବିଜେଡିର ଦୁଇ ବିଧାୟକଙ୍କ ବିରୋଧରେ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ନିଆଯିବାର ଆବଶ୍ୟକତା ନଥିବା ସମ୍ଭବତଃ ଅନୁଭୂତ ହୋଇଛି।

କ୍ରସ ଭୋଟିଂ କରିଥିବା ବିଜେଡିର ଜଣେ ବିଧାୟକ ନିକଟରେ ଗଣମାଧ୍ୟମକୁ କହିଲେ ଯେ ଦିଲ୍ଲୀପ ରାୟଙ୍କୁ ଭୋଟ ଦେଇ ନବୀନ ବାବୁଙ୍କୁ ନିଦରୁ ଉଠାଇବାକୁ ଚେଷ୍ଟା କରିଛି। ଏହା କେବଳ ମୋର ସ୍ୱର ନୁହେଁ, ବିଜେଡି ଓ ବିଜୁବାବୁଙ୍କୁ ଭଲ ପାଉଥିବା ଲକ୍ଷ ଲକ୍ଷ ବିଜୁପ୍ରେମୀଙ୍କ ସ୍ୱର। ପୁଣି ଜଣେ ବରିଷ୍ଠ ନେତା କହିଲେ ମହାପ୍ରସାଦ ଛୁଆଁଇ ଭୋଟ ଦେବାକୁ କହିବା ଆଇନ ବିରୋଧୀ। ଏଭଳି ନାନା କଥା। ତେବେ ଆଲୋଚ୍ୟ ପ୍ରସଙ୍ଗରେ ବିଧାୟକ ଜଣକଙ୍କ ବିବୃତିର ଠାଏ 'ନିଦରୁ ଉଠାଇବାକୁ ଚେଷ୍ଟା କରିଛି' ବାକ୍ୟାଂଶ ଭିତରେ ବିଜେଡିର ରାଜ୍ୟସଭା ପ୍ରାର୍ଥୀ ଚୟନ ବିଶେଷ କରି ଚତୁର୍ଥ ଆସନ ନିମନ୍ତେ ଯାହାଙ୍କୁ ଚୟନ କରିଥିଲା ସେଥିନେଇ ଅସନ୍ତୁଷ୍ଟର ନିଆଁ ବିଜେଡି ସୁପ୍ରିମୋଙ୍କ ବିରୋଧରେ ନିଶ୍ଚୟ ଥିଲା ବୋଲି କହିବାକୁ ହେବ।

ସେମିତି ଦିଲ୍ଲୀପଙ୍କ ସପକ୍ଷରେ ଭୋଟ୍ ଦେଇ ନିର୍ଣ୍ଣାୟକ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ୩ ବିଧାୟକଙ୍କ ମଧ୍ୟରୁ ଜଣେ ଗଣମାଧ୍ୟମରେ ପ୍ରତିକ୍ରିୟା ପ୍ରକାଶ କଲେ ଯେ ବିଜେଡି ସହ ମିଳିତ ହୋଇ ପ୍ରାର୍ଥୀ ଦେବା ପ୍ରସଙ୍ଗରେ କଂଗ୍ରେସର ମୁଖିଆ ଦଳୀୟ ବିଧାୟକ ମାନଙ୍କ ସହ ଆଲୋଚନା କରିଥିଲେ କି ? ଏପରି ପ୍ରଶ୍ନ କଂଗ୍ରେସ ରାଜ୍ୟ ମୁଖିଆଙ୍କ ଭୂମିକା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଥିବା ଚର୍ଚ୍ଚା ଆରମ୍ଭ ହେଲାଣି। ଏପରି ବିବୃତି ରଖିଥିବା ବିଧାୟକଙ୍କ ସଂପର୍କରେ ନିରବ ରହି ବାଚସ୍ପତିଙ୍କୁ ଭେଟି ଅନ୍ୟ ଦୁଇ ଦଳୀୟ ବିଧାୟକଙ୍କ ସଭ୍ୟ ପଦ ରଦ୍ଦ କରାଯାଉ ଏପରି ମର୍ମରେ କଂଗ୍ରେସ ପକ୍ଷରୁ ଅନୁରୋଧ କରାଯାଇଥିବା କୁହାଯାଇଛି। ଏହି ଦୁଇ ବିଧାୟକଙ୍କ ମଧ୍ୟରୁ ଜଣେ ଦଳର ରାଜ୍ୟ ଓ ଜାତୀୟ ସ୍ତରୀୟ ନୀତିକୁ ଆକ୍ଷେପ କରିଥିବା ଓ ଅନ୍ୟ ଜଣଙ୍କ ଦଳୀୟ ବୈଠକକୁ ନ ଆସି ଦଳ ବିରୋଧୀ ମନ୍ତବ୍ୟ ଦେଉଥିବା କଥା ଚର୍ଚ୍ଚାକୁ ଆସୁଛି। ବିଜେଡି ହେଉ କି କଂଗ୍ରେସ ଏହି ଦୁଇ ଦଳର ଶୃଙ୍ଖଳା କିଭଳି ସ୍ତରରେ ପହଞ୍ଚିଲାଣି, ରାଜ୍ୟସଭା ନିର୍ବାଚନ ଫଳାଫଳରୁ ତାହା ଅନୁମାନ କରିହୁଏ। ସାଧାରଣ ଜନତା ଏ ବାବଦରେ ଆଗକୁ ସତର୍କ ରହିବା ଆବଶ୍ୟକ। ତା'ଛଡ଼ା ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଆତ୍ମସମୀକ୍ଷା ପୂର୍ବକ ଉଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ କି ନାହିଁ, ତାହା ଆଗାମୀ ସମୟ କହିବ।

# ଡିଜିଟାଲ ଦୁନିଆରେ ମହିଳାଙ୍କ ମର୍ଯ୍ୟାଦା ଓ ବିଷାକ୍ତ ମାନସିକତା

**ଅଖିଳ ତରାଇ**

“ ସାଇବର ଆଇନ ଅନୁଯାୟୀ କାହାକୁ ବ୍ୟକ୍ତିଗତ ଭାବେ ଆକ୍ରମଣ କରିବା ବା ଅଶାଳୀନ ମନ୍ତବ୍ୟ ଦେବା ଏକ ଅପରାଧ । କିନ୍ତୁ କେବଳ ଆଇନ ଦ୍ୱାରା ଏହାକୁ ରୋକାଯାଇ ପାରିବନାହିଁ । ଏଥିପାଇଁ ସାମାଜିକ ସଚେତନତା ଜରୁରୀ । ବଡି ସେମିଂ କରୁଥିବା ବ୍ୟକ୍ତିମାନେ ବୁଝିବା ଉଚିତ ଯେ ପ୍ରତ୍ୟେକ ବ୍ୟକ୍ତିର ଶରୀର ଭିନ୍ନ ଏବଂ ସେଥିପାଇଁ ସେମାନଙ୍କୁ ପରିହାସ କରିବା ଜଣେ ସୁସ୍ଥ ମନୁଷ୍ୟର ଲକ୍ଷଣ ନୁହେଁ । ବିଶେଷ କରି ମହିଳାମାନଙ୍କୁ ସେମାନଙ୍କ ପୋଷାକ କିମ୍ବା ରୂପକୁ ନେଇ ବିଚାର କରିବା ବନ୍ଦ କରି ସେମାନଙ୍କ କାମ ଏବଂ ଚିନ୍ତାଧାରାକୁ ସମ୍ମାନ ଦେବା ଶିଖିବାକୁ ହେବ । ସରକାର ଏବଂ ସାଇବର ପୋଲିସ ସେଲ୍ ଏଭଳି ଟ୍ରୋଲର୍ସଙ୍କୁ ଚିହ୍ନଟ କରି କଠୋର ଦଣ୍ଡ ବିଧାନ କରିବା ଉଚିତ, ଯାହାଫଳରେ ଅନ୍ୟମାନେ ଏଭଳି କାର୍ଯ୍ୟ କରିବା ପୂର୍ବରୁ ଦଶଥର ଭାବିବେ ।



ସାମ୍ପ୍ରତିକ ସମୟରେ ସୋସିଆଲ ମିଡିଆ ଆତ୍ମପ୍ରକାଶର ଏକ ଶକ୍ତିଶାଳୀ ମାଧ୍ୟମ ପାଲଟିଛି । କିନ୍ତୁ ଏହି ମାଧ୍ୟମ ଯେତିକି ଗଣତାନ୍ତ୍ରିକ, ସେତିକି ଅସଂଯତ ମଧ । ନିକଟରେ ଉତ୍ତରପ୍ରଦେଶର ଜଣେ ମହିଳା ଆଇପିଏସ ଅଧିକାରୀଙ୍କ ସହ ଘଟିଥିବା 'ଅନଲାଇନ୍ ବଡି ସେମିଂ' ଘଟଣା ଆମ ସମାଜର ଏକ ଅନ୍ଧକାର ଦିଗକୁ ଉନ୍ମୋଚିତ କରିଛି । ଯେଉଁଠାରେ ଜଣେ ମହିଳାଙ୍କ ଦକ୍ଷତା, ସାହସ ଏବଂ ସାମାଜିକ ପ୍ରତିଷ୍ଠା ଅପେକ୍ଷା ତାଙ୍କର ଶାରୀରିକ ଗଠନକୁ ନେଇ ସମାଲୋଚନା କରିବାକୁ କିଛି ଗୋଷ୍ଠୀ ଅଧିକ ଗୁରୁତ୍ୱ ଦେଉଛନ୍ତି, ତାହା ପ୍ରକୃତରେ ଦୁର୍ଭାଗ୍ୟଜନକ ।

ଘଟଣାଟି ଥିଲା ମାର୍ଚ୍ଚ ୧୩ ତାରିଖର। ମିର୍ଜାପୁର ପୋଲିସ ଏକ ବଡ଼ ସଫଳତା ପାଇଥିଲା, ଯେତେବେଳେ ଜଣେ ୨୫ ହଜାର ଟଙ୍କାର ପୁରସ୍କାର ଘୋଷିତ ଦୁର୍ଦ୍ଧାନ୍ତ ଗୋ-ତସ୍କରକୁ ଗିରଫ କରାଯାଇଥିଲା। ଏହି ସଫଳତା ବିଷୟରେ ସୂଚନା ଦେବା ପାଇଁ ମହିଳା ଆଇପିଏସ ଅଧିକାରୀଙ୍କ ଏକ ଭିଡିଓ ବାର୍ତ୍ତା ଜାରି କରିଥିଲେ। ପୋଲିସ ବିଭାଗର ନିୟମିତ ପ୍ରକ୍ରିୟା ଅନୁଯାୟୀ ଏହାକୁ ଅଧିକାରିକ ସୋସିଆଲ ମିଡିଆ ପୃଷ୍ଠାରେ ସ୍ଥାନ ଦିଆଯାଇଥିଲା। କିନ୍ତୁ ବିଷୟବସ୍ତୁ ଉପରେ ଚର୍ଚ୍ଚା କରିବା ପରିବର୍ତ୍ତେ, ଅନେକ ଉପଭୋକ୍ତା ଇନଷ୍ଟାଗ୍ରାମରେ ମହିଳା ଆଇପିଏସ ଅଧିକାରୀଙ୍କ ଶରୀର ଏବଂ ଚେହେରାକୁ ନେଇ କୁତ୍ସିତ ଟ୍ରୋଲିଂ ଆରମ୍ଭ କରିଦେଲେ। ଭିଡିଓଟି ୪୦ ଲକ୍ଷରୁ ଅଧିକ ଥର ଦେଖାଯାଇଥିଲେ ହେଁ, ସେଥିରେ ଥିବା ପ୍ରାୟ ୧୧ ହଜାରରୁ ଅଧିକ ମନ୍ତବ୍ୟରୁ ଅଧିକାଂଶ ଥିଲା ଅପମାନଜନକ। ଅତିଷ୍ଠ ହୋଇ ପୋଲିସ ପ୍ରଶାସନକୁ ଶେଷରେ କମେଣ୍ଟ ବକ୍ସ ବନ୍ଦ କରିବାକୁ ପଡ଼ିଲା।

ଜଣେ ବ୍ୟକ୍ତି ଯେତେବେଳେ ଆଇପିଏସ ଭଳି ଏକ ସମ୍ମାନଜନକ ପଦବୀରେ ଅଧିଷ୍ଠିତ ହୁଅନ୍ତି ସେଠାରେ ତାଙ୍କର ବର୍ଷ ବର୍ଷର କଠିନ ପରିଶ୍ରମ, ମେଧା ଏବଂ ନିଷ୍ଠା ଥାଏ । କିନ୍ତୁ ସୋସିଆଲ ମିଡିଆର ଏକ ବଡ଼ ଗୋଷ୍ଠୀ ଏସବୁକୁ ଅଣଦେଖା କରି କେବଳ 'ବାହ୍ୟ ସୌନ୍ଦର୍ଯ୍ୟ' କୁ ମାନଦଣ୍ଡ ଭାବେ ଗ୍ରହଣ କରୁଛନ୍ତି । 'ବଡି ସେମିଂ' ବା ଶରୀରକୁ ନେଇ କଟାକ୍ଷ କରିବା କେବଳ ମଜା ନୁହେଁ, ବରଂ ଏହା ଏକ ପ୍ରକାର ମାନସିକ ହିଂସା । ଜଣେ ମହିଳା ଅଧିକାରୀ ଯିଏ ହଜାର ହଜାର ଲୋକଙ୍କୁ ସୁରକ୍ଷା ଦେବା ପାଇଁ ପ୍ରଶିକ୍ଷିତ ସେ ଯଦି ଅଜ୍ଞାତ ୟୁଜର୍ସଙ୍କ ଅଶାଳୀନ ମନ୍ତବ୍ୟ ଯୋଗୁଁ ନିଜର କମେଣ୍ଟ ବକ୍ସ ବନ୍ଦ କରିବାକୁ ବାଧ ହେଉଛନ୍ତି ତେବେ ବୁଝିବାକୁ ହେବ ଯେ ଆମର ଡିଜିଟାଲ ସଂସ୍କୃତି କେତେ ନିମ୍ନଗାମୀ ହୋଇଛି ।

ଅନଲାଇନ୍ ଟ୍ରୋଲିଂ କେବଳ ଅକ୍ଷର କିମ୍ବା ଶବ୍ଦରେ ସୀମିତ ରହେ ନାହିଁ ଏହା ବ୍ୟକ୍ତିର ମାନସିକ ସ୍ୱାସ୍ଥ୍ୟ ଉପରେ ଗଭୀର ପ୍ରଭାବ ପକାଇଥାଏ । ଯେତେବେଳେ ଜଣେ ବ୍ୟକ୍ତି ଲକ୍ଷ ଲକ୍ଷ ଲୋକଙ୍କ ସମ୍ମୁଖରେ ଅପମାନିତ ହୁଅନ୍ତି ସେତେବେଳେ ସେ ଆତ୍ମବିଶ୍ୱାସ ହରାଇବା ସ୍ୱାଭାବିକ । ଜଣେ ମହିଳା ଆଇପିଏସ ଅଧିକାରୀ ଯିଏ ଶୃଙ୍ଖଳା ଏବଂ ନୈତିକତାର ପ୍ରତୀକ, ତାଙ୍କୁ ମଧ ଏହି ବିଷାକ୍ତ ମାନସିକତା ଚୁପ୍ ରହିବାକୁ ବାଧ କରୁଛି । ଏହା ସ୍ପଷ୍ଟ କରୁଛି ଯେ ଡିଜିଟାଲ ଦୁନିଆରେ 'ଭିଡ଼ର ମାନସିକତା' ଅତ୍ୟନ୍ତ ଭୟଙ୍କର । ଏଠାରେ ଜଣେ ବ୍ୟକ୍ତିଙ୍କୁ ଅତି ସହଜରେ ବିଚାର କରିଦିଆଯାଏ ଏବଂ ବିନା ଦୋଷରେ ଦଣ୍ଡିତ କରାଯାଏ ।

ଏହି ପରିପ୍ରେକ୍ଷୀରେ ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକର ଭୂମିକା ମଧ ସନ୍ଦେହଜନକ । ଆଲଗୋରିଦମ କେବଳ 'ଭ୍ୟୁ' ଏବଂ 'ସେୟାର' ବଢ଼ାଇବା ଉପରେ ଗୁରୁତ୍ୱ ଦେଉଥିବା ବେଳେ, ଅଶାଳୀନ ଏବଂ ଅପମାନଜନକ କମେଣ୍ଟ ଗୁଡ଼ିକୁ ରୋକିବାରେ ଏହା ବିଫଳ ହେଉଛି । ଯଦି ଜଣେ ଅଧିକାରୀଙ୍କୁ ନିଜ କମେଣ୍ଟ ସେକ୍ସନ ବନ୍ଦ କରିବାକୁ ପଡୁଛି, ତେବେ ଏହା ସେହି ପ୍ଲାଟଫର୍ମର ନିରାପତ୍ତା ବ୍ୟବସ୍ଥା ଉପରେ ଏକ ବଡ଼ ବିଫଳତା । ବଡି ସେମିଂ ଏବଂ ସାଇବର ବୁଲିଂ ବିରୋଧରେ କଠୋର ନିୟମ ଓ ସ୍ୱୟଂଚାଳିତ ଫିଲ୍ଟରିଂ ବ୍ୟବସ୍ଥା ରହିବା ଏକାନ୍ତ ଆବଶ୍ୟକ ।

ଏହି ଘଟଣା କେବଳ ଜଣେ ବ୍ୟକ୍ତିବିଶେଷଙ୍କ ଉପରେ ଆକ୍ରମଣ ନୁହେଁ, ବରଂ ଏହା ସମଗ୍ର ନାରୀ ଜାତିର ସମ୍ମାନ ଉପରେ ଆଘାତ । ଯଦି ଜଣେ ଶକ୍ତିଶାଳୀ ପଦବୀରେ ଥିବା ମହିଳା ସାଇବର ବୁଲିଂରୁ ରକ୍ଷା ପାଇପାରୁ ନାହାନ୍ତି, ତେବେ ଗାଁ ଗହଳିର ଜଣେ ସାଧାରଣ ଝିଅ ବା କର୍ମଜୀବୀ ମହିଳାଙ୍କ ସ୍ଥିତି କ'ଣ ହୋଇଥିବ ତାହା ସହଜରେ ଅନୁମେୟ । ସୋସିଆଲ ମିଡିଆରେ ଅନେକ ସମୟରେ ଲୋକମାନେ ନିଜର ପରିଚୟ ଲୁଚାଇ ଅନ୍ୟକୁ ଗାଳିଗୁଲଜ କରିବାକୁ ଏକ ଅଧିକାର ଭାବେ ଗ୍ରହଣ କରି ନେଇଛନ୍ତି । ଏହି 'ଭର୍ଚୁଆଲ ମବ୍' ବା ଡିଜିଟାଲ ଗୋଷ୍ଠୀ ଶୃଙ୍ଖଳାର ସୀମା ଲଂଘିବାକୁ ପଛାଉନାହାନ୍ତି ।

ଆମ ସମାଜରେ ମହିଳାମାନଙ୍କୁ ସର୍ବଦା ସେମାନଙ୍କର ରୂପ ଏବଂ ଶରୀର ମାଧ୍ୟମରେ ବିଚାର କରାଯାଇ ଆସିଛି । ଏହି ପୁରୁଷତାନ୍ତ୍ରିକ ମାନସିକତା ଏବେ ଡିଜିଟାଲ ମାଧ୍ୟମକୁ ବ୍ୟାପିଛି । ପିଲାମାନଙ୍କୁ ପିଲାଦିନରୁ 'ଡିଜିଟାଲ ଏଟିକ୍ସ' ବା ଇଣ୍ଟରନେଟ୍ ବ୍ୟବହାରର ସଠିକ୍ ପଦ୍ଧତି ଶିଖାଇବା ଆବଶ୍ୟକ । ଅନ୍ୟର ଶାରୀରିକ ତ୍ରୁଟି ବା ଗଠନକୁ ନେଇ କଟାକ୍ଷ କରିବା ଯେ ଏକ ଅପରାଧ ତାହା ସ୍କୁଲ ଏବଂ ପରିବାର ସ୍ତରରୁ ଶିକ୍ଷା ଦିଆଯିବା ଉଚିତ । ସାହିତ୍ୟ, କଳା ଏବଂ ମନୋରଞ୍ଜନ ମାଧମରେ ମଧ ଏହି ବାର୍ତ୍ତା ପହଞ୍ଚିବା ଦରକାର ଯେ ବ୍ୟକ୍ତିର ବ୍ୟକ୍ତିତ୍ୱ ତା'ର ଚେହେରା ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ।

ସାଇବର ଆଇନ ଅନୁଯାୟୀ କାହାକୁ ବ୍ୟକ୍ତିଗତ ଭାବେ ଆକ୍ରମଣ କରିବା ବା ଅଶାଳୀନ ମନ୍ତବ୍ୟ ଦେବା ଏକ ଅପରାଧ । କିନ୍ତୁ କେବଳ ଆଇନ ଦ୍ୱାରା ଏହାକୁ ରୋକାଯାଇ ପାରିବନାହିଁ । ଏଥିପାଇଁ ସାମାଜିକ ସଚେତନତା ଜରୁରୀ । ବଡି ସେମିଂ କରୁଥିବା ବ୍ୟକ୍ତିମାନେ ବୁଝିବା ଉଚିତ ଯେ ପ୍ରତ୍ୟେକ ବ୍ୟକ୍ତିର ଶରୀର ଭିନ୍ନ ଏବଂ ସେଥିପାଇଁ ସେମାନଙ୍କୁ ପରିହାସ କରିବା ଜଣେ ସୁସ୍ଥ ମନୁଷ୍ୟର ଲକ୍ଷଣ ନୁହେଁ । ବିଶେଷ କରି ମହିଳାମାନଙ୍କୁ ସେମାନଙ୍କ ପୋଷାକ କିମ୍ବା ରୂପକୁ ନେଇ ବିଚାର କରିବା ବନ୍ଦ କରି ସେମାନଙ୍କ କାମ ଏବଂ ଚିନ୍ତାଧାରାକୁ ସମ୍ମାନ ଦେବା ଶିଖିବାକୁ ହେବ । ସରକାର ଏବଂ ସାଇବର ପୋଲିସ ସେଲ୍ ଏଭଳି ଟ୍ରୋଲର୍ସଙ୍କୁ ଚିହ୍ନଟ କରି କଠୋର ଦଣ୍ଡ ବିଧାନ କରିବା ଉଚିତ, ଯାହାଫଳରେ ଅନ୍ୟମାନେ ଏଭଳି କାର୍ଯ୍ୟ କରିବା ପୂର୍ବରୁ ଦଶଥର ଭାବିବେ ।

ସୋସିଆଲ ମିଡିଆ ଆମକୁ ଯୋଡ଼ିବା ପାଇଁ ଉଦ୍ଦିଷ୍ଟ ଥିଲା, କାହାକୁ ମାନସିକ ଆଘାତ ଦେବା ପାଇଁ ନୁହେଁ । ମହିଳା ଆଇପିଏସ ଅଧିକାରୀଙ୍କ ସହିତ ଘଟିଥିବା ଏହି ଘଟଣା ଆମ ପାଇଁ ଏକ ଚେତାବନୀ । ଡିଜିଟାଲ ସାକ୍ଷରତା ସହିତ 'ଡିଜିଟାଲ ସଂସ୍କାର' ଶିକ୍ଷା ଦେବାର ସମୟ ଆସିଯାଇଛି । ଯେ ପର୍ଯ୍ୟନ୍ତ ଆମେ ଅନଲାଇନ୍ ପ୍ଲାଟଫର୍ମରେ ପରସ୍ପରର ମର୍ଯ୍ୟାଦା ରକ୍ଷା କରିବା ନ ଶିଖିଛୁ, ସେ ପର୍ଯ୍ୟନ୍ତ କୌଣସି ବି ବୈଷୟିକ ପ୍ରଗତି ଆମକୁ ଏକ ସଭ୍ୟ ସମାଜ ଭାବେ ଗଢ଼ି ପାରିବ ନାହିଁ । ଜଣେ ମହିଳା ଆଇପିଏସ ଅଧିକାରୀଙ୍କୁ ତାଙ୍କର ଦକ୍ଷତା ପାଇଁ ସଲାମ କରିବା ପରିବର୍ତ୍ତେ ତାଙ୍କୁ ବଡି ସେମିଂ କରିବା ଆମ ସମାଜର ମାନସିକ ଦାରିଦ୍ର୍ୟକୁ ହିଁ ପ୍ରଦର୍ଶନ କରୁଛି । ଏହି ବିଷାକ୍ତ ପରିବେଶର ସଂସ୍କାର କରିବା ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ ।

ଗଞ୍ଜାମ,ମୋ:୭୭୮୭୦୦୧୦୦୧

# ପଖାଳ : ଓଡ଼ିଆ ଖାଦ୍ୟ ସଂସ୍କୃତି, ପୋଷଣ ବିଜ୍ଞାନ ଓ ସ୍ଥାୟୀ ଜୀବନଶୈଳୀ

**ଡ. ସୁନୀତି ମୁଣ୍ଡ**

ଖାଦ୍ୟ କେବଳ ଜୀବନଧାରଣର ଉପାୟ ନୁହେଁ; ଏହା ଏକ ସମାଜର ସଂସ୍କୃତି, ପରମ୍ପରା ଓ ପରିବେଶ ସହିତ ତାହାର ଗଭୀର ସମ୍ପର୍କର ପ୍ରତିବିମ୍ବ । ଏହି ପରିପ୍ରେକ୍ଷୀରେ ଓଡ଼ିଶାର ପାରମ୍ପରିକ ଖାଦ୍ୟ ପଖାଳ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅସ୍ତିତ୍ୱ ରଖେ। ପ୍ରତିବର୍ଷ ୨୦ ମାର୍ଚ୍ଚରେ ପାଳିତ ପଖାଳ ଦିବସ ଆମର ଖାଦ୍ୟ ପରମ୍ପରାକୁ ସ୍ମରଣ କରିବା ସହିତ ଏହାକୁ ଆଗକୁ ନେବାର ଆମ ସଭିଁଙ୍କର ଏକ ସାମୂହିକ ପ୍ରୟାସ।

ପ୍ରଥମେ, ଯଦି ଆମେ ପଖାଳର ଐତିହାସିକ ଓ ସାଂସ୍କୃତିକ ମୂଳକୁ ଦେଖିବା, ତେବେ ଏହା ଓଡ଼ିଶାର କୃଷିନିର୍ଭର ସମାଜ ସହ ଗଭୀର ଭାବରେ ଜଡିତ । ଗରମ ଓ ଆର୍ଦ୍ର ଜଳବାୟୁରେ ଶରୀରକୁ ଶୀତଳ ରଖିବା ଓ ଶକ୍ତି ଯୋଗାଇବା ପାଇଁ ପଖାଳ ଏକ ପ୍ରାକୃତିକ ଉପାୟ ଭାବେ ବିକଶିତ ହୋଇଛି। ଏହା କେବଳ ଏକ ଖାଦ୍ୟ ନୁହେଁ, ବରଂ



ଏକ ଜୀବନଶୈଳୀ; ଏକ ପାରିବାରିକ ଓ ସାମୂହିକ ଅନୁଭବ।

ଦ୍ୱିତୀୟତଃ, ପଖାଳର ପୋଷଣ ଓ ସ୍ୱାସ୍ଥ୍ୟ ଦିଗକୁ ଦେଖିଲେ, ଏହା ଏକ ଖମିରିତ ଖାଦ୍ୟ। ଖମିରଣ ପ୍ରକ୍ରିୟା ଦ୍ୱାରା ଏଥିରେ ଉପକାରୀ ବ୍ୟାକଟେରିଆ ଉତ୍ପନ୍ନ ହୁଏ, ଯାହା ପାଚନ ପ୍ରଣାଳୀକୁ ସୁଦୃଢ଼ କରେ। ଏହା ଶରୀରକୁ ଶୀତଳତା ଓ ଜଳୀୟତା ପ୍ରଦାନ କରିଥାଏ, ବିଶେଷକରି ଗ୍ରୀଷ୍ମ ଋତୁରେ ଏହାର ମହତ୍ତ୍ୱ ବଢ଼ିଯାଏ। ଯଦି ଆମେ ଏହାକୁ ଶାଗ, ସବୁଜପରିବା, ଡାଲି, ମାଛ ସହ ଗ୍ରହଣ କରିବା, ତେବେ ଏହା ଏକ ସନ୍ତୁଳିତ ଆହାର ଭାବେ ପରିଣତ ହୁଏ।

ତୃତୀୟତଃ, ଆଧୁନିକ ସମୟରେ ଫୁଡ୍ ବିଷୟରେ ବହୁତ ଆଲୋଚନା ହେଉଛି। ଏହି ପରିପ୍ରେକ୍ଷୀରେ ପଖାଳ ଏକ ଉତ୍କୃଷ୍ଟ ଉଦାହରଣ। ଏହା ଅବଶିଷ୍ଟ ଭାତକୁ ପୁନଃ ବ୍ୟବହାର କରି ଖାଦ୍ୟ ଅପଚୟକୁ କମାଏ। ଏହା ସ୍ଥାନୀୟ କୃଷିକୁ ସମର୍ଥନ କରେ ଓ ଅତ୍ୟନ୍ତ କମ୍ ଉର୍ଜାରେ ପ୍ରସ୍ତୁତ ହୁଏ। ଏହା ଆମକୁ ଶିଖାଏ ଯେ ପାରମ୍ପରିକ ଜ୍ଞାନ କେତେ ସହଜ ଓ ପରିବେଶ-ଅନୁକୂଳ ହୋଇପାରେ।

ଚତୁର୍ଥତଃ, ପଖାଳ ଦିବସର ସାମାଜିକ ଓ ସାଂସ୍କୃତିକ ପ୍ରଭାବ ମଧ ଅତ୍ୟନ୍ତ ଗଭୀର। ଏହା ନୂତନ ପିଢ଼ିକୁ ନିଜ ସଂସ୍କୃତି ସହ ଯୋଡ଼େ, ପାରମ୍ପରିକ ଖାଦ୍ୟ ପ୍ରତି ଆଗ୍ରହ ବଢ଼ାଏ ଓ ପ୍ରବାସୀ ଓଡ଼ିଆମାନଙ୍କୁ ଏକ ସାଧାରଣ ସାଂସ୍କୃତିକ ସୂତ୍ରରେ ବାନ୍ଧେ। ଏହା ଏକ ସାଂସ୍କୃତିକ ପୁନର୍ଜାଗରଣର ଆନ୍ଦୋଳନ ଭାବେ ଦେଖାଯାଏ।

ଶେଷରେ, କହି ରଖେ ଯେ ; ପଖାଳ କେବଳ ଏକ ଖାଦ୍ୟ ନୁହେଁ; ଏହା ଜଳବାୟୁ ଅନୁକୂଳ ଜୀବନଶୈଳୀ, ପୋଷଣ ବିଜ୍ଞାନ ଓ ସାମାଜିକ ସଂସ୍କୃତିର ଏକ ସୁନ୍ଦର ସମନ୍ୱୟ। ଆମେ ଏହିପରି ପାରମ୍ପରିକ ଖାଦ୍ୟ ପ୍ରଣାଳୀକୁ ସୁରକ୍ଷିତ ରଖିବା ସହିତ ଏହାକୁ ଆଗାମୀ ପିଢ଼ି ପାଇଁ ପ୍ରଚାର ପ୍ରସାର କରିବାର ଅଧିକ ଆବଶ୍ୟକ ନିତାନ୍ତ ଭାବେ ରହିଛି।

ମୋ : ୯୭୭୮୩୧୧୫୩୩

# ସୁସ୍ଥ ମୁଖ, ସୁଖୀ ଜୀବନ

**ଡାକ୍ତର ଅଶୋକ କୁମାର ମହାନ୍ତି**

“ ଏକ ଉଜ୍ଜ୍ୱଳ ଏବଂ ସୁସ୍ଥହସ କେବଳ ସୌନ୍ଦର୍ଯ୍ୟର ଏକ ଲକ୍ଷଣ ନୁହେଁ; ମୌଖିକ ସ୍ୱାସ୍ଥ୍ୟ ସାଧାରଣ ସ୍ୱାସ୍ଥ୍ୟ ପାଇଁ ଅବିଚ୍ଛେଦ୍ୟ, ଏବଂ ଆମେ ମୌଖିକ ସ୍ୱାସ୍ଥ୍ୟ ବିନା ସୁସ୍ଥ ରହିପାରିବୁ ନାହିଁ, ଯାହା ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଖରାପ ମୁଖ ସ୍ୱାସ୍ଥ୍ୟ ହୃଦ୍‌ରୋଗ, ଷ୍ଟ୍ରୋକ, ନିମୋନିଆ, ମଧୁମେହ, ଆଲଜାଇମର ରୋଗ ଏବଂ ଗର୍ଭବତୀ ମହିଳାମାନଙ୍କ ମଧ୍ୟରେ ପ୍ରସବର ଯଥେଷ୍ଟ ସମୟ ପୂର୍ବରୁ ତଥାକମ୍ ଓଜନର ଶିଶୁ ପ୍ରସବ ହେବାର ବିପଦ ସହିତ ଜଡିତ।

ଏକ ସୁସ୍ଥ ହସ କେବଳ ଶାରୀରିକ ପରିବର୍ତ୍ତନ ଆଣେ ନାହିଁ ବରଂ ଭାବପ୍ରବଣ ସ୍ୱାସ୍ଥ୍ୟରେ ମଧ ସକାରାତ୍ମକ ପରିବର୍ତ୍ତନ ଆଣେ। ମୁଖ ସ୍ୱାସ୍ଥ୍ୟ ଅର୍ଥ ହେଉଛି ଆପଣଙ୍କ ଦାନ୍ତ, ମାଢ଼ି, ଜିଭ ଏବଂ ସମ୍ପୂର୍ଣ୍ଣ ମୁଖକୁ ସଫା ଏବଂ ରୋଗମୁକ୍ତ ରଖିବା। ଆପଣଙ୍କ ମୁଖ ସ୍ୱାସ୍ଥ୍ୟକୁ ସୁରକ୍ଷା ଦେବା ପାଇଁ, ପ୍ରତିଦିନ ଭଲ ଭାବରେ ମୁଖ ପରିଷ୍କାର ଅଭ୍ୟାସ କରନ୍ତୁ।

ବିଶ୍ୱ ମୁଖ ସ୍ୱାସ୍ଥ୍ୟ ସଚେତନତା ଅଭିଯାନର ଏକ ଅଂଶ ଭାବରେ, ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖରେ ଏଫଡିଆଇ ୱାର୍ଲ୍ଡ ଡେଣ୍ଟାଲ୍ ଫେଡେରେସନ୍ ଦ୍ୱାରା ପ୍ରତିଷ୍ଠିତ ବିଶ୍ୱ ମୁଖ ସ୍ୱାସ୍ଥ୍ୟ ଦିବସକୁ ସୁସ୍ଥ ଦାନ୍ତ ଏବଂ ମାଢ଼ି ବଜାୟ ରଖିବାର ଗୁରୁତ୍ୱକୁ ସ୍ମରଣ କରାଇବା ପାଇଁ ଏବଂ ପାଟିର ସ୍ୱାସ୍ଥ୍ୟ ତଥା ସ୍ୱଚ୍ଛତା ପ୍ରତି ଲୋକଙ୍କୁ ସଚେତନ କରିବା ପାଇଁ ପାଳନ କରାଯାଏ, ଏହି ଦିବସକୁ ମୁଖ ସ୍ୱାସ୍ଥ୍ୟ ସୂଚକଗୁଡ଼ିକୁ ପ୍ରତିଫଳିତ କରିବା ପାଇଁ ବାଛି ନିଆଯାଇଥିଲା - ସୁସ୍ଥ ବୟସ୍କଙ୍କ ଜୀବନର ଶେଷ ଭାଗରେ ୨୦ ଟି ପ୍ରାକୃତିକ ଦାନ୍ତ ରହିବା ଉଚିତ । ପିଲାମାନଙ୍କ ପାଇଁ ୨୦ ଟି ଶିଶୁ ଦାନ୍ତ ରହିବା ଉଚିତ। ୨୦୨୬ ମସିହାରେ ଏହି ଦିବସର ବିଷୟବସ୍ତୁ ହେଉଛି: ଏକ ସୁସ୍ଥ ପାଟି ହେଉଛି ଏକ ସୁଖୀ ଜୀବନ , ଯାହା ଆଲୋକିତ କରେ ଯେ ଭଲ ମୁଖ ସ୍ୱାସ୍ଥ୍ୟ ପ୍ରତ୍ୟେକ ବୟସରେ ସାମଗ୍ରିକ ସୁସ୍ଥତା, ଆତ୍ମବିଶ୍ୱାସ ଏବଂ ଜୀବନର ଗୁଣବତ୍ତା ପାଇଁ ମୌଳିକ।

ମୁଖଗହ୍ୱର ସ୍ୱାସ୍ଥ୍ୟ ସମସ୍ତ ଶରୀରର ସ୍ୱାସ୍ଥ୍ୟର ପ୍ରତିବିମ୍ବ । ବିଶ୍ୱ ସ୍ତରରେ ୩.୫ ବିଲିୟନ ଲୋକ ପ୍ରଭାବିତ ହେଉଥିବାରୁ,ମୁଖ ପରିଷ୍କାର ପରିଚ୍ଛନ୍ନତାକୁ ପ୍ରାଥମିକତା ଦେବା , ଦୀର୍ଘକାଳୀନ ରୋଗକୁ ରୋକିଥାଏ, ଆତ୍ମବିଶ୍ୱାସକୁ ବୃଦ୍ଧି କରିଥାଏ ଏବଂ ଜୀବନର ଗୁଣବତ୍ତା ଉନ୍ନତ କରିଥାଏ ।ସୁସ୍ଥ ହସ ବଜାୟ ରଖିବା ପାଇଁ ମୁଖ ପରିଷ୍କାର ପରିଚ୍ଛନ୍ନତା ଅଭ୍ୟାସ ଏବଂ ସୁସ୍ଥ ଜୀବନଶୈଳୀ ପସନ୍ଦର ମିଶ୍ରଣ ଜଡିତ। ଏକ ଉଜ୍ଜ୍ୱଳ ଏବଂ ସୁସ୍ଥହସ କେବଳ ସୌନ୍ଦର୍ଯ୍ୟର ଏକ ଲକ୍ଷଣନୁହେଁ; ମୌଖିକ ସ୍ୱାସ୍ଥ୍ୟ ସାଧାରଣ ସ୍ୱାସ୍ଥ୍ୟ ପାଇଁ ଅବିଚ୍ଛେଦ୍ୟ, ଏବଂ ଆମେ ମୌଖିକ ସ୍ୱାସ୍ଥ୍ୟବିନା ସୁସ୍ଥ ରହିପାରିବୁ ନାହିଁ, ଯାହା ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଖରାପ ମୁଖ ସ୍ୱାସ୍ଥ୍ୟ ହୃଦ୍‌ରୋଗ, ଷ୍ଟ୍ରୋକ, ନିମୋନିଆ, ମଧୁମେହ, ଆଲଜାଇମର ରୋଗ ଏବଂ ଗର୍ଭବତୀ ମହିଳାମାନଙ୍କ ମଧରେପ୍ରସବର ଯଥେଷ୍ଟ ସମୟ ପୂର୍ବରୁ ତଥାକମ୍ ଓଜନର ଶିଶୁ ପ୍ରସବ ହେବାର ବିପଦ ସହିତ ଜଡିତ।

ବିଶ୍ୱ ମୁଖ ସ୍ୱାସ୍ଥ୍ୟ ଦିବସରେ, ଆସନ୍ତୁ ଆମର ହସକୁ ପ୍ରାଥମିକତା ଦେବାକୁ ପ୍ରତିଜ୍ଞା କରିବା ଏବଂ ସୁସ୍ଥ ଦାନ୍ତ ତଥାମାଢ଼ିର ଗୁରୁତ୍ୱ ବିଷୟରେ ସଚେତନତା ପ୍ରସାର କରିବା। ଭଲ ମୁଖ ପରିଷ୍କାର ପରିଚ୍ଛନ୍ନତା ମଧୁମେହ, ହୃଦ୍ ସମସ୍ୟା ଏବଂ ମାନସିକ ସୁସ୍ଥତାକୁ ମଧ ପ୍ରଭାବିତ କରିପାରେ। ଏକ ସୁସ୍ଥ ହସ କେବଳ ଶାରୀରିକ ପରିବର୍ତ୍ତନ ଆଣେ ନାହିଁ ବରଂ ଭାବପ୍ରବଣ ସ୍ୱାସ୍ଥ୍ୟରେ ମଧ ସକାରାତ୍ମକ ପରିବର୍ତ୍ତନ ଆଣେ। ମୁଖ ସ୍ୱାସ୍ଥ୍ୟ ଅର୍ଥ ହେଉଛି ଆପଣଙ୍କ ଦାନ୍ତ, ମାଢ଼ି, ଜିଭ ଏବଂ ସମ୍ପୂର୍ଣ୍ଣ ମୁଖକୁ ସଫା ଏବଂ ରୋଗମୁକ୍ତ ରଖିବା। ଆପଣଙ୍କ ମୁଖ ସ୍ୱାସ୍ଥ୍ୟକୁ ସୁରକ୍ଷା ଦେବା ପାଇଁ, ପ୍ରତିଦିନ ଭଲ ଭାବରେ ମୁଖ ପରିଷ୍କାର ଅଭ୍ୟାସ କରନ୍ତୁ।



ପ୍ରତ୍ୟେକ ଖାଦ୍ୟ ପରେ ଆପଣଙ୍କ ଦାନ୍ତ ଘଷନ୍ତୁ, ଯଦି ସମ୍ଭବ ନୁହେଁ ତେବେ ଦିନକୁ ଅତି କମ୍‌ରେ ଦୁଇଥର (ସକାଳେ ଏବଂ ରାତିରେ ଶୋଇବା ପୂର୍ବରୁ) ଫ୍ଲୋରାଇଡ୍ ଟୁଥପେଷ୍ଟ ବ୍ୟବହାର କରି ନରମ ବ୍ରଶ୍ ସହିତ ଦୁଇ ମିନିଟ୍ ପାଇଁ ଦାନ୍ତ ଘଷନ୍ତୁ , ଯାହା ଦ୍ୱାରା ପ୍ଲାକ୍ ଏବଂ ଖାଦ୍ୟ କଣିକା ଦୂର ହୋଇପାରିବ।

ମାଢ଼ି ତଳୁ ଏବଂ ଦାନ୍ତ ମଧରେ ପ୍ଲାକ୍ ଏବଂ ଖାଦ୍ୟ ପଦାର୍ଥ ବାହାର କରିବା ପାଇଁ ପ୍ରତିଦିନ ଆପଣଙ୍କ ଦାନ୍ତ ଫ୍ଲସ୍ କରନ୍ତୁ।

ଦାନ୍ତ ଘଷିବା ଏବଂ ଫ୍ଲସ୍ କରିବା ପରେ ଛାଡିଯାଇଥିବା ଖାଦ୍ୟ କଣିକାଗୁଡ଼ିକୁ ବାହାର କରିବା ପାଇଁ ମାଉଥୱାସ୍ ବ୍ୟବହାର କରନ୍ତୁ।

ଜିଭକୁ ବ୍ରଶ୍ କରନ୍ତୁ କାରଣ ମୁଖ ଗହ୍ୱରରେ ଥିବା ସମସ୍ତ ଜୀବାଣୁର ଦୁଇ-ତୃତୀୟାଂଶ ଜିଭ ସହିତ ସଂଲଗ୍ନ ଥାଏ ଏବଂ ମାଢ଼ିକୁ ଆଙ୍ଗୁଠି ସାହାଯ୍ୟରେ ମାଲିସ କରନ୍ତୁ , ଯାହା ମାଢ଼ିର ରକ୍ତ ସଞ୍ଚାଳନକୁ ବୃଦ୍ଧି କରିଥାଏ ।

ପ୍ରତି ତିନି ମାସ କିମ୍ବା ତା'ପୂର୍ବରୁ ଆପଣଙ୍କ ଟୁଥବ୍ରଶ୍ ପରିବର୍ତ୍ତନ କରନ୍ତୁ, ଅଥବା ଯଦି ବ୍ରସ୍‌ର ବ୍ରିଷଲ୍ ନଷ୍ଟ ହୋଇଯାଏ,କିମ୍ବା ଆପଣଙ୍କୁ ଥଣ୍ଡା, ଫ୍ଲୁ , ଅଥବା ପାଟିରେ ଘା' ହୋଇଥାଏ,ତେବେ ମଧ ଆପଣଙ୍କ ଟୁଥବ୍ରଶ୍ ପରିବର୍ତ୍ତନ କରନ୍ତୁ, କାରଣ ବ୍ରସ୍‌ର ବ୍ରିଷ୍ଟଲ୍ସ ଜୀବାଣୁ ସଂଗ୍ରହ କରିପାରେ ଯାହା ପୁନଃ ସଂକ୍ରମଣର କାରଣ ହୋଇପାରେ।

ପାଟି ଶୁଷ୍କ ନ ହେବାପାଇଁ ପ୍ରଚୁର ପାଣି ପିଅନ୍ତୁ।

ଏକ ସୁସ୍ଥ ସନ୍ତୁଳିତ ଖାଦ୍ୟ ଯଥା ଫଳ, ପନିପରିବା, ଶସ୍ୟ, କ୍ଷୀର, କ୍ଷୀରଜାତ ଦ୍ରବ୍ୟ, ମାଂସ, ମାଛ ଏବଂ ଅଣ୍ଡା ସହିତ ଭିଟାମିନ୍ ଇ, ଉ, ଊ,କ୍ୟାଲସିୟମ ଓ ଫସଫରସ୍‌ଯୁକ୍ତ ଖାଦ୍ୟ ଉପରେ ଧ୍ୟାନ ଦିଅନ୍ତୁ ଏବଂ ଅଧିକମିଠା ଯୁକ୍ତ ଖାଦ୍ୟ ତଥା ପାନୀୟ ସୀମିତ କରନ୍ତୁ।

ଖାଦ୍ୟ ମଧରେ ମିଠା କିମ୍ବା ଚିକ୍କଣଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ ।

ନିୟମିତ ଦନ୍ତ ଯାଞ୍ଚ ,ସଫା କରିବା ପାଇଂ ଏବଂ ମୁଖ ସମସ୍ୟାର ପ୍ରାରମ୍ଭିକ ଚିହ୍ନଟ ପାଇଁ ନିୟମିତ ଭାବରେ ପ୍ରତି ଛଅ ମାସରେ ଆପଣଙ୍କ ଦନ୍ତ ଶଲ୍ୟ ଚିକିତ୍ସକଙ୍କ ସହିତ ସମୟସୂଚୀ ନିର୍ଦ୍ଧାରଣ କରନ୍ତୁ।

ମୁଖ କର୍କଟ, ମାଢି ରୋଗ ଏବଂ ଦାନ୍ତକ୍ଷତିର ବିପଦ ହ୍ରାସ କରିବା ପାଇଁ ବିଭିନ୍ନ ତମାଖୁ ସମ୍ବନ୍ଧୀୟ ବ୍ୟବହାର ବର୍ଜନ କରିବା ସହିତ ମଦ୍ୟପାନକୁ ନିରୁତ୍ସାହିତ କରନ୍ତୁ।

ଆସନ୍ତୁ 'ସୁସ୍ଥ ମୁଖ, ସୁଖୀ ଜୀବନ'କୁ କେବଳ ଏକ ସ୍ଲୋଗାନ ନୁହେଁ, ବରଂ ଏହାକୁ ଏକ ଆନ୍ଦୋଳନ କରିବା। ଏହା ଆପଣଙ୍କ ଦୀର୍ଘାୟୁ ଏବଂ ଦୀର୍ଘକାଳୀନ ସ୍ୱାସ୍ଥ୍ୟର ଏକ ବିନିଯୋଗ। ପ୍ରତିରୋଧକ ଯତ୍ନ ଆପଣଙ୍କ ମୁଖ ଏବଂ ଶରୀରକୁ ଖୁସି ରଖିବାର ସବୁଠାରୁ ପ୍ରଭାବଶାଳୀ ଉପାୟ।

ମାଟିମଣ୍ଡପ ସାହି, ପାଟଣା ଲେନ୍,
ପୁରୀ ଟାଉନ୍
ମୋ-୯୨୩୪୬୬୭୫୪୬

21.03.2026.pmd 1 3/19/2026, 5:36 PM

## ୧୫୦ କେଜି ଗଞ୍ଜେଇ ଜବତ, ୨ ଗିରଫ

ଖୋର୍ଦ୍ଧା/ନିରାକାରପୁର ୧ ୯ ।୩ (ନିପ୍ର): ଖୋର୍ଦ୍ଧା ଜିଲ୍ଲା ଅବକାରୀ ମୋବାଇଲ୍ ୟୁନିଟ୍‌କୁ ମିଳିଛି ଏକ ବଡ଼ ସଫଳତା । ବେଗୁନିଆ ଅଞ୍ଚଳରେ ଚଢ଼ାଉ କରି ବିପୁଳ ପରିମାଣର ଗଞ୍ଜେଇ ଜବତ କରିବା ସହ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ବେଗୁନିଆ ଥାନା ଅନ୍ତର୍ଗତ ପୋଷ୍ଟାଲ ଛକ ନିକଟରେ ଅବକାରୀ ବିଭାଗ ପକ୍ଷରୁ ଏହି ଚଢ଼ାଉ କରାଯାଇଥିଲା । ଫୁଲବାଣୀରୁ ଭୁବନେଶ୍ୱର ଅଭିମୁଖେ ଏକ ମାରୁତି ସୁଜୁକି ଜି-ଭିଟାରା କାରରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ବିଭାଗୀୟ ଟିମ୍ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ।ଗିରଫ ହୋଇଥିବା ଦୁଇଜଣ ବ୍ୟକ୍ତି ହେଲେ ସୁନୀଲ କୁମାର ଦିଗାଲ (୩୦), ପିତା- ପ୍ରକାଶ ଦିଗା, ଦେବରାଜ ଦିଗାଲ (୨୩), ପିତା- ଭଜବ ଦିଗାଲ ।ଉଭୟଙ୍କ ଘର କନ୍ଧମାଳ ଜିଲ୍ଲା ବିସିଆପଡା ସଦର ଥାନା ଅନ୍ତର୍ଗତ ବୋଇଡା ଗ୍ରାମରେ । ୬ଟି ଧଳା ରଙ୍ଗର ଜରି ବସ୍ତାରେ ପ୍ରତ୍ୟେକ ବସ୍ତାରେ ୨୫ କେଜି ଲେଖାଏଁ ମୋଟ ୧୫୦ କେଜି ଗଞ୍ଜେଇ ରହିଥିଲା ।ଏକ ଧଳା ରଙ୍ଗର ମାରୁତି ସୁଜୁକି ଗ୍ରାଣ୍ଡ ଭିଟାରା କାର୍ । ଦୁଇଟି ରିଅଲ୍ ମି ସ୍ମାର୍ଟଫୋନ୍ ଜବତ ହୋଇଛି ।ଖୋର୍ଦ୍ଧା ଜିଲ୍ଲା ଅବକାରୀ ମୋବାଇଲ୍ ୟୁନିଟ୍‌ର ଆଇ.ଆଇ.ସି. ତପସ୍ୱିନୀ ବରାଳଙ୍କ ନେତୃତ୍ୱରେ ଏହି ଚଢ଼ାଉରେ ଏସ.ଆଇ ମିତ୍ରବିନ୍ଦା ପରିଡ଼ା, ଏ.ଏସ.ଆଇ ସଞ୍ଜୟ କୁମାର ରାଉତ, ଜିତେନ୍ଦ୍ର ହେମ୍ବ୍ରମ୍ ଏବଂ ବେଗୁନିଆ ଅବକାରୀ ଥାନାର କର୍ମଚାରୀମାନେ ସାମିଲ ଥିଲେ ।

## ପ୍ରେସ କ୍ଲବ୍ ପକ୍ଷରୁ ରେଢ଼ାଖୋଲ ନୂତନ ଥାନା ଅଧିକାରୀଙ୍କ ସହିତ ସାକ୍ଷାତ

ରେଢ଼ାଖୋଲ, ୧ ୯ ।୩ (ନିପ୍ର): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଥାନା ପରିସରରେ ରେଢ଼ାଖୋଲ ଥାନାରେ ନୂତନ ଭାବେ ଯୋଗ ଦେଇଥିବା ଥାନା ଅଧିକାରୀ ସନୟ କୁମାର ନାଏକଙ୍କ ସହିତ ରେଢ଼ାଖୋଲ ପ୍ରେସ କ୍ଲବ୍ ପକ୍ଷରୁ ସାମ୍ବାଦିକମାନଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତକାର ହୋଇଯାଇଛି । ନୂତନ ରେଢ଼ାଖୋଲ ଥାନା ଅଧିକାରୀ ଶ୍ରୀ ନାଏକ ପୂର୍ବରୁ ହୀରାକୁଦ ଥାନାରେ କାର୍ଯ୍ୟରତ ରହିଥିଲେ । ସେଠାରୁ ଆସି ରେଢ଼ାଖୋଲ ଥାନାରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ସାମ୍ବାଦିକମାନଙ୍କ ସହିତ ସାକ୍ଷାତକାର ବେଳେ ଥାନା ଅଧିକାରୀ କହିଥିଲେ ଯେ ରେଢ଼ାଖୋଲ ଥାନା ଅଞ୍ଚଳର ସାଧାରଣ ଲୋକଙ୍କ ପାଖରେ ପୋଲିସ ସେବା ପହଞ୍ଚାଇବା କର୍ତ୍ତବ୍ୟରେ ଅବହେଳା ହେବ ନାହିଁ । ତା ସହିତ ଅପରାଧୀ ମୂଳକ କାର୍ଯ୍ୟକଳାପକୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ଏହି ସୌଜନ ମୂଳକ ସାକ୍ଷାତକାର ବେଳେ ଥାନା ଅଧିକାରୀ ସନୟ କୁମାର ନାଏକଙ୍କ ସହିତ ପ୍ରେସ କ୍ଲବ୍ ସଭାପତି ଶଙ୍କର ପୃଷ୍ଟି, ସମ୍ପାଦକ ତପନ କୁମାର ବିଶ୍ୱାଳ, ଉପଦେଷ୍ଟା ଜୟନ୍ତ ଖଡିରତ୍ନ, ସୁଶାନ୍ତ ନାଗ, ଅନିଲ ପୃଷ୍ଟି, ସୁଧୀର ସୁନା, ରଶ୍ମିତା ରାଉତ, ଗଜାନନ ଭେସରା, ମଦନ ବେହେରା, ସରୋଜ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ପାରିବାରିକ କଳହ ଯୋଗୁଁ ଦେହରେ ନିଆଁ ଲଗାଇ ମୃତ୍ୟୁବରଣ କଲେ ମହିଳା

ପିପିଲି, ୧ ୯ ।୩ (ନିପ୍ର); ବଳଙ୍ଗା ଥାନା ଅନ୍ତର୍ଗତ ଦୁବ ପାଟଣା ଗ୍ରାମରେ ଜଣେ ମହିଳା ପାରିବାରିକ କଳହକୁ କେନ୍ଦ୍ରକରି ଜଣେ ମହିଳା ନିଜ ଦେହରେ କିରୋସିନି ଢ଼ାଳି ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି । ମୃତ ମହିଳା ହେଲେ କେତକୀ ପାଟଣା ଅଞ୍ଚଳର ଭରତ ସାହୁଙ୍କ ପତ୍ନୀ ରଶ୍ମି ସାହୁ । ଖବର ପାଇ ବଳଙ୍ଗା ଥାନା ଅଧିକାରୀ ସସ୍ମିତା ସାହୁ ଓ ପିପିଲି ଡିଏସପି ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇ ତଦନ୍ତ ଜାରି ରଖିଛନ୍ତି । ସୂଚନା ମୁତାବକ ଭରତ ଓ ରଶ୍ମି ପରସ୍ପରକୁ ଭଲ ପାଇ ପ୍ରେମ ବିବାହ କରିଥଲେ । ବର୍ତ୍ତମାନ ଉଭୟଙ୍କର ୨ ଟି କନ୍ୟା ସନ୍ତାନ ଅଛନ୍ତି । ପାରିବାରିକ କଳହକୁ ନେଇ ମଙ୍ଗଳ ବାର ରାତିରେ ରଶ୍ମି ଏଭଳି ଚରମ ନିଷ୍ପତ୍ତି ନେଇ ନିଜ ଦେହରେ କିରୋସିନି ଢ଼ାଳି ନିଆଁ ଲଗାଇ ଦେଇଥିଲେ ବୋଲି କୁହାଯାଉଛି । ନିଆଁ ଲାଗିବାରୁ ରଶ୍ମି ଚିତ୍କାର କରିଥଲେ । ପାଟିଶୁଣି ପରିବାର ଲୋକେ ଓ ଗ୍ରାମର ଲୋକମାନେ ଆସି ନିଆଁ ଲିଭାଇ ଥିଲେ । ସେତେବେଳକୁ ରଶ୍ମିଙ୍କ ଶରୀର ସମ୍ପୂର୍ଣ୍ଣ ପୋଡ଼ି ଯାଇଥିଲା ଓ ସେ ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଥିଲେ । ଅପର ପକ୍ଷରେ ରଶ୍ମିଙ୍କ ସାନ ଭାଇ ଏହି ଘଟଣାରେ ଭିଣୋଇଙ୍କୁ ଦୋଷମୁକ୍ତ କରି କହିଛନ୍ତି ରଶ୍ମିତାଙ୍କ ମୃତ୍ୟୁରେ ତାଙ୍କ ଶାଶୁଘର ଲୋକେ ଦାୟୀ ନୁହନ୍ତି ବୋଲି ପୋଲିସ ଆଗରେ କହିଛନ୍ତି । ଏନେଇ ବଳଙ୍ଗା ପୋଲିସ ପକ୍ଷରୁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ।

## କୁଆପଥର ବର୍ଷାରେ ଫସଲ ନଷ୍ଟ

ପାପଡାହାଣ୍ଡି, ୧ ୯ ।୩ (ନିପ୍ର); ଗତକାଲି ପାପଡାହାଣ୍ଡି ବ୍ଲକରେ ହୋଇଥିବା କୁଆପଥର ସହିତ ବର୍ଷାରେ ପାପଡାହାଣ୍ଡି ବ୍ଲକରେ ବ୍ୟାପକ ଭାବେ ଫସଲ କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳିଛି । ନଦୀ ତଟର ସହ ସହ ହେକ୍ଟର ଜମିରେ ଚାଷୀ କରିଥିବା ଖରା ମକା ଫସଲ ବର୍ତ୍ତମାନ ଫୁଲ ବାହାରିବା ସମୟରେ କୁଆପଥର ମାଡରେ ଗଛ ଗୁଡିକ ସମ୍ପୂର୍ଣ ଭାବେ ଛାରଖାର ହୋଇଯାଇଛି । ଚାଷୀ ଧାର କରଜ କରି କରିଥିବା ଚାଷ ନଷ୍ଟ ହୋଇଯିବା ଦେଖିବା ଫଳରେ ଚାଷୀକୁଳ ଭାଙ୍ଗି ପଡି ହତାଶ ହୋଇଯାଇଛନ୍ତି । ଏଥି ସହିତ କାଜୁ, ଆମ୍ବ, ତେନ୍ତୁଳି ଏବଂ ବିଭିନ୍ନ ପ୍ରକାର ପନିପରିବା ଚାଷ ସମ୍ପୂର୍ଣ ଭାବେ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଫସଲର ସଠିକ କ୍ଷୟକ୍ଷତି ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ଚିହ୍ନଟ କରି ଉଚ୍ଚିତ ଆର୍ଥିକ ସହାୟତା ପ୍ରଦାନ କରିବାକୁ କ୍ଷତିଗ୍ରସ୍ତ ଚାଷୀ ଏବଂ ଅଞ୍ଚଳବାସୀଙ୍କ ତରଫରୁ ଦାବି ଉଠିଛି ।



## ଓଡ଼ିଆ ପକ୍ଷ ପାଳନ ନିମନ୍ତେ ପ୍ରସ୍ତୁତି

ନୟାଗଡ଼ ,୧ ୯ ।୩ (ନିପ୍ର); ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ତରଫରୁ ଆସନ୍ତା ଅପ୍ରେଲ ୧ରୁ ୧୪ ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ଓଡ଼ିଆ ନବବର୍ଷ ସମୟକୁ 'ଓଡ଼ିଆ ପକ୍ଷ ' ପାଳନ କରାଯିବାକୁ ନିର୍ଦ୍ଦେଶ ରହିଥିବାରୁ ନୟାଗଡ଼ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମ କିପରି ସୁଚାରୁରୂପେ କରାଯିବ ସେଥିପାଇଁ ଆଲୋଚନା କରାଗଲା । ଏହି ସବୁ କାର୍ଯ୍ୟକ୍ରମରେ କିପରି ଜନସାଧାରଣ ସାମିଲ ହୋଇ ପାରିବେ ସେ ବିଷୟରେ ଆଲୋଚନା କରାଗଲା । ବ୍ଲକସ୍ତରରୁ ଜିଲ୍ଲା ସ୍ତର ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟକ୍ରମ ଲୋକାଭିମୁଖୀ କରାଯିବାକୁ ସମ୍ମାନୀୟା ଜିଲ୍ଲାପାଳଙ୍କର ପରାମର୍ଶ ରହିଲା । ଏହି କାର୍ଯ୍ୟକ୍ରମରେ ଏଥିରେ ଜିଲ୍ଲା ପରିଷଦ ଅଧକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ପୌର ପରିଷଦ ଅଧକ୍ଷା, ନୟାଗଡ଼ ନିରୁପମା ଖଟେଇ ଆରକ୍ଷୀ ଅଧିକ୍ଷକ ଏସ. ସୁଶ୍ରୀ, ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ ) ରୋଜିନା ଦାସ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ) ବିଜୟାନନ୍ଦ ନାୟକ, ଉପ-ଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, , ଡେପୁଟି କଲେକ୍ଟର, ରେଡ଼କ୍ରସ ତପତି ରାଜ, ବିଡ଼ିଓ, ନିର୍ବାହୀ ଅଧିକାରୀ, ସ୍ନେହଲତା ଆଚାର୍ଯ୍ୟ, ଜିଲ୍ଲାର ସମସ୍ତ ନିର୍ବାହୀ ଅଧିକାରୀ, ଶ୍ରମ ବିଭାଗ, ଜିଲ୍ଲା କ୍ରୀଡା ଅଧିକାରୀ, ସୁଜାତା କୁମାରୀ ସାହୁ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ ।

## ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ କୋଲନାରାରୁ ୧୧୧ ଯାତ୍ରୀଙ୍କ ପୁରୀ ଯାତ୍ରା

ରାୟଗଡ଼, ୧ ୯ ।୩ (ନିପ୍ର); ଓଡ଼ିଶା ସରକାରଙ୍କ ପ୍ରଚଳିତ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନା ଅନ୍ତର୍ଗତ ରାୟଗଡ଼ ଜିଲ୍ଲାର କୋଲନାରା ବ୍ଲକରୁ ୧ ୧ ୧ ଜଣ ଯାତ୍ରୀ ୯ ଜଣ ଏସକର୍ଟ ଅଧିକାରୀଙ୍କ ସହ ଶ୍ରୀକ୍ଷେତ୍ର ପୁରୀ ଯାତ୍ରା ପାଇଁ ଆଜି ରବାନା ହୋଇଛନ୍ତି । କୋଲନାରା ବସ୍‌ଷ୍ଟାଣ୍ଡରୁ ୩ଟି ବସ୍ ମାଧ୍ୟମରେ ଏହି ପବିତ୍ର ଯାତ୍ରାର ଶୁଭାରମ୍ଭ ହୋଇଥିଲା । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ନବୀନ ଚନ୍ଦ୍ର ନାୟକ, ବିଡିଓ କୋଲନାରା ରୀନା ପ୍ରଧାନ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ , ଜିଲ୍ଲା ପରିଚାଳକ ଓଡିଶା ରାଜ୍ୟ ପାରିବହନ ନିଗମ, ପଞ୍ଚାୟତ ସମିତି କୋଲନାରା ଅଧକ୍ଷା ସଂଯୁକ୍ତା କୁଲେସିକା ଓ ପର୍ଯ୍ୟଟନ ଅଧିକାରୀ ସୁବୋଧ ଛତ୍ରୀୟା ଉପସ୍ଥିତ ରହି ଯାତ୍ରୀମାନଙ୍କୁ ଫୁଲ ଓ ଶୁଭେଚ୍ଛା ସହ ଆଶୀର୍ବାଦ ଜଣାଇଥିଲେ । ସେମାନେ ଯାତ୍ରୀମାନଙ୍କୁ ସୁଖଦ, ସୁରକ୍ଷିତ ଓ ସ୍ମରଣୀୟ ଯାତ୍ରା ପାଇଁ କାମନା କରିଥିଲେ । ସମସ୍ତ ଯାତ୍ରୀଙ୍କ ପାଇଁ ଯାତାୟାତ, ଖାଦ୍ୟ, ରହଣିଆ ଓ ଚିକିତ୍ସା ସହିତ ଆବଶ୍ୟକ ସୁବିଧା ସରକାର ପକ୍ଷରୁ ବ୍ୟବସ୍ଥା କରାଯାଇଥିବା ବେଳେ ଯାତ୍ରା ସମୟରେ ସମ୍ପୂର୍ଣ୍ଣ ନିରାପତ୍ତା ଓ ନିରୀକ୍ଷଣ ପାଇଁ ଏସକର୍ଟ ଅଧିକାରୀମାନେ ନିଯୁକ୍ତ ହୋଇଛନ୍ତି ।

## ଆବାସିକ କୋଠାରେ ଅନଧିକୃତ ହସ୍ପିଟାଲ ପରିଚାଳନା : ପ୍ରଶାସନ ପକ୍ଷରୁ ନୋଟିସ

ରାଉରକେଲା, ୧ ୯ ।୩ (ନିପ୍ର): ଛେଣ୍ଡ କଲୋନୀ ବିଏସ୍ଏନ୍ଏଲ୍ ଛକ ନିକଟରେ ଥିବା ଆବାସିକ କୋଠାରେ ଅନଧିକୃତ ଭାବେ ହସ୍ପିଟାଲ ପରିଚାଳନା ଉପରେ ରାଉରକେଲା ପ୍ରଶାସନ ପକ୍ଷରୁ ବୁଧବାର ନୋଟିସ ଜାରି କରାଯାଇଛି । ଘଟଣାରୁ ପ୍ରକାଶ ଯେ, ରାଉରକେଲାର ଛେଣ୍ଡ ଅଞ୍ଚଳର ବିଏସ୍ଏନ୍ଏଲ୍ ଛକ ଏବଂ ହନୁମାନ ମନ୍ଦିର ଛକ ମଧ୍ୟବର୍ତ୍ତୀ ମୁଖ୍ୟ ରାସ୍ତା କଡରେ ଥିବା ଆବାସିକ କୋଠାରେ ଏକ ଘରୋଇ ହସ୍ପିଟାଲକୁ ରାଉରକେଲା ପ୍ରଶାସନ ପକ୍ଷରୁ ଏକ ନୋଟିସ ଲଗାଯାଇଛି । ଯାହା ସରକାରୀ ଭୂମିର ବ୍ୟବହାର ଏବଂ କୋଠା ମାନଦଣ୍ଡ ସମ୍ବନ୍ଧୀୟ କଥିତ ଉଲ୍ଲଂଘନ ପ୍ରତି ଜନସାଧାରଣଙ୍କ ଦୃଷ୍ଟି



ଆକର୍ଷଣ କରିଛି । ସରକାରୀ ସୂତ୍ର ଅନୁଯାୟୀ, ସମ୍ପୃକ୍ତ କୋଠାଟି ମୂଳତଃ କେବଳ ଆବାସିକ ଉଦ୍ଦେଶ୍ୟରେ ମଞ୍ଜୁର କରାଯାଇଥିଲା । ତଥାପି, ଏହା ବାଣିଜ୍ୟିକ କାର୍ଯ୍ୟକଳାପ ପାଇଁ ବ୍ୟବହୃତ ହେଉଛି ବୋଲି ଜଣାଯାଇଛି । ବିଶେଷକରି ଏକ ହସ୍ପିଟାଲ ପରିଚାଳନା ପାଇଁ, ଯାହା ରାଉରକେଲା ମ୍ୟୁନିସିପାଲ କର୍ପୋରେସନ ଦ୍ୱାରା ଅନୁମୋଦିତ କୋଠା ଯୋଜନାରୁ ଏକ ବିଚ୍ୟୁତି । ଏହି ବିଷୟ ଉପରେ କର୍ତ୍ତୃପକ୍ଷ ଦୃଷ୍ଟି ଦେଇଛନ୍ତି ଏବଂ ଅନିୟମିତତା ବିଷୟରେ ଜନସାଧାରଣ ତଥା ସମ୍ପୃକ୍ତ ଅଂଶୀଦାରମାନଙ୍କୁ ଜଣାଇବା ପାଇଁ ନୋଟିସ ଜାରି କରିଛନ୍ତି । ଅନୁମୋଦିତ କୋଠା ଯୋଜନାର ପାଳନ ସୁନିଶ୍ଚିତ କରିବା ଏବଂ ଆବାସିକ ଜୋନରେ ଅନଧିକୃତ ବାଣିଜ୍ୟିକ ବ୍ୟବହାରକୁ ରୋକିବା ପାଇଁ ଏହି ପଦକ୍ଷେପ ପ୍ରୟାସର ଏକ ଅଂଶ । ପ୍ରଯୁଜ୍ୟ ନିୟମ ଏବଂ ନିୟମାବଳୀ ଅନୁଯାୟୀ ନାଗରିକ ସଂସ୍ଥା ଦ୍ୱାରା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇପାରେ ବୋଲି ସୂଚନା ମିଳିଛି ।

## ରେଳ ଓଭର ବ୍ରିଜ ଉପରେ ଦୁଇଚକିଆ ଯାନ ଚଳାଚଳକୁ ଆଂଶିକ ଅନୁମତି

ରାୟଗଡ଼ା, ୧ ୯ ।୩ (ନିପ୍ର); ରାୟଗଡା ଜିଲ୍ଲା ପ୍ରଶାସନ ଏକ ସୂଚନା ମାଧମରେ ରାୟଗଡାବାସୀ ଅବଗତ କରାଇଦେଇଛନ୍ତି ଯେ, ଜାତୀୟ ରାଜପଥ-୩୨୬ ଅନ୍ତର୍ଗତ ରାୟଗଡ଼ା ସହରର ଗୁରୁତ୍ୱପୂର୍ଣ୍ଣ ରେଳ ଓଭର ବ୍ରିଜ ଉପରେ ଆବଶ୍ୟକୀୟ ପୁନରୁଦ୍ଧାର ଓ ମରାମତି କାର୍ଯ୍ୟ ଚାଲିଥିବାରୁ ୧୦ ଜାନୁଆରୀ ୨୦୨୬ ଠାରୁ ସେତୁଟିକୁ ସମସ୍ତ ପ୍ରକାର ଯାନ ଚଳାଚଳ ପାଇଁ ସମ୍ପୂର୍ଣ୍ଣ ନିଷେଧ କରାଯାଇଥିଲା । ଏହା ଫଳରେ ସାଧାରଣ ଜନଜୀବନ ଓ ଯାତାୟାତ ବ୍ୟବସ୍ଥାରେ କିଛି ସମସ୍ୟା ସୃଷ୍ଟି ହୋଇଥିଲେ ମଧ୍ୟ, ସୁରକ୍ଷାକୁ ପ୍ରାଥମିକତା ଦେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା । ବର୍ତ୍ତମାନ, ପୁନରୁଦ୍ଧାର କାର୍ଯ୍ୟର ଆଂଶିକ ସମାପ୍ତି ଓ ପରିସ୍ଥିତିର ସୁଧାର ହେବା ପରେ, ଜିଲ୍ଲା ପ୍ରଶାସନ ଦ୍ୱାରା ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏକ ଆଂଶିକ ଛାଡ (ରାହତ) ଦିଆଯାଇଛି । ୧୯ ମାର୍ଚ୍ଚ ୨୦୨୬ ତାରିଖରୁ ପ୍ରତିଦିନ ସକାଳ ୭.୦୦ ଘଟିକାରୁ ସନ୍ଧ୍ୟା ୯.୦୦ ଘଟିକା ପର୍ଯ୍ୟନ୍ତ କେବଳ ଦୁଇ ଚକିଆ ଯାନ ଚଳାଚଳ ପାଇଁ ଏହି ରେଳବାଇ ଓଭର ବ୍ରିଜ୍ ଉପରେ ଅନୁମତି ପ୍ରଦାନ କରାଯାଇଛି ବୋଲି ରାୟଗଡ ଜିଲ୍ଲାପାଳ ଆଶୁତୋଷ କୁଳକର୍ଣ୍ଣି ପ୍ରେସ ବିବୃତି ପ୍ରଦାନକରି କହିଥିଲେ । ତଥାପି, ଚାଲୁଥିବା ନିର୍ମାଣ କାର୍ଯ୍ୟ ଓ ସେତୁର ସୁରକ୍ଷାକୁ ଦୃଷ୍ଟିରେ ରଖି, ଦୁଇ ଚକିଆ ବ୍ୟତୀତ ଅନ୍ୟ ସମସ୍ତ ଯାନ—ଯଥା ଚାରି ଚକିଆ ଯାନ, ଭାରୀଯାନ ଓ ବାଣିଜ୍ୟିକ ଯାନମାନଙ୍କ ଚଳାଚଳ ପୂର୍ବରୁ ଜାରି ଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ଅନ୍ୟ ବିକଳ୍ପ ରାସ୍ତାରେ ଯାତାୟାତ କରିବା ପାଇଁ ନିର୍ଦ୍ଦେଶ ରହିଛି । ଜିଲ୍ଲାପାଳ ଏହା ମଧ ସ୍ପଷ୍ଟ କରିଛନ୍ତି ଯେ, ସେତୁ ଉପରେ ଯାତାୟାତ ସମୟରେ ସମସ୍ତ ଯାନଚାଳକ ଗତି ସୀମା ପାଳନ କରିବେ, ହେଲମେଟ୍ ପରିଧାନ କରିବେ ଓ ଟ୍ରାଫିକ୍ ନିୟମକୁ କଡ଼ାକଡ଼ି ଭାବେ ମାନିବେ । ଆବଶ୍ୟକ ସ୍ଥାନରେ ପୋଲିସ୍ ଓ ପ୍ରଶାସନିକ କର୍ମଚାରୀମାନେ ନିୟୋଜିତ ରହିବେ, ଯାହା ଯାତାୟାତକୁ ସୁଗମ ଓ ସୁରକ୍ଷିତ ରଖିବାକୁ ସହାୟକ ହେବ । ସେହିପରି, ଜନସାଧାରଣଙ୍କୁ ଅନୁରୋଧ ଯେ, ଏହି ଅସ୍ଥାୟୀ ବ୍ୟବସ୍ଥାକୁ ସହଯୋଗ କରିବେ ଓ ନିଜ ସୁରକ୍ଷା ସହିତ ଅନ୍ୟମାନଙ୍କ ସୁରକ୍ଷା ପ୍ରତି ସଚେତନ ରହିବେ । ପ୍ରଶାସନ ପକ୍ଷରୁ ଆଶା କରାଯାଉଛି ଯେ, ସମସ୍ତଙ୍କ ସହଯୋଗରେ ଏହି ପୁନରୁଦ୍ଧାର କାର୍ଯ୍ୟ ସମୟୋପଯୋଗୀ ଭାବେ ସମାପ୍ତ ହେବ ଓ ଶୀଘ୍ର ଭବିଷ୍ୟତରେ ସମ୍ପୂର୍ଣ୍ଣ ଯାତାୟାତ ପୁନରୁଦ୍ଧାର କରାଯିବ ବୋଲି ଜିଲ୍ଲାପାଳ ସୂଚିତ କହିଥିଲେ ।

## ପୋଷ୍ୟ ସନ୍ତାନ ଗ୍ରହଣ କଲେ ଦମ୍ପତି

ପାରଳାଖେମୁଣ୍ଡି, ୧ ୯ ।୩ (ନିପ୍ର): ଗଜପତି ଜିଲ୍ଲାରୁ ୮ ୧ ତମ ଶିଶୁଙ୍କୁ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ପୋଷ୍ୟ ସନ୍ତାନ ଭାବେ କେନ୍ଦ୍ରାପଡ଼ା ଜିଲ୍ଲାର ଏକ ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି । ଅବିବାହିତା ମାତାଙ୍କ ଦ୍ୱାରା ସମର୍ପିତ ହୋଇଥିବା ଏହି ଶିଶୁଙ୍କୁ ଶିଶୁ ମଙ୍ଗଳ ସମିତିଙ୍କ ନିର୍ଦ୍ଦେଶ କ୍ରମେ ଯତ୍ନ ଓ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ନିଶାନ ଶାଲୋମ, ରାଣୀପେଟାଠାରେ ରଖାଯାଇଥିଲା । ପରବର୍ତ୍ତି ମୁହୁର୍ତ୍ତରେ ଶିଶୁ ମଙ୍ଗଳ ସମିତି, ଗଜପତି ଶିଶୁଙ୍କୁ ଆଇନତଃ ମୁକ୍ତ ଭାବେ ଘୋଷଣା କରିଥିଲେ ଏବଂ ଏହାପରେ ଶିଶୁଙ୍କର ତଥ୍ୟ ମିଶନ ବାତ୍ସଲ୍ୟ ପୋର୍ଟାଲ୍‌ରେ ଅପଲୋଡ୍ କରାଯାଇଥିଲା, ଯାହାଦ୍ୱାରା ଶିଶୁଟି ପୋଷ୍ୟ ସନ୍ତାନ ଭାବେ ଯେକୌଣସି ଯୋଗ୍ୟ ପରିବାର ପାଖକୁ ଯାଇପାରିବ, ତାହା ସମସ୍ତଙ୍କୁ ପୋର୍ଟାଲ୍ ମାଧମରେ ଜଣାଇ ଦିଆଯାଇଥିଲା ।

## ମୋହନା ବିଧାୟକଙ୍କ କୁଶପୁତ୍ତଳିକା ଦାହ

ପାରଳାଖେମୁଣ୍ଡି, ୧ ୯ ।୩ (ନିପ୍ର); ଗଜପତି ଜିଲ୍ଲା କଂଗ୍ରେସ୍ ସଭାପତି ତଥା ମୋହନା ବିଧାୟକ ଦାଶରଥି ଗମାଙ୍ଗ ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ ପରେ ପ୍ରଦେସ କଂଗ୍ରେସ୍ ପକ୍ଷରୁ ତାଙ୍କୁ ନିଲମ୍ବିତ କରାଯାଇଥିଲା । ଗତ କାଲି ନିଲମ୍ବନ ପରେ ବିଭିନ୍ନ ମହଲରୁ ବିରୋଧ ସହ ତାଙ୍କୁ ବହିସ୍କାର ପାଇଁ ଦାବି ହୋଇଥିଲା । ହେଲେ ଆଜି ରାଜ ରାସ୍ତାକୁ ଓହ୍ଲାଇଛନ୍ତି କଂଗ୍ରେସ କର୍ମୀ , ଜିଲ୍ଲାର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ ସହ ବିଧାୟକ ବିରୋଧୀ ନାରାବାଜି କରି ଦାଶରଥି ଗମାଙ୍ଗଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି । ମୋହନା , ଉଦୟଗିରି , ରାୟଗଡ , ନୂଆଗଡ ଆଦି ବ୍ଲକରେ କଂଗ୍ରେସ କର୍ମୀ ମାନେ ବିଧାୟକଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି ।

## ଟାଙ୍କି ଶେଷ ହେବାର ନାଁ ଧରୁନି, ପାଣି ପାଇଁ ଲୋକେ ତହଲବିକଳ

ଭାପୁର, ୧ ୯ ।୩ (ନିପ୍ର); ଭାପୁର ବ୍ଲକ ଗୋଳାପୋଖରୀ ପଞ୍ଚାୟତ ଜଗଦୀଶପ୍ରସାଦ ଗ୍ରାମରେ ତିନି ବର୍ଷ ହେଲା ୩୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଚାଲିଛି ପାଣିଟାଙ୍କି କାର୍ଯ୍ୟ । କିନ୍ତୁ,ତାହା ଶେଷ ହେବାର ନାଁ ଧରୁନାହିଁ । ସେହିଭଳି ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡି ରହିଛି । ଫଳରେ, ପାନୀୟ ଜଳ ପାଇଁ ସେ ଗ୍ରାମର ଜନସାଧାରଣ ତହକବିକଳ ହେଉଛନ୍ତି । ଉଲ୍ଲେଖଯୋଗ୍ୟ,ଗୋଳାପୋଖରୀ ଏବଂ ଜଗଦୀଶପ୍ରସାଦ ଗ୍ରାମର ୪ ଗୋଟି ୱାର୍ଡରେ ୧୫୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ବାସ କରନ୍ତି । ଏହି ୱାର୍ଡବାସୀ ପ୍ରତିବର୍ଷ ଖରା ହେଉ କି ବର୍ଷା ଦିନେ ପାନୀୟ ଜଳର ଅଭାବ ପାଇଁ ନାହିଁ ନ ଥିବା ଦୁର୍ଦ୍ଦଶା ଉପଲବ୍ଧି କରିଥାନ୍ତି । ଜବସାଧାରଣଙ୍କ ଦାବି ଅନୁଯାୟୀ ୩୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଲକ୍ଷ ଲିଟର ଜଳଧାରଣ କ୍ଷମତା ସମ୍ପନ୍ନ ପାଣି ଟାଙ୍କି ନିର୍ମାଣ ହେବାର ପ୍ରାୟ ୩ ବର୍ଷ ବିତିଗଲାଣି ପଛେ କାର୍ଯ୍ୟ ଶେଷ ହେବାର ନାଁ ଧରୁନାହିଁ । ଜନସାଧାରଣ ଯେଉଁ ଆଶା କରିଥିଲେ ପାଣି ଟାଙ୍କି ନିର୍ମାଣ ହେଲେ ପାନୀୟ ଜଳର ସମସ୍ୟା ଦୂରୀଭୂତ ହେବ ତାହା ଆଶାରେ ହିଁ ରହିଯାଇଛି । ବ୍ଲକ ପ୍ରଶାସନ ତୁରନ୍ତ ପାଣି ଟାଙ୍କି ନିର୍ମାଣ ଶେଷ କରି ପାଣି ଯୋଗେଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।



## ଏନଏସି ନିର୍ବାଚନରେ ଓବିସିଙ୍କ ପାଇଁ ସଂରକ୍ଷଣ ଦାବି କଲା ମୂଳନିବାସୀ ବହୁଜନ ମିଳିତ ମହାସଂଘ

ଭବାନୀପାଟଣା, ୧ ୯ ।୩ (ନିପ୍ର): ଆଉ କିଛି ଦିନ ପରେ କଳାହାଣ୍ଡିରେ ନୂତନ ଭାବେ ଗଠନ ହୋଇଥିବା ଜୟପାଟଣା ଓ ନର୍ଲା ଏନଏସି ପାଇଁ ନିର୍ବାଚନ ହେବାକୁ ବିଜ୍ଞାପନ ପ୍ରକାଶ ପାଇଛି । କାଉନସିଲର ପଦବୀ ପାଇଁ ସ୍ଥାନ ସଂରକ୍ଷଣ ତାଲିକା ମଧ ପ୍ରକାଶ ପାଇଛି । ହେଲେ ଦୁଃଖର କଥା ଏହି ତାଲିକାରେ ଓବିସି ମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ନଥିବାରୁ ମୂଳନିବାସୀ ବହୁଜନ ମିଳିତ ମହାସଂଘ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି । ଉଭୟ ଜୟପାଟଣା ଓ ନର୍ଲା ଏନ ଏ ସି ଅଂଚଳରେ ଓବିସି ଭୋଟର ପଚାଶ ଶତକଡାରୁ ଅଧିକ ରହିଥିବା ବେଳେ ସେମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ନକରିବା, ଏହି ସମାଜ ପ୍ରତି ଏକ ଉପହାସ ଓ ଏହା ଗଣତନ୍ତ୍ର ପ୍ରତି ବିପଦ ବୋଲି କଳାହାଣ୍ଡି ଜିଲ୍ଲା ଓବିସି ମଞ୍ଚ ସଭାପତି ଡମ୍ବରୁ ଧର ଲହଜଲ, ମହାସଂଘର ରାଜ୍ୟ ଉପ ସଭାପତି ଲିଙ୍ଗରାଜ ଆଜାଦ, ଆଦିବାସୀ ନେତା ଧବଳେଶ୍ୱର ମାଝୀ ଆଦି ପ୍ରକାଶ କରିଛନ୍ତି । କୌଣସି ବାହାନା ନଦେଖାଇ ଚଳିତ ସହରାଞ୍ଚଳ ନିର୍ବାଚନରେ ଓବିସି ଆରକ୍ଷଣ ବ୍ୟବସ୍ଥା ଲାଗୁ କର, ଅନ୍ୟଥା



ଲୋକେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ମୂଳନିବାସୀ ବହୁଜନ ମିଳିତ ମହାସଂଘ ର ଜିଲ୍ଲା ସଭାପତି ସଚି ମହାକୁଡ଼, ଆବାହକ ଜଗଦୀଶ ଯାଦବ ନିଜ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଅନ୍ୟ ପକ୍ଷରେ ବିଗତ ଦିନରେ କେନ୍ଦ୍ର କ୍ୟାବିନେଟ ମଧ ଚଳିତ ଜନଗଣନା ସମୟରେ ଜାତି ଆଧାରିତ ଜନଗଣନା କରାଯିବାକୁ ନିଷ୍ପତ୍ତି ହୋଇଥିବା ବେଳେ ଆଶ୍ଚର୍ଯ୍ୟ ଭାବେ ବର୍ତ୍ତମାନ ଏହି ଜନ ଗଣନାରେ ଓବିସିମାନଙ୍କ ଗଣତି ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ । ଯାହା ଓବିସି ସମାଜ ର ବିନାଶ ପାଇଁ ଏକ ସୁଚିନ୍ତିତ ଷଡଯନ୍ତ୍ର ବୋଲି ମୂଳନିବାସୀ ମହାସଂଘ ର ଉପଦେଷ୍ଟା ପ୍ରମୋଦ ହଂସ ଅଭିଯୋଗ କରିଛନ୍ତି । ଏଣୁ ଆସନ୍ତା ସହରାଞ୍ଚଳ ନିର୍ବାଚନରେ ଓବିସିମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ କରାଯାଉ ଓ ଓଡିଶାରେ ସ୍ୱତନ୍ତ୍ର ଭାବେ ଓବିସି ଜନଗଣନା କରାଯାଉ, ନଚେତ ଏସସି, ଏସଟି ଓ ଓବିସି ସମାଜ ତରଫରୁ ମିଳିତ ଭାବେ ବଡ଼ ଆନ୍ଦୋଳନ କରାଯିବ ବୋଲି ମହାସଂଘର ରାଜ୍ୟ ସାଧାରଣ ସମ୍ପାଦକ ଦିଗାମ୍ବର ଦୁରିଆ ମତ ପ୍ରକାଶ କରିଛନ୍ତି । ଆଜି ଉପରୋକ୍ତ ଦୁଇଟି ଦାବି ନେଇଁ ମୂଳନିବାସୀ ମହାସଂଘ ତରଫରୁ କଳାହାଣ୍ଡି ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓଡିଶାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଡାକେଶ୍ୱର ଲହଜଲ, ଓବିସି ଜିଲ୍ଲା ସଭାପତି ଡମ୍ବରୁଧର ଲହଜଲ, ଆଦିବାସୀ ନେତା ଡମ୍ବରୁ ଧର ମାଝୀ, ଜିଲ୍ଲା ସଭାପତି-ସଚି ମହାକୁଡ଼, ସୁରେଶ ମାଝୀ, ଯତୀନ୍ଦ୍ର କର, ଗଙ୍ଗାଧର ଜାଲ, ଆଦିତ୍ୟ ଯାଦବ, ଡାକେଶ୍ୱର ଲହଜଲ, ଅଗଷ୍ଟ ନାଏକ, କେଶବ ମେହେର, ପୃଥ୍ୱୀରାଜ ତାଣ୍ଡି, ଦୁର୍ଯ୍ୟୋଧନ ଠାକୁର ଆଦି କର୍ମକର୍ତ୍ତା ଯୋଗ ଦେଇଥିଲେ । ଜିଲ୍ଲାପାଳଙ୍କ ଅନୁପସ୍ଥିତରେ ଅତିରିକ୍ତ ଜିଲ୍ଲାପାଳ ବୈତାରୁ ଦୀପ ଏହି ଦାବିପତ୍ର ଗ୍ରହଣ କରିଥିଲେ । ଅପରାହ୍ନରେ ସ୍ଥାନୀୟ ବାମସେଫ ଅଫିସରେ ଜିଲ୍ଲା ମୂଳନୀବାସୀ ସମାଜର ବିଭିନ୍ନ କର୍ମକର୍ତ୍ତା, ବୁଦ୍ଧିଜୀବୀ ସମବେତ ହୋଇ ଆଗାମୀ ଦିନରେ ଜିଲ୍ଲାରେ ମିଳିତ ଭାବେ ନିର୍ବାଚନ ଲଢ଼ିବା ପାଇଁ ନିଷ୍ପତ୍ତି ନେଇଥିଲେ । ଏଥିପାଇଁ ପ୍ରାଥମିକ ପର୍ଯ୍ୟୟରେ ନର୍ଲା ଓ ଲାଞ୍ଜିଗଡ ଏନ ଏ ସି ନିର୍ବାଚନକୁ ଏହି ତିନିବର୍ଗର କର୍ମକର୍ତ୍ତା ମିଳିତ ଭାବେ ଲଢ଼ିବାକୁ ନିଷ୍ପତ୍ତି ହୋଇଥିଲା ।

## ଜଙ୍ଗଲ ଜମିକୁ ଅଣଜଙ୍ଗଲ କାର୍ଯ୍ୟରେ ବ୍ୟବହାର ନିମନ୍ତେ ବସିଲା ଗ୍ରାମସଭା

ଯୋଡା, ୧ ୯ ।୩ (ନିପ୍ର); ଓଡ଼ିଶା ଖଣି ନିଗମ (ଓଏମସି) ଅଧୀନସ୍ଥ ଜିଲିଙ୍ଗ ଲଙ୍ଗାଲୋଟା ଲୌହଖଣି ଅନ୍ତର୍ଗତ ଜଙ୍ଗଲ ଜମିକୁ ଅଣଜଙ୍ଗଲ କାର୍ଯ୍ୟରେ ବ୍ୟବହାର କରାଯିବା ନେଇ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ଜଜାଙ୍ଗ ଗ୍ରାମ ଅଧୀନ ପଞ୍ଚାୟତ ଅଫିସ ସମ୍ମୁଖ ପଡିଆରେ ଅନୁଷ୍ଠିତ ହୋଇଥିବା ଏହି ଗ୍ରାମସଭାରେ ସ୍ଥାନୀୟ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଯୋଗ ଦେଇଥିଲେ । ଯୋଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୩୩୩/ତା - ୨୧.୦୬.୨୦୨୪ ରିଖ ଓ ସମନ୍ୱିତ ଆଦିବାସି ଉନ୍ନୟନ ସଂସ୍ଥା,ପ୍ରକଳ୍ପ ପ୍ରଶାସକ କେନ୍ଦୁଝରଙ୍କ ପତ୍ର ସଂଖ୍ୟା - ୮୯୫/ ତା - ୨୪.୦୬.୨୦୧୨ ରିଖ ଅନୁଯାୟୀ ଓଡ଼ିଶା ଖଣି ନିଗମ (ଓଏମସି) ଦ୍ୱାରା ଜଜାଙ୍ଗ ଗ୍ରାମର ୯.୮୭୮ ହେକ୍ଟର ଜଙ୍ଗଲ ଜମିକୁ ଅଣ ଜଙ୍ଗଲ ଜମିରେ ପରିବର୍ତ୍ତନ ଉଦ୍ଦେଶ୍ୟରେ ବ୍ୟବହାର କରିବା ଏବଂ ଖଣି ଖନନ କାର୍ଯ୍ୟ କରିବା ପାଇଁ ବ୍ୟବହାର କରାଯିବ । ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ଆଇନ-୨୦୦୬ ଓ ସଂଶୋଧନ ନିୟମ ୨୦୧୨ର ପରିପାଳନ ନିମନ୍ତେ ଏହି ଗ୍ରାମସଭା ବୈଠକ ବସିଥିଲା । ଏହି ସଭାରେ ଗ୍ରାମବାସୀମାନେ ଜଙ୍ଗଲ ଜମିକୁ ଅଣଜଙ୍ଗଲ କାର୍ଯ୍ୟରେ ବିନିଯୋଗ ସମ୍ବନ୍ଧ ଗ୍ରାମସଭାରେ ଗ୍ରାମବାସୀଙ୍କ ପୂର୍ଣ୍ଣ ସମର୍ଥନ ମିଳିଛି । ଅଗ୍ରାଧିକାର ଭିତ୍ତିରେ ବିଭିନ୍ନ ମୌଳିକ ସୁବିଧା ସୁଯୋଗ ସହ ଭିତ୍ତିଭୂମି ବିକାଶ ନିମନ୍ତେ ଗ୍ରାମବାସୀ ସମୂହ ଏହି ଗ୍ରାମସଭାରେ ମୌଳିକ ସର୍ତ୍ତ ଉପସ୍ଥାପନ କରିଥିଲେ । ଆୟୋଜିତ ଏହି ଗ୍ରାମସଭାରେ ବଡବିଲ ଅତିରିକ୍ତ ତହସିଲଦାର ବିକେଶ ବର୍ମନ ସାହୁ,ଯୋଡା ବନପାଳ ତ୍ରିନାଥ ଜେନା,ଜଜାଙ୍ଗ ସରପଞ୍ଚ



ପ୍ରିୟଙ୍କା ମାଝୀ,ଯୋଡା ବ୍ଲକ କନିଷ୍ଠ ଯନ୍ତ୍ରୀ ଦୁର୍ଗା ମହାଲି,ଜଙ୍ଗଲ ଅଧିକାର ସମିତି ସଭାନେତ୍ରୀ ଦୁଲାରୀ ମାଝୀ, ଜଜାଙ୍ଗ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଉତ୍କଳ କେଶରୀ ଦାସ,ୱାର୍ଡ ମେମ୍ବର ସୁବାସିନୀ ନାଏକ,ଜେମା ମୁଣ୍ଡା,ଇନ୍ଦ୍ରମଣୀ ପୂର୍ତ୍ତୀଙ୍କ ସମେତ ଯଜାଙ୍ଗ ଗ୍ରାମର ଗ୍ରାମବାସୀ ଉପସ୍ଥିତ ରହି ନିଜର ମତପ୍ରଦାନ କରିଥିଲେ ।

## କୃତ୍ରିମ ବୁଦ୍ଧିମତ୍ତା ସମ୍ବନ୍ଧରେ ଦକ୍ଷତା ବିକାଶ କର୍ମଶାଳା

ପୁରୀ, ୧ ୯ ।୩ (ନିପ୍ର); ପୁରୀ ଜିଲ୍ଲାର ସ୍ଥାନୀୟ ସ୍ୱତନ୍ତ୍ର ପରିକ୍ରମା ଗୃହରେ ଜିଲ୍ଲା ପ୍ରଶାସନ ତରଫରୁ ଏଆଇ କୃତ୍ରିମ ବୁଦ୍ଧିମତ୍ତା ସମ୍ବନ୍ଧରେ ଦିନିକିଆ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଅଛି । ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରାଙ୍କ ଅଧକ୍ଷତାରେ ଏହି କର୍ମଶାଳାଟି ଉଦ୍ଘାଟନ ହୋଇଅଛି । ଉପରୋକ୍ତ ଏଆଇ କ୍ଷମତା ବିକାଶ କର୍ମଶାଳାଟି ଓକେସିଏଲ ଦ୍ୱାରା ପରିଚାଳନା କରାଯାଇଥିଲା ଏବଂ ଓକାକ ତଥା ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଏହାକୁ ପ୍ରଯୋଜକ ହିସାବରେ ଆୟୋଜନ କରିଥିଲେ । ଡିଇ ଜିଏମ ପିୟୁଷ ଚକ୍ରବର୍ତ୍ତୀ ,କର୍ମଶାଳାର ଉଦ୍ଦେଶ୍ୟ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ଟ୍ରେନିଂ କିଟ୍ ବଣ୍ଟନ,ସହିତ ଉଦ୍ଘାଟନୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ପରବର୍ତ୍ତୀ ଅଧିବେଶନରେ କୃତ୍ରିମ ବୁଦ୍ଧିମତ୍ତାର ମୂଳ ଧାରଣା, ପ୍ରଶାସନିକ କାର୍ଯ୍ୟରେ ଏହାର ପ୍ରାସଙ୍ଗିକତା ଓ ଶାସନ କାର୍ଯ୍ୟରେ ବ୍ୟବହାରର ବିଭିନ୍ନ ଉଦାହରଣ ପ୍ରଦର୍ଶନ କରାଯାଇଥିଲା । ଓକେସିଏଲରୁ ଆସିଥିବା ଜୟଶ୍ରୀ ଦେହେରୀ ଏବଂ ଇପ୍ସିତା ମିଶ୍ର, ଏ ବିଷୟରେ ବିସ୍ତୃତ ଭାବେ ବିବରଣୀ ଦେଇଥିଲେ । ସୁରକ୍ଷା ସମ୍ବନ୍ଧୀୟ ଏସଓପି, ଡାଟା ପରିଚାଳନା , ନୈତିକ ଏଆଇ ବ୍ୟବହାର ଓ ପ୍ରଶାସନିକ ବିଷୟରେ ଆଲୋଚନା କରାଯାଇଥିଲା ।

## ଛାତ୍ରଛାତ୍ରୀଙ୍କୁ ନିଜ ଲକ୍ଷ୍ୟ ପଥରେ ଆଗେଇ ଯିବାକୁ ପରାମର୍ଶ

କୁଚିଣ୍ଡା, ୧ ୯ ।୩ (ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ କୁନ୍ତରା ଗୋକୁଳ ପାର୍ବତୀ ଗ୍ରାମ୍ୟ ମହାବିଦ୍ୟାଳୟରେ୪୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟ ଅଧକ୍ଷ ଡ଼. ରଞ୍ଜନ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ବିଦ୍ୟୁଭୂଷଣ ମିଶ୍ର ମୁଖ୍ୟଅତିଥି, ଅବସରପ୍ରାପ୍ତ ଭିଜିଲାନ୍ସ ଏସପି ପ୍ରଦ୍ୟୁମ୍ନ ଦ୍ୱିବେଦୀ ମୁଖ୍ୟବକ୍ତା, ଅବସରପ୍ରାପ୍ତ କଲେଜ ଅଧକ୍ଷ ଗଗନ ବିହାରୀ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । ଅତିଥିମାନେ ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କୁ ନିଜର ଲକ୍ଷ୍ୟ ପଥରେ ଆଗେଇ ଉତ୍ତମ ନାଗରିକ ହୋଇ ସମାଜରେ ପ୍ରତିଷ୍ଠିତ ହେବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଅତିଥିମାନେ କଲେଜରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଅଧାପିକା ଦୀପିକା ବେହେରା ସଭା ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ଅଧାପକ ଅରୁଣ ବେହେରା,ତରୁଣ ପୃଷେଠ, ଟିକେଲାଲ ମେହେର,ତୁଳାରାମ ଡନସନା, ସଦାନନ୍ଦ ମରେଇ, ରାଜେଶ ମାକର,ରୁଦ୍ରଦତ୍ତ ପଟେଲ,ନରେଶ କିଷାନ, ଅଧାପିକା ସ୍ମିତା ପଟେଲ,ଡଲି ନାୟକ, ରତ୍ନମଞ୍ଜରୀ ସାହୁ,ବର୍ଷା ମୁଦୁଲିଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ନିଶୁଳ୍କ ବ୍ରତୋପନୟନ

ବଲାଙ୍ଗିର, ୧ ୯/୩ (ନିପ୍ର): ଜିଲ୍ଲା ବ୍ରାହ୍ମଣ ମହାସଭା ପକ୍ଷରୁ ବ୍ରହ୍ମଣ ସନ୍ତାନମାନଙ୍କୁ ସାମୁହିକ ଶିଶୁଳ୍କ ବ୍ରତୋପନୟନ କାର୍ଯ୍ୟକ୍ରମ ସ୍ଥାନୀୟ ଶ୍ରୀ ନୃସିଂହ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୪୦ ବର୍ଷ ହେବ ଜିଲ୍ଲା ବ୍ରାହ୍ମଣ ମହାସଭା ତରଫରୁ ଏହି ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ ହୋଇଆସୁଅଛି । ବଲାଙ୍ଗିର ଜିଲ୍ଲା ବିଭିନ୍ନ ବ୍ଲକ ଓ ଅନ୍ୟାନ୍ୟ ଜିଲ୍ଲାରୁ ମଧ ବ୍ରାହ୍ମଣ ବାଳକମାନେ ବ୍ରତୋପନୟନ ପାଇଁ ଦରଖାସ୍ତ କରିଥାନ୍ତି ତାହା ଦୁଇ ଜଣ ବ୍ରାହ୍ମଣ ଦେବତା ଚିହ୍ନଟ କରି ସୁପାରିସ କରିବା ପରେ ମହାସଭାର କାର୍ଯ୍ୟକାରୀ ପରିଷଦ ଦ୍ୱାରା ଚୂଡ଼ାନ୍ତ ନିଷ୍ପତ୍ତି ହୋଇଥାଏ । ଚଳିତ ବର୍ଷ ୧୪ ଜଣ ବ୍ରାହ୍ମଣ ବାଳକ (ବଟୁ) ବ୍ରତୋପନୟନ ହୋଇଛନ୍ତି ।

20 03.2026.pmd 1 3/19/2026, 5:01 PM

## ୟୁଟ୍ୟୁବର୍ ଏଲଭିଶ ଯାଦବଙ୍କୁ ବଡ଼ ଆଶ୍ୱସ୍ତି
# ସାପ ବିଷ ମାମଲାରୁ ମୁକ୍ତି ଦେଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୯।୩: ଲୋକପ୍ରିୟ ୟୁଟ୍ୟୁବର ତଥା ରିଆଲିଟି ସୋ ବିଜେତା ଏଲଭିଶ ଯାଦବଙ୍କୁ ଏକ ବଡ଼ ଧରଣର ଆଇନଗତ ସଫଳତା ମିଳିଛି । ୨୦୨୩ ମସିହାରେ ତାଙ୍କ ବିରୋଧରେ ରୁଜୁ ହୋଇଥିବା ''ସାପ ବିଷ'' ବ୍ୟବହାର ମାମଲାରେ ସୁପ୍ରିମକୋର୍ଟ ଏଫଆଇଆରକୁ ରଦ୍ଦ କରିଛନ୍ତି । ଏହି ନିଷ୍ପତ୍ତି ପରେ ଏଲଭିଶଙ୍କୁ ଏକ ବଡ଼ ଆଇନଗତ ଆଶ୍ୱସ୍ତି ମିଳିବା ସହ ଦୀର୍ଘ ଦିନ ଧରି ଚାଲିଥିବା ବିବାଦର ଅନ୍ତ ଘଟିଛି । କୋର୍ଟଙ୍କ ନିଷ୍ପତ୍ତି ଅନୁଯାୟୀ ଏଲଭିଶଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ପ୍ରମାଣିତ କରିବା ପାଇଁ କୌଣସି ଠୋସ ପ୍ରମାଣ ରେକର୍ଡରେ ନାହିଁ । ପୋଲିସ ଦ୍ୱାରା ଦାୟର ଏଫଆଇଆରରେ ପ୍ରକ୍ରିୟାଗତ ଓ ତଥ୍ୟଗତ ଗମ୍ଭୀର ତ୍ରୁଟି ରହିଛି। ଏହି ଆଧାରରେ କୋର୍ଟ ଏଲଭିଶଙ୍କ ବିରୋଧରେ ହୋଇଥିବା ସମସ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନକୁ ରଦ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ୨୦୨୩ ମସିହାରେ ନୋଏଡାରେ ଆୟୋଜିତ ଏକ ରେଭ୍ ପାର୍ଟିରେ ସାପ ବିଷକୁ ନିଶା ଭାବରେ ବ୍ୟବହାର କରାଯାଉଥିବା ନିର୍ବାକ ''ପିପୁଲ୍ସ ଫର୍ ଆନିମଲ୍ସ'' ସଂଗଠନର ଅଧିକାରୀ ଗୌରବ ଗୁପ୍ତାଙ୍କ ଅଭିଯୋଗ କ୍ରମେ ନୋଏଡା ସେକ୍ଟର ୪୯ ପୋଲିସ ଷ୍ଟେସନରେ ଏଲଭିଶ ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାରେ ବନ୍ୟପ୍ରାଣୀ ସୁରକ୍ଷା ଆଇନ ଓ ଏନଡିପିଏସ୍ ଆଇନ ଅନୁଯାୟୀ ଏଲଭିଶଙ୍କୁ ପୋଲିସ ଗିରଫ ମଧ କରିଥିଲା । ନୋଏଡା ପୋଲିସ ପୂର୍ବରୁ ଜିଲ୍ଲା କୋର୍ଟରେ ଏକ ୧୨୦୦ ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିଥିଲା ।

## ଭାରତୀୟ ରେଳ ସାଧାରଣ ଲୋକ ଏବଂ ମଧ୍ୟବିତ୍ତ ବର୍ଗ ପାଇଁ ଏକ ସୁରକ୍ଷିତ ଯାତ୍ରା: ରେଳ ମନ୍ତ୍ରୀ

ନୂଆଦିଲ୍ଲୀ, ୧୯।୩: କେନ୍ଦ୍ର ରେଳପଥ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସଂସଦରେ କହିଛନ୍ତି ଯେ ସରକାର ସୁଲଭ ମୂଲ୍ୟରେ ଯାତ୍ରା ଅଭିଜ୍ଞତାକୁ ନିରନ୍ତର ଉନ୍ନତ କରି ଗରିବ ଲୋକଙ୍କ ସେବା କରିବାକୁ ପ୍ରତିବଦ୍ଧ। କେନ୍ଦ୍ର ରେଳପଥ ମନ୍ତ୍ରୀ ଭାରତୀୟ ରେଳପଥର 'ଧୀର ଅଭିବୃଦ୍ଧି' ରୁ 'ଅତି ଦ୍ରୁତ ପରିବର୍ତ୍ତନ' ଆଡ଼କୁ ପରିବର୍ତ୍ତନକୁ ଏକ ନୂତନ ଯୁଗ ଭାବରେ ବର୍ଣ୍ଣନା କରିଛନ୍ତି। ପ୍ରାୟ ୧, ୩୭, ୦୦୦ କିଲୋମିଟର ରେଳପଥ ଏବଂ ୨୫,୫୦୦ରୁ ଅଧିକ ଟ୍ରେନ୍ ସହିତ, ଭାରତୀୟ ରେଳପଥ କାମ ପାଇଁ ଏବଂ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଦେଶର ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଲୋକ ଏବଂ ସାମଗ୍ରୀ ପରିବହନରେ ସାହାଯ୍ୟ କରେ। ଅଧିକ ନନ୍-ଏସି କୋଚ୍ ସହିତ, ଭାରତୀୟ ରେଳପଥ ସାଧାରଣ ନାଗରିକଙ୍କ ଆବଶ୍ୟକତାକୁ ପ୍ରାଥମିକତା ଦେଇଛି। ସରକାର ଭାରତରେ ରେଳ ଯାତ୍ରାକୁ ପ୍ରଚୁର ପରିମାଣରେ ସବସିଡି ଦିଅନ୍ତି। ଏହା ପ୍ରତ୍ୟେକ ଯାତ୍ରୀ ଟିକେଟର ୪୫% ମୂଲ୍ୟ ବହନ କରେ, ଯାହା ପଡ଼ୋଶୀ ଦେଶ ତୁଳନାରେ କମ୍ ଏବଂ ବିକଶିତ ଦେଶ ତୁଳନାରେ ବହୁତ କମ୍ କରିଥାଏ। ଏହା ଲୋକଙ୍କୁ ଏକ ଆଧୁନିକ ଯାତ୍ରା ଅଭିଜ୍ଞତା ଉପଭୋଗ କରିବାକୁ ସୁଯୋଗ ଦେଉଛି। କମ ଦୂର ଯାତ୍ରାକୁ ପ୍ରୋତ୍ସାହିତ କରିବା ପାଇଁ, ମୁମ୍ବାଇ ପାଇଁ ସ୍ୱୟଂଚାଳିତ ଦ୍ୱାର-ବନ୍ଦ ବ୍ୟବସ୍ଥା ସହିତ ୨୩୮ଟି ନୂତନ ଉପନଗରୀୟ ଟ୍ରେନ୍ ପ୍ରଚଳନ କରାଯାଇଛି। ଏଥିରେ ୨୦୦ଟି ନୂତନ ଆନ୍ତଃନଗରୀ ଟ୍ରେନ୍ ସାମିଲ୍। ଗତ ୧୦ ବର୍ଷରେ ୫ ଲକ୍ଷ ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ଗତ ୨ ବର୍ଷରେ ୧.୪୩ ଲକ୍ଷ ପ୍ରତ୍ୟକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି। ଏହା ସହିତ ରେଳ ପ୍ରକଳ୍ପଗୁଡ଼ିକ ଲକ୍ଷ ଲକ୍ଷ ପରୋକ୍ଷ ନିଯୁକ୍ତି ସୁଯୋଗ ମଧ ସୃଷ୍ଟି କରୁଛି।

## ଡ୍ରୋନ୍ ନିର୍ମାଣରେ ବିଶ୍ୱସ୍ତରୀୟ ହବ୍ ହେବ ଭାରତ: ପ୍ରତିରକ୍ଷା ମନ୍ତ୍ରୀ



ନୂଆଦିଲ୍ଲୀ, ୧୯।୩: ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଲାଗିରହିଥିବା ଯୁଦ୍ଧ ପରିସ୍ଥିତି ଓ ରଣନୈତିକ ଚ୍ୟାଲେଞ୍ଜକୁ ଦୃଷ୍ଟିରେ ରଖି ଭାରତ ଏବେ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟାରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହେବାକୁ ଲକ୍ଷ୍ୟ ରଖିଛି। ଦିଲ୍ଲୀରେ ଆୟୋଜିତ ଜାତୀୟ ପ୍ରତିରକ୍ଷା ଶିଳ୍ପ ସମ୍ମିଳନୀ ୨୦୨୬ରେ ଉଦ୍‌ବୋଧନ ଦେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଯେ, ରୁଷ-ୟୁକ୍ରେନ ଏବଂ ଇରାନ-ଇସ୍ରାଏଲ ସଂଘର୍ଷ ଆଧୁନିକ ଯୁଦ୍ଧ କ୍ଷେତ୍ରରେ ଡ୍ରୋନ୍ ଓ ଆଣ୍ଟି-ଡ୍ରୋନ୍ ପ୍ରଯୁକ୍ତିବିଦ୍ୟାର ଅପରିହାର୍ଯ୍ୟତାକୁ ପ୍ରମାଣିତ କରିଛି। ଭବିଷ୍ୟତର ଯୁଦ୍ଧ କୌଶଳକୁ ଦୃଷ୍ଟିରେ ରଖି ଭାରତକୁ ଏକ ସୁଦୃଢ଼ ଡ୍ରୋନ୍ ଉତ୍ପାଦନ ଇକୋସିଷ୍ଟମ ବିକଶିତ କରିବାକୁ ପଡ଼ିବ, ଯାହା ଦେଶକୁ ଆଗାମୀ କିଛି ବର୍ଷ ମଧ୍ୟରେ ଏହି କ୍ଷେତ୍ରରେ ଏକ ବିଶ୍ୱସ୍ତରୀୟ କେନ୍ଦ୍ର ଭାବେ ଉଭା କରିବ। ପ୍ରତିରକ୍ଷା ପ୍ରସ୍ତୁତି ଏବଂ ରଣନୈତିକ ସ୍ୱାୟତ୍ତତା ପାଇଁ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଡ୍ରୋନ୍ ଅତ୍ୟନ୍ତ ଜରୁରୀ ବୋଲି ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି ଯେ ଏହି ଆତ୍ମନିର୍ଭରଶୀଳତା କେବଳ ଉପରିସ୍ଥ ଢାଞ୍ଚାରେ ସୀମିତ ନରହି ଡ୍ରୋନର ସଫ୍ଟୱେର୍, ଇଞ୍ଜିନ୍ ଓ ବ୍ୟାଟେରୀ ଭଳି ପ୍ରତିଟି ମୁଖ୍ୟ ଅଂଶ ପର୍ଯ୍ୟନ୍ତ ବିସ୍ତାରିତ ହେବା ଆବଶ୍ୟକ। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଡ୍ରୋନ୍ ଅତ୍ୟନ୍ତ ଜରୁରୀ। ଯଦିଓ ଏହି ଉପାଦାନଗୁଡ଼ିକ ପାଇଁ ବିଶ୍ୱର ଅନେକ ଦେଶ ଅନ୍ୟ ଉପରେ ନିର୍ଭର କରନ୍ତି, କିନ୍ତୁ ଭାରତକୁ ଏହି ଆହ୍ୱାନକୁ ସ୍ୱୀକାର କରି ନିଜସ୍ୱ ଉତ୍ପାଦନ କ୍ଷମତା ବୃଦ୍ଧି କରିବାକୁ ହେବ।

## କରାଚୀରେ ପ୍ରବଳ ବର୍ଷା : ୧୯ ମୃତ



କରାଚୀ, ୧୯।୩: ପ୍ରକୃତି ପାକିସ୍ତାନରେ ବିପର୍ଯ୍ୟୟ ଘଟାଉଛନ୍ତି। ପାକିସ୍ତାନର ସିନ୍ଧ ପ୍ରଦେଶର ରାଜଧାନୀ କରାଚୀରେ ବର୍ଷାଜନିତ ଘଟଣାରେ ୧୯ ଜଣଙ୍କର ମୃତ୍ୟୁ ଘଟିଛି। ପାକିସ୍ତାନୀ ଖବରକାଗଜ ଜିଓ ନ୍ୟୁଜରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଅଧିକାରୀମାନେ ଏହି ସୂଚନା ଦେଇଛନ୍ତି। ପାକିସ୍ତାନ ପାଣିପାଗ ବିଭାଗ (ପିଏମଡି) ପୂର୍ବରୁ ସତର୍କ କରାଇ ଦେଇଥିଲା ଯେ ,କରାଚୀ ଏବଂ ସିନ୍ଧର ଅନ୍ୟାନ୍ୟ ସ୍ଥାନରେ ବର୍ଷା ହେବାର ସମ୍ଭାବନା ଅଛି। ଏହାର କିଛି ଘଣ୍ଟା ପରେ କରାଚୀର ପ୍ରବଳ ବର୍ଷା ହୋଇଥିଲା। କରାଚୀର କିଛି ସ୍ଥାନରେ ପ୍ରବଳ ବର୍ଷା ଏବଂ ଝଡ଼ ସହିତ ପ୍ରବଳ ପବନ ବହିବା ସହ କାନ୍ଥ ଏବଂ ଛାତ ଭୁଶୁଡ଼ି ପଡ଼ିବାରୁ ଅନେକ ଲୋକଙ୍କର ମୃତ୍ୟୁ ହୋଇଛି ବୋଲି ଅଧିକାରୀମାନେ କହିଛନ୍ତି। ବଲଦିଆ ଟାଉନର ମାଓ୍ୱାଚ ଗୋଥ ଅଞ୍ଚଳରେ ଏକ ଭୁଶୁଡ଼ି ପଡ଼ିଥିବା କୋଠାର ଭଗ୍ନାବଶେଷରୁ ଉଦ୍ଧାରକାରୀମାନେ ଏପର୍ଯ୍ୟନ୍ତ ୧୩ ଜଣଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ଭଗ୍ନାବଶେଷ ତଳେ ଫସି ରହିଥିବା ଅଧିକ ଲୋକଙ୍କୁ ଖୋଜିବା ପାଇଁ ସନ୍ଧାନ ଅଭିଯାନ ଚାଲିଛି। ସେବାର ଜଣେ ମୁଖପାତ୍ର କହିଛନ୍ତି ଯେ ପ୍ରାରମ୍ଭିକ ରିପୋର୍ଟରୁ ଜଣାପଡିଛି, ଲୋକମାନେ ବର୍ଷାରୁ ଆଶ୍ରୟ ନେବା ପାଇଁ କୋଠା ତଳେ ଏକାଠି ହୋଇଥିଲେ। ମୃତକଙ୍କ ମଧ୍ୟରୁ ଅଧିକାଂଶ ନିଶାଗ୍ରସ୍ତ ଥିଲେ। ସିନ୍ଧ ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନ ଏବଂ ଜରୁରୀକାଳୀନ ସେବାକୁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ଉପଲବ୍ଧ ସମ୍ବଳ ବ୍ୟବହାର କରାଯିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

## ବାହୁବଳୀ ନେତା ଅନନ୍ତ ସିଂଙ୍କୁ ମିଳିଲା ଜାମିନ

ପାଟନା, ୧୯।୩ : ଜେଡିୟୁର ବାହୁବଳୀ ବିଧାୟକ ଅନନ୍ତ ସିଂଙ୍କୁ ଦୁଲାରଚନ୍ଦ ଯାଦବ ହତ୍ୟା ମାମଲାରେ ପାଟନା ହାଇକୋର୍ଟରୁ ଜାମିନ ମିଳିଛି । ଅନନ୍ତ ସିଂ ଗତବର୍ଷ ବିହାର ବିଧାନସଭା ନିର୍ବାଚନ ସମୟରେ ହତ୍ୟାକାଣ୍ଡ ମାମଲାରେ ପାଟନା ବେଉର ଜେଲ ବନ୍ଦୀ ହୋଇ ରହିଥିଲେ। କୋର୍ଟ ବାହୁବଳୀ ବିଧାୟକଙ୍କ ଜାମିନ ଯାଚିକାକୁ ସ୍ୱୀକାର କରି ଜାମିନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ହତ୍ୟାକାଣ୍ଡ ୨୦୨୫ରେ ହୋଇଥିଲା । ମୋକାମାରେ ନିର୍ବାଚନୀ ପ୍ରଚାର ସମୟରେ ଜନସୁରଜ ପାର୍ଟିର ସମର୍ଥକ ଦୁଲାରଚନ୍ଦ ଯାଦବଙ୍କୁ ହତ୍ୟା କରାଯାଇଥିଲା । ଏହି ଘଟଣା ପରେ ପୋଲିସ ଅନନ୍ତ ସିଂଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବେ ଗିରଫ କରିଥିଲା । ଏହାପୂର୍ବରୁ ନିମ୍ନ ଅଦାଲତ ଜାମିନ ଆବେଦନ ଖାରଜ କରିଦେଇଥିଲା, କିନ୍ତୁ ଏବେ ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ୨୦୨୫ ଅକ୍ଟୋବର ୩୦ ତାରିଖରେ ମୋକାମାର ଘୋସବରୀ ଥାନା ଅଞ୍ଚଳରେ ଦୁଲାରଚନ୍ଦ ଯାଦବଙ୍କୁ ହତ୍ୟା କରାଯାଇଥିଲା । ଦୁଲାରଚନ୍ଦ ଯାଦବ ଆରଜେଡିର ନେତା ଥିଲେ ।

## ଆମେରିକାରେ ଖସିଲା ୭ ଟନ୍ ଓଜନର ଉଲକାପିଣ୍ଡ

ନୂଆଦିଲ୍ଲୀ, ୧୯।୩ : ପ୍ରତିଦିନ ପୃଥିବୀର ବାୟୁମଣ୍ଡଳରେ ଉଲକାପାତ ହୋଇଥାଏ। ରାତିରେ ଏହା ଉଜ୍ଜ୍ୱଳ ଆଲୋକ ଭାବରେ ଦେଖାଯାଏ। ଆମେରିକାର ଓହିଓର କ୍ଲିଭଲ୍ୟାଣ୍ଡରେ ଦିନ ସମୟରେ ଏକ ବଡ଼ ଉଲକାପିଣ୍ଡ ଯୋଗୁ ପ୍ରଚଣ୍ଡ ବିସ୍ଫୋରଣ ଘଟିଛି। କ୍ଲିଭଲ୍ୟାଣ୍ଡଠାରୁ ଶହ ଶହ କିଲୋମିଟର ଦୂରରେ ଥିବା ଲୋକମାନେ ମଧ ଏହି ଅଗ୍ନିପିଣ୍ଡୁଳା ଦେଖିଥିବାର ରିପୋର୍ଟ କରିଛନ୍ତି। ଆମେରିକୀୟ ଉଲକାପାତ ସୋସାଇଟି କହିଛି ପୂର୍ବାହ୍ନ ୯ଟାରେ ଓ୍ୱିସ୍କନସିନରୁ ମେରିଲ୍ୟାଣ୍ଡ ପର୍ଯ୍ୟନ୍ତ ଅଞ୍ଚଳରେ ଉଲକାପାତ ଦେଖାଯିବାର ରିପୋର୍ଟ ମିଳିଛି। ଆମେରିକାର ମହାକାଶ ସଂସ୍ଥା ନାସାର ଉଲକା ପରିବେଶ କାର୍ଯ୍ୟାଳୟ ନିଶ୍ଚିତ କରିଛି,ଏହାର ବ୍ୟାସ ପ୍ରାୟ ୬ ଫୁଟ ଏବଂ ଓଜନ ୭ ଟନ୍ ଥିଲା । ସୂଚନା ଅନୁଯାୟୀ ଉଲ୍କା ଘଣ୍ଟା ପ୍ରତି ପ୍ରାୟ ୭୨,୪୦୦ କିଲୋମିଟର ବେଗରେ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିଥିଲା। ଉଲକାପିଣ୍ଡଟି ପ୍ରଥମେ ଲୋରେନ୍ ନିକଟରେ ଏରି ହ୍ରଦ ଉପରେ ପ୍ରାୟ ୮୦ କିଲୋମିଟର ଉପରେ ଦେଖାଯାଇଥିଲା।

## ଇରାନ ଶୀର୍ଷ ଅଧିକାରୀଙ୍କ ହତ୍ୟା ଘଟଣା
# ଇସ୍ରାଏଲର ଆକ୍ରମଣ ସମ୍ପୂର୍ଣ୍ଣ ଅଗ୍ରହଣୀୟ: ଚୀନ




ବେଜିଂ, ୧୯।୩: ଇସ୍ରାଏଲ୍ ଦ୍ୱାରା ଇରାନର ବରିଷ୍ଠ ସୁରକ୍ଷା ମୁଖ୍ୟ ଅଲୀ ଲାରିଜାନିଙ୍କ ସମେତ ଅନ୍ୟ ଶୀର୍ଷ ନେତାମାନଙ୍କୁ ହତ୍ୟା କରାଯିବା ଘଟଣାରେ ଚୀନ୍ ଗୁରୁବାର ନିଜର ପ୍ରଥମ ପ୍ରତିକ୍ରିୟା ରଖିଛି। ଆନ୍ତର୍ଜାତୀୟ ସମ୍ପର୍କରେ 'ବଳପ୍ରୟୋଗ'କୁ ବିରୋଧ କରିବା ସହ ଏଭଳି ହତ୍ୟାକାଣ୍ଡକୁ ଚୀନ୍ ସମ୍ପୂର୍ଣ୍ଣ 'ଅଗ୍ରହଣୀୟ' ବୋଲି ନିନ୍ଦା କରିଛି। ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖ୍ୟପାତ୍ର ଲିନ୍ ଜିଆନ୍ ଏକ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ ଭାବେ କହିଛନ୍ତି ଯେ, 'ଆନ୍ତର୍ଜାତୀୟ ସ୍ତରରେ ବଳପ୍ରୟୋଗକୁ ଆମେ ସର୍ବଦା ବିରୋଧ କରିଆସିଛୁ। ଇରାନର ରାଷ୍ଟ୍ରୀୟ ନେତାମାନଙ୍କୁ ହତ୍ୟା କରିବା ଏବଂ ସାଧାରଣ ନାଗରିକଙ୍କୁ ଟାର୍ଗେଟ୍ କରିବା ଆହୁରି ଅଧିକ ଅଗ୍ରହଣୀୟ ଅଟେ।' ଚୀନର ଏହି ପ୍ରତିକ୍ରିୟା ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଏବଂ ପ୍ରତିରକ୍ଷା ମନ୍ତ୍ରୀ ଇସ୍ରାଏଲ୍ କାଟ୍ଜଙ୍କ ଏକ ବିବାଦୀୟ ବୟାନ ପରେ ଆସିଛି। କାଟ୍ଜ ଏକ ଫଟୋ ସେୟାର କରି କହିଥିଲେ ଯେ, ସେ ଏବଂ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ଇସ୍ରାଏଲୀୟ ସେନା ଆଇଡିଏଫ୍ କୁ ବିନା କୌଣସି ଅତିରିକ୍ତ ଅନୁମତିରେ ଇରାନର ଯେକୌଣସି ବରିଷ୍ଠ ଅଧିକାରୀଙ୍କୁ ହତ୍ୟା କରିବାକୁ ପୂର୍ଣ୍ଣ କ୍ଷମତା ଦେଇଛନ୍ତି। ନେତାନ୍ୟାହୁ ମଧ ହାଇ-ସିକ୍ୟୁରିଟି 'କିରିୟା' କମାଣ୍ଡ ସେଣ୍ଟରରୁ ଏକ ଭିଡିଓ ଜାରି କରି ଇରାନର ଦୁଇ 'ଆତଙ୍କବାଦୀ ମୁଖିଆ' ଅଲୀ ଲାରିଜାନି ଏବଂ ଘୋଲାମରେଜା ସୋଲେମାନିଙ୍କୁ ହତ୍ୟା କରିବାକୁ ନିର୍ଦ୍ଦେଶ ଦେଉଥିବା ଦେଖିବାକୁ ମିଳିଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ 'ହର୍ମୁଜ୍ ଜଳପଥ'ରେ ସୁରକ୍ଷା ନେଇ ଚୀନ୍ର ସାହାଯ୍ୟ ଲୋଡ଼ିଥିଲେ। ଏହାର ଉତ୍ତରରେ ଓ୍ୱାଶିଂଟନରେ ଥିବା ଚୀନ୍ ଦୂତାବାସ କହିଛି ଯେ, ବେଜିଂ ତୁରନ୍ତ ଯୁଦ୍ଧବିରାମ ଏବଂ ନିରବଚ୍ଛିନ୍ନ ଶକ୍ତି ଯୋଗାଣ ସୁନିଶ୍ଚିତ କରିବାକୁ ଚାହୁଁଛି। ମଧ୍ୟପ୍ରାଚ୍ୟରେ ଶାନ୍ତି ଫେରାଇ ଆଣିବା ପାଇଁ ଚୀନ୍ ଏକ ଗଠନମୂଳକ ଭୂମିକା ଗ୍ରହଣ କରିବ ବୋଲି ପ୍ରତିଶ୍ରୁତି ଦେଇଛି।

## ଦ୍ୱିତୀୟ ଥର ପାଇଁ କିମ୍ ଜଙ୍ଗ୍ ଉନ୍ ବିଜୟୀ

ପୋଙ୍ଗୟାଙ୍ଗ୍ , ୧୯।୩: ଉତ୍ତର କୋରିଆ ଶାସକ କିମ୍ ଯଙ୍ଗ୍ ଉନ୍ ଜାତୀୟ ନିର୍ବାଚନରେ ବିପୁଳ ଭୋଟରେ ବିଜୟୀ ହୋଇଛନ୍ତି। ୧୫ତମ ସୁପ୍ରିମ ପିପୁଲ୍ସ ଆସେମ୍ବ୍ଲି ପାଇଁ ଗତ ୧୫ରେ ନିର୍ବାଚନ କରାଯାଇଥିଲା। ଏଥିରେ କିମ୍‌ଙ୍କ ଓ୍ୱାର୍କର ପାର୍ଟି ଅଫ୍ କୋରିଆ ଏବଂ ସହଯୋଗୀ ଦଳଗୁଡିକୁ ୯୯.୯୩ % ଭୋଟ ମିଳିଛି। କିମ୍‌ଙ୍କ ନେତୃତ୍ୱରେ ଓ୍ୱାର୍କର ପାର୍ଟି ଅଫ୍ କୋରିଆ ଏବଂ ଏହାର ସହଯୋଗୀ ଦଳ ଶତ ପ୍ରତିଶତ ଭୋଟରେ ବିଜୟୀ ହେବା କେବଳ ଉତ୍ତର କୋରିଆ ରାଜନୀତି ନୁହେଁ, ବୈଶ୍ୱିକସ୍ତରରେ ହଇଚଇ ସୃଷ୍ଟି କରିଛି। ଦ୍ୱିତୀୟ ଥର ପାଇଁ କିମ୍ ବିପୁଳ ଭୋଟ ପାଇଁ ବିଜୟୀ ହୋଇଛନ୍ତି।

## ହରିୟାଣାରେ ୬ ବର୍ଷରେ ୧୮ ହଜାର ଲୋକଙ୍କର ହୃଦଘାତରେ ଗଲାଣି ଜୀବନ

ନୂଆଦିଲ୍ଲୀ ୧୯ ।୩; ହରିୟାଣାରେ ଯୁବପିଢ଼ିଙ୍କ ମଧ୍ୟରେ ବଢୁଥିବା ହୃଦଘାତ ଜନିତ ମୃତ୍ୟୁକୁ ନେଇ ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ୨୦୨୦ରୁ ୨୦୨୬ ଜାନୁଆରୀ ମଧ୍ୟରେ ରାଜ୍ୟରେ ୧୮ରୁ ୪୫ ବର୍ଷ ବୟସ୍କ ପ୍ରାୟ ୧୭,୯୭୩ ଜଣ ଯୁବକଙ୍କର ହୃଦଘାତ ଯୋଗୁଁ ପ୍ରାଣହାନୀ ଘଟିଛି। ହରିୟାଣା ବିଧାନସଭାରେ କଂଗ୍ରେସ ବିଧାୟକଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେବାକୁ ଯାଇ ସରକାର ଏହି ତଥ୍ୟ ଉପସ୍ଥାପନ କରିଛନ୍ତି। ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ ପ୍ରତିବର୍ଷ ହୃଦଘାତ ଜନିତ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ୨୦୨୦ରେ ୨,୩୯୪, ୨୦୨୧ରେ ଏହି ସଂଖ୍ୟା ବୃଦ୍ଧି ପାଇ ୩,୧୮୮ ହୋଇଥିବା ବେଳେ ୨୦୨୨ରେ ୨,୭୯୬, ୨୦୨୩ରେ ୨,୮୮୬, ୨୦୨୪ରେ ୩,୦୬୩, ୨୦୨୫ରେ ୩,୨୫୫, ୨୦୨୬ (ଜାନୁଆରୀ)ରେ ୩୯୧ ଜଣଙ୍କ ହୃଦଘାତ ହୋଇଥିବା ସରକାର ସୂଚନା ପ୍ରଦାନ କରିଛନ୍ତି। ବିଭିନ୍ନ ଜିଲ୍ଲାରୁ ମିଳିଥିବା ସୂଚନା ଅନୁଯାୟୀ, ଯମୁନାନଗର ଜିଲ୍ଲାରେ ମୃତ୍ୟୁ ସଂଖ୍ୟା ସବୁଠାରୁ ଅଧିକ ରହିଛି। ଏଠାରେ ପ୍ରତିବର୍ଷ ହାରାହାରି ୩୭୦ରୁ ୪୬୦ ଜଣ ଯୁବକ ହୃଦଘାତର ଶିକାର ହେଉଛନ୍ତି। ଅନ୍ୟପଟେ ଗୁରୁଗ୍ରାମରେ ଏହି ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଇ ୧୧୩ରୁ ୮୩କୁ ଖସିଥିବା ବେଳେ, ରୋହତକରେ ମୃତ୍ୟୁ ସଂଖ୍ୟା ତୁଳନାତ୍ମକ ଭାବେ କମ୍ (ବାର୍ଷିକ ପ୍ରାୟ ୩୦-୪୦) ରହିଛି। ଏହି ମୃତ୍ୟୁଗୁଡ଼ିକ କୋଭିଡ-୧୯ ସଂକ୍ରମଣ କିମ୍ବା ଟୀକାକରଣ ସହିତ ଜଡ଼ିତ କି ନାହିଁ, ସେ ସମ୍ପର୍କରେ ବିଧାୟକ ପ୍ରଶ୍ନ କରିଥିଲେ। ତେବେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ଯେ, ଏପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ଏଭଳି କୌଣସି ସର୍ଭେ କିମ୍ବା ବୈଜ୍ଞାନିକ ଅଧ୍ୟୟନ କରାଯାଇ ନାହିଁ। ଯୁବପିଢ଼ିଙ୍କ ମଧ୍ୟରେ ବୃଦ୍ଧି ପାଉଥିବା ଏହି ''ହୃଦ୍ ବିଫଳତା'' ପଛର କାରଣ ଖୋଜିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ସରକାରୀ ପଦକ୍ଷେପ ନିଆଯାଇ ନଥିବା ସେ ସ୍ପଷ୍ଟ କରିଛନ୍ତି। ତେବେ ଯୁବବର୍ଗଙ୍କ ମୃତ୍ୟୁ ସଂଖ୍ୟା ଏତେ ଅଧିକ ହେବା ସତ୍ତ୍ୱେ ସରକାରଙ୍କ ପକ୍ଷରୁ କୌଣସି ଅନୁସନ୍ଧାନ କରାଯାଇ ନଥିବାରୁ ବିରୋଧୀ ପକ୍ଷ ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ପାନ ଛେପ ପକାଇ ହଟହଟା ଦୁଇ ଭାରତୀୟ
# ୧,୭୨,୦୦୦ ଟଙ୍କା ଜରିମାନା

ଲଣ୍ଡନ, ୧୯।୩: ଇଂଲଣ୍ଡର ରାଜଧାନୀ ଲଣ୍ଡନର ଏକ ପରିଷଦ ପାନ ଛେପ ପକାଇବା ପାଇଁ ଦୁଇ ଜଣ ଭାରତୀୟ ବଂଶୋଦ୍ଭବ ପୁରୁଷଙ୍କ ଉପରେ ଏକ ବଡ଼ ଜରିମାନା ଲଗାଇଛନ୍ତି। ବ୍ରେଣ୍ଟ ଅଞ୍ଚଳରେ ପାନ ଛେପ ପକାଇବା ପାଇଁ ଏହି ଦୁଇ ଜଣଙ୍କୁ ୧,୩୦୦ ପାଉଣ୍ଡରୁ ଅଧିକ ଜରିମାନା କରାଯାଇଛି। ଯାହାକି ଭାରତୀୟ ମୁଦ୍ରାରେ ପ୍ରାୟ ୧,୭୨,୦୦୦ ଟଙ୍କା ହେବ। ଜରିମାନା ଲାଗୁ ହୋଇଥିବା ଦୁଇ ଜଣ ବ୍ୟକ୍ତି ହେଉଛନ୍ତି ଅକ୍ଷତକୁମାର ଭଦ୍ରେ ପଟେଲ ଏବଂ ହିତେଶ ପଟେଲ। ବ୍ରେଣ୍ଟ କାଉନସିଲ ସମ୍ପ୍ରତି ରାସ୍ତାରେ ପାନ କିମ୍ବା ଗୁଟଖା ଛେପ ପକାଇବା ବିରୋଧରେ ଏକ ଅଭିଯାନ ଆରମ୍ଭ କରିଛି। ଏହା ଅନ୍ତର୍ଗତ ଲଗାତାର ଜରିମାନା ଲାଗୁ କରାଯାଉଛି। ବ୍ରେଣ୍ଟ କାଉନସିଲ ଏଡଗେଓ୍ୱାରର ବାସିନ୍ଦା ୩୧ ବର୍ଷୀୟ ଅକ୍ଷତକୁମାର ଭଦ୍ରେ ପଟେଲଙ୍କୁ ଉତ୍ତର ପଶ୍ଚିମ ଲଣ୍ଡନ ମାଜିଷ୍ଟ୍ରେଟ୍ କୋର୍ଟ ୧୩୯୧ ପାଉଣ୍ଡ ଜରିମାନା କରିଛି। ସେ ତାଙ୍କ ଶୁଣାଣି ପାଇଁ କୋର୍ଟରେ ହାଜର ହୋଇ ନଥିଲେ ଏବଂ ତାଙ୍କ ଅନୁପସ୍ଥିତିରେ ଅଭିଯୋଗ ପ୍ରମାଣିତ ହୋଇଥିଲା। ୧୧ ଜୁନ୍ ୨୦୨୫ରେ କିଙ୍ଗସବରୀର ରାସ୍ତାରେ ପାନ ଛେପ ପକାଇବା ପାଇଁ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ପାନ ଛେପ ପକାଇବା ପାଇଁ ଜରିମାନା ୧୦୦ ପାଉଣ୍ଡ (୧୨,୦୦୦ ଟଙ୍କା) ଥିଲା, କିନ୍ତୁ ଅକ୍ଷତ କୁମାର ତାହା ଦେଇ ନଥିଲେ ଏବଂ ମାମଲା କୋର୍ଟକୁ ଯାଇଥିଲା। ଜରିମାନା ୧,୩୯୧ ପାଉଣ୍ଡକୁ ବୃଦ୍ଧି କରାଯାଇଥିଲା। ଅନ୍ୟ ବ୍ୟକ୍ତି ହେଉଛନ୍ତି ରୁଇସଲିପର ୩୨ ବର୍ଷୀୟ ହିତେଶ ପଟେଲ। ୨୦୨୫ ଜୁନ୍ ୧୨ ତାରିଖରେ ଓ୍ୱେମ୍ବଲି ହିଲରେ ରାସ୍ତାରେ ପାନ ଛେପ ପକାଇବା ପାଇଁ ହିତେଶଙ୍କୁ ମଧ ସମାନ କୋର୍ଟ ୧,୩୯୧ ପାଉଣ୍ଡ ଜରିମାନା କରାଯାଇଥିଲା। ଅକ୍ଷତଙ୍କ ପରି, ହିତେଶ ମଧ ତାଙ୍କ ଶୁଣାଣି ପାଇଁ କୋର୍ଟରେ ହାଜର ହୋଇ ପାରିଲେ ନାହିଁ। ତାଙ୍କ ଅନୁପସ୍ଥିତିରେ, ତାଙ୍କ ବିରୋଧରେ ଅଭିଯୋଗ ପ୍ରମାଣିତ ହୋଇଥିଲା। କୋର୍ଟରେ ହାଜର ନ ହେବା ପାଇଁ ତାଙ୍କ ଜରିମାନା ମଧ ବୃଦ୍ଧି କରାଯାଇଥିଲା।

## ନିର୍ବାଚନ ଆୟୋଗଙ୍କ ଉପରେ ଗର୍ଜିଲେ ମମତା
# ରାଜ୍ୟରେ ଜାରି ହୋଇଛି ଅଘୋଷିତ ଜରୁରିକାଳୀନ ପରିସ୍ଥିତି



କୋଲକାତା ୧୯ ।୩: ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାନୁଷ୍ଠାନକୁ ନେଇ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ନିର୍ବାଚନ ଆୟୋଗ ପଶ୍ଚିମବଙ୍ଗକୁ ଟାର୍ଗେଟ୍ କରି ଅଭୂତପୂର୍ବ ତଥା ଚିନ୍ତାଜନକ ପଦକ୍ଷେପସବୁ ନେଉଛନ୍ତି। ମମତା ବାନାର୍ଜୀ ତାଙ୍କ ଏକ୍ସ ହ୍ୟାଣ୍ଡଲରେ ଉଲ୍ଲେଖ କରିଛନ୍ତି ଯେ 'ଔପଚାରିକ ନିର୍ବାଚନ ଘୋଷଣା ପୂର୍ବରୁ ନିର୍ବାଚନ ଆୟୋଗ ରାଜ୍ୟର ୫୦ରୁ ଅଧିକ ବରିଷ୍ଠ ଅଧିକାରୀଙ୍କୁ ଅଚାନକ ବଦଳି କରିଦେଇଛନ୍ତି।ଏଥିରେ ମୁଖ୍ୟ ସଚିବ, ଗୃହ ସଚିବ, ଡିଜିପି, ଏଡିଜି, ଆଇଜି, ଡିଆଇଜି ଓ ଜିଲ୍ଲା ଅଧିକାରୀଙ୍କୁ ବଦଳାଇ ଦେଇଛନ୍ତି'। ମମତା ଏହାକୁ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ବଦଳେ ଉଚ୍ଚସ୍ତରୀୟ ରାଜନୈତିକ ହସ୍ତକ୍ଷେପ ବୋଲି କହିଛନ୍ତି ।ନିରପେକ୍ଷ ସଂସ୍ଥାଙ୍କ ରାଜନୀତିକରଣ ହେଉଛି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି ଯେ ନିର୍ବାଚନରେ ନିରପେକ୍ଷ ରହୁଥିବା ସଂସ୍ଥାଙ୍କୁ ରାଜନୀତିକରଣ କରାଯାଉଛି, ଯାହା ସମ୍ବିଧାନ ଉପରେ ସିଧା ଆକ୍ରମଣ। ଗୋଟିଏ ପଟେ ରାଜ୍ୟରେ ତ୍ରୁଟିପୂର୍ଣ୍ଣ ଏସଆଇଆର ପ୍ରକ୍ରିୟା ଚାଲିଥିବା ବେଳେ ଏହି କାର୍ଯ୍ୟକ୍ରମ ପାଇଁ ରାଜ୍ୟରେ ୨୦୦ ରୁ ଅଧିକ କର୍ମଚାରୀଙ୍କ ମୃତ୍ୟୁ ହେଲାଣି। ଏଥିରୁ ଆୟୋଗଙ୍କ ଆଭିମୁଖ୍ୟ ପକ୍ଷପାତପୂର୍ଣ୍ଣ ଲାଗୁଛି। ରାଜ୍ୟରେ ଏ ପର୍ଯ୍ୟନ୍ତ ସପ୍ଲିମେଣ୍ଟାରୀ ଭୋଟର ଲିଷ୍ଟ ପ୍ରକାଶ କରାଯାଇ ନାହିଁ, ଯାହା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଏକ ପ୍ରକାର ଅଣଦେଖା କୁହାଯାଇପାରେ। ଏଣୁ ସାଧାରଣ ନାଗରିକ ଏହାକୁ ନେଇ ଏବେ ଅସମଞ୍ଜସ ସ୍ଥିତିରେ ଥିବା ମମତା ବାନାର୍ଜୀ କହିଛନ୍ତି। ମମତା ବାନାର୍ଜୀ ଅଭିଯୋଗ କରିଛନ୍ତି ଯେ ଆଇବି, ଏସଟିଏଫ ଓ ସିଆଇଡି ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗଙ୍କ ବରିଷ୍ଠ ଅଧିକାରୀଙ୍କୁ ବାଛି ବାଛି ରାଜ୍ୟରୁ ବାହାରକୁ ପଠା ଯାଉଛି, ଏହା ଦ୍ୱାରା ପ୍ରଶାସନିକ ଢାଞ୍ଚାକୁ ଦୁର୍ବଳ କରିବାକୁ ଉଦ୍ୟମ ହେଉଛି। ମମତା ବିଜେପି ଉପରେ ପ୍ରଶ୍ନ ଉଠାଇ କହିଛନ୍ତି ଯେ ବିଜେପି ଏତେ ବ୍ୟାକୁଳ କାହିଁକି, ବେଙ୍ଗଲକୁ କାହିଁକି ବାରମ୍ବାର ଟାର୍ଗେଟ୍ କରୁଛି ? ସେ କହିଛନ୍ତି ଯେ ସ୍ୱାଧୀନତାର ୭୮ ବର୍ଷ ପରେ ଲୋକଙ୍କୁ ସେମାନଙ୍କ ନାଗରିକତା ସାବ୍ୟସ୍ତ କରିବା ପାଇଁ ଦୀର୍ଘ ଧାଡିରେ ଛିଡା କରାଯିବା ବାସ୍ତବିକ ଦୁର୍ଭାଗ୍ୟପୂର୍ଣ୍ଣ। ମୁଖ୍ୟମନ୍ତ୍ରୀ ନିର୍ବାଚନ ଆୟୋଗଙ୍କ ନିଷ୍ପତ୍ତିରେ ବିରୋଧାଭାଷର ଉଲ୍ଲେଖ ମଧ କରିଛନ୍ତି। ସେ କହିଛନ୍ତି ଯେ ଆୟୋଗ ଗୋଟେ ପଟେ କହୁଛନ୍ତି ହଟାଯାଇଥିବା ଅଧିକାରୀଙ୍କୁ ନିର୍ବାଚନ ଡ୍ୟୁଟି ଦିଆଯିବନି, ଅନ୍ୟପଟେ ମାତ୍ର କିଛି ଘଣ୍ଟା ପରେ ସେମାନଙ୍କୁ ନିର୍ବାଚନ ପର୍ଯ୍ୟବେକ୍ଷକ କରି ବାହାରକୁ ପଠାଇ ଦେଇଛନ୍ତି ।ଲାଗୁଛି ଜାରି ହୋଇଛି ରାଷ୍ଟ୍ରପତି ଶାସନ।

## ଆମେରିକା ଗୁଇନ୍ଦା ସଂସ୍ଥାର ଦାବି
# ଭାରତ-ପାକିସ୍ତାନ ମଧ୍ୟରେ ପରମାଣୁ ଯୁଦ୍ଧ ଆଶଙ୍କା



ନୂଆଦିଲ୍ଲୀ, ୧୯।୩: ଆମେରିକାର ଗୁଇନ୍ଦା ବିଭାଗର ନୂତନ ରିପୋର୍ଟ ଆଜିକାଲି ହେଡଲାଇନରେ ରହିଛି। ରିପୋର୍ଟରେ ଭାରତ ଓ ପାକିସ୍ତାନ ମଧ୍ୟରେ ପରମାଣୁ ଯୁଦ୍ଧର ଆଶଙ୍କା ଅଛି ବୋଲି ଦାବି କରାଯାଇଛି। ଏଥିରେ ପାକିସ୍ତାନର କଳା କାରନାମା ବିଷୟରେ ମଧ ଉଲ୍ଲେଖ କରାଯାଇଛି। ଆମେରିକା ସିନେଟରେ ଏହି ରିପୋର୍ଟ ଉପସ୍ଥାପିତ ହୋଇଛି। ରିପୋର୍ଟ ଉପସ୍ଥାପନ କରି ଆମେରିକାର ଗୁଇନ୍ଦା ମୁଖ୍ୟ ତୁଳସୀ ଗବାର୍ଡ ଆଉ ଏକ ବଡ଼ ବିବୃତି ଦେଇଛନ୍ତି, ଯେଉଁଥିରେ ସେ କହିଛନ୍ତି ଯେ ପାକିସ୍ତାନର ଆଣବିକ ଅସ୍ତ୍ରଶସ୍ତ୍ର ଦ୍ୱାରା ଆମେରିକା ମଧ ବିପଦରେ ଅଛି। ଆମେରିକାର ଗୁଇନ୍ଦା ସଂସ୍ଥା ଦ୍ୱାରା ବିପଦ ମୂଲ୍ୟାଙ୍କନ ଉପରେ ବାର୍ଷିକ ରିପୋର୍ଟ ଅନୁଯାୟୀ, ଭାରତ ଓ ପାକିସ୍ତାନ ମଧ୍ୟରେ ତିକ୍ତ ସମ୍ପର୍କ ହେତୁ ପରମାଣୁ ଯୁଦ୍ଧର ଆଶଙ୍କା ରହିଛି। ୩୪ ପୃଷ୍ଠାର ରିପୋର୍ଟ ଅନୁଯାୟୀ, ଭାରତ ଓ ପାକିସ୍ତାନ ସିଧାସଳଖ ସଂଘର୍ଷ ଆରମ୍ଭ କରିବାକୁ ଚାହୁଁନାହାନ୍ତି, କିନ୍ତୁ ଆତଙ୍କବାଦୀ ତତ୍ତ୍ୱ ଏପରି ପରିସ୍ଥିତି ସୃଷ୍ଟି କରିପାରନ୍ତି। ଏଥିରେ ପହଲଗାମ ଆକ୍ରମଣ ବିଷୟରେ ମଧ ଉଲ୍ଲେଖ କରାଯାଇଛି। ଏହି ଆକ୍ରମଣରେ ପାକିସ୍ତାନ ସମର୍ଥିତ ଆତଙ୍କବାଦୀମାନେ ୨୬ ଜଣଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ଏହା ପରେ ଭାରତ ଅପରେସନ୍ ସିନ୍ଦୂର ଆରମ୍ଭ କରି ପାକିସ୍ତାନ ଓ ପାକ୍-ଅଧିକୃତ କାଶ୍ମୀରରେ ଥିବା ଅନେକ ଆତଙ୍କବାଦୀ ଘାଟିକୁ ଭାଙ୍ଗି ଦେଇଥିଲା ଏବଂ ୧୦୦ରୁ ଅଧିକ ଆତଙ୍କବାଦୀଙ୍କୁ ହତ୍ୟା କରିଥିଲା। ଗତବର୍ଷ ମେ ମାସରେ ଆରମ୍ଭ ହୋଇଥିବା ଯୁଦ୍ଧ ପରି ପରିସ୍ଥିତି ବିଷୟରେ ଉଲ୍ଲେଖ କରି ଆମେରିକା ଦସ୍ତାବିଜରେ କୁହାଯାଇଛି ଯେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହସ୍ତକ୍ଷେପ ସାମ୍ପ୍ରତିକ ଆଣବିକ ତିକ୍ତତାକୁ ହ୍ରାସ କରିଛି ଏବଂ ଆମର ଆକଳନ ହେଉଛି ଯେ କୌଣସି ଦେଶ ଖୋଲା ବିବାଦକୁ ଫେରିବାକୁ ଚାହୁଁନାହାନ୍ତି, କିନ୍ତୁ ଆତଙ୍କବାଦୀ ତତ୍ତ୍ୱମାନଙ୍କ ପାଇଁ ସଙ୍କଟ ସୃଷ୍ଟି ହେବା ସମ୍ଭାବନା ଅଛି। ଅନ୍ୟପକ୍ଷରେ ଆମେରିକାର ଗୁଇନ୍ଦା ମୁଖ୍ୟ ତୁଳସୀ ଗବାର୍ଡ ସାଂସଦମାନଙ୍କୁ କହିଛନ୍ତି ଯେ, ପାକିସ୍ତାନ ଦ୍ୱାରା ବିକଶିତ ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ରରେ ଆମେରିକାକୁ ଟାର୍ଗେଟ୍ କରିବାରେ ସକ୍ଷମ କ୍ଷେପଣାସ୍ତ୍ର ଅନ୍ତର୍ଭୁକ୍ତ ହୋଇପାରେ। ଗବାର୍ଡ କହିଛନ୍ତି, ଆମେରିକାର ସୁରକ୍ଷିତ ଆଣବିକ ପ୍ରତିରୋଧ ବ୍ୟବସ୍ଥା ଦେଶକୁ ବିପଦରୁ ସୁରକ୍ଷା ଦେଇଥାଏ। ତେବେ ରୁଷ୍, ଚୀନ୍, ଉତ୍ତର କୋରିଆ, ଇରାନ ଓ ପାକିସ୍ତାନ ଆଣବିକ ତଥା ପାରମ୍ପରିକ ପେଲୋଡ୍ ସହିତ ସଜ୍ଜିତ ଅନେକ ନୂତନ, ଉନ୍ନତ କ୍ଷେପଣାସ୍ତ୍ର ପ୍ରଣାଳୀ ଉପରେ ଗବେଷଣା ଓ ବିକାଶ ଜାରି ରଖିଛନ୍ତି ଯାହା ଆମ ଦେଶକୁ ବିପଦର ସମ୍ମୁଖୀନ କରିପାରେ ବୋଲି ସେ କହିଛନ୍ତି।

## ଚୋରା କୋଇଲା ଚାଲାଣ ଅଭିଯୋଗରେ ଜଣେ ଗିରଫ, ଟ୍ରକ୍ ଜବତ

ତାଳଚେର,(ନିପ୍ର): ତାଳଚେର ପୁଲିସ ତରଫରୁ ତାଳବେଡା ଠାରେ ଚଢାଉ କରାଯାଇ ଚୋରା କୋଇଲା ଚାଲାଣ କରୁଥିବା ଅଭିଯୋଗରେ ଡ୍ରାଇଭରକୁ ଗିରଫ କରାଯାଇଥିବାବେଳେ ଚୋରା କୋଇଲା ସହ ଟ୍ରକକୁ ଜବତ କରାଯାଇଛି । ସୂଚନାଯୋଗ୍ୟ ରାତ୍ରି ପେଟ୍ରୋଲିଂ ସମୟରେ ଏକ ବିଶେଷ ସୂତ୍ରରୁ ଖବର ପାଇ ତାଳଚେର ପୁଲିସ ଚୋରା କୋଇଲା ଚାଲାଣ କରୁଥିବା ଏକ ୧୬ ଚକିଆ ଟ୍ରକକୁ( ଓଡ଼ି ୧୯ ଡବ୍ଲୁ ୩୧୩୩) ତାଳବେଡା ଛକ ପାଖରେ ଧରିଥିବାବେଳେ ଚଢାଉ ସମୟରେ ଗାଡ଼ିର ଡ୍ରାଇଭର ଭୁବନ ଥାନା ବନ୍ଧାଳ ଗ୍ରାମର ମନୋଜ ସେନାପତିଙ୍କୁ ଟ୍ରକରେ ଲୋଡ୍‌ଥିବା ୩୦ ଟନ କୋଇଲାର କାଗଜ ପତ୍ର ଦେଖାଇବାକୁ କହିଥିଲେ । ମାତ୍ର ସେ ତାହା ଦେଖାଇ ନପାରିବା ସହ ସେହି କୋଇଲା ସେ ଜରଡା କୋଇଲା ଖଣିରୁ ଆଣି ବାଲେଶ୍ୱର ଆଡ଼କୁ ନେଉଥିଲା ବୋଲି ମାନିଥିଲା । ତେଣୁ ପୁଲିସ ତାଙ୍କୁ ଗିରଫ କରିବାସହ ଚୋରା କୋଇଲା ସହ ଟ୍ରକକୁ ଜବତ କରିଥିଲେ । ଏହି ଚୋରା କୋଇଲା କାରବାରରେ ଆଉ କିଏ ସମ୍ପୃକ୍ତ ଅଛନ୍ତି ବୋଲି ପୁଲିସ ତଦନ୍ତ କରୁଥିବାବେଳେ ମୁଦଲାକୁ ଅଦାଲତ ଚାଲାଣ କରାଯାଇଛି ।

## ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର

ଭବାନୀପାଟଣା,(ନି.ପ୍ର): ଥୁଆମୂଳ ରାମପୁର ବ୍ଲକସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଓ ସମାଧାନ ଶିବିର ବ୍ଲକ କାର୍ଯ୍ୟାଳୟ ସ୍ଥିତ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଏବଂ ଆରକ୍ଷୀ ଅଧୀକ୍ଷକ ନାଗରାଜ ଦେବାରକୋଣ୍ଡା ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ । ଏହି ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୭୪ ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୪୨ ଗୋଟି ଓ ସାମୂହିକ ୨୯ ଗୋଟି ରହିଥିବା ବେଳେ ୨୨ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଏହି ଶିବିରରେ ଘରଡିହ, ଭତ୍ତା, ପାନୀୟଜଳ, ଜମିବିବାଦ, ରେଶନ କାର୍ଡ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ଗ୍ରାମ୍ୟ ଉନ୍ନୟନ, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଶିବିରରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ସ୍ମୃତି ରଞ୍ଜନ ପ୍ରଧାନ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ସ୍ଥାନୀୟ ବ୍ଲକ ଉନ୍ନୟନ ଅଧିକାରୀ ଓ ତହସିଲଦାର ଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଏବଂ ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

## ଶ୍ରୀରାମଚରିତମାନସ ପାରାୟଣ ଉତ୍ସବ




ଭୁବନେଶ୍ୱର(ନିପ୍ର): ଚଳିତ ଚୈତ୍ର ମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ତିଥି ଗତ ବୁଧବାର ଦିନ ପବିତ୍ର ପଞ୍ଚବଟୀ ଆଶ୍ରମର ଚତୁର୍ଦ୍ଦଶତମ ନବଦିନାତ୍ମକ ଶ୍ରୀରାମଚରିତମାନସ ପାରାୟଣ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ପରିପ୍ରେକ୍ଷିରେ ଶୁଭଧିବାସ, କଳସ ସ୍ଥାପନ, ଅଙ୍କୁରାରୋପଣ ମହା ଆନନ୍ଦ ରେ ଭକ୍ତିପୂର୍ବକ ପାଳନ ହୋଇ ଯାଇଅଛି । ସ୍ଥାନୀୟ ଝରଣାରୁ କଳସ ଶୋଭାଯାତ୍ରା ବାହାରି ପଞ୍ଚବଟୀ ରଘୁନାଥ କ୍ଷେତ୍ରରେ ପହଞ୍ଚିଥିଲା । ଆଶ୍ରମର ଅଧ୍ୟକ୍ଷ ଜ୍ୟୋତିର୍ବିଦ ଆଚାର୍ଯ୍ୟ ସଦାଶିବ ମିଶ୍ର ଓ ଯଜମାନ ପବିତ୍ର ପରିଡାଙ୍କ ସହଯୋଗରେ ସାମୁହିକ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା । ଭକ୍ତ ମାନଙ୍କୁ ପ୍ରସାଦ ବିତରଣ କରାଯାଇଥିଲା । ସମସ୍ତ କାର୍ଯ୍ୟକୁ ଆଶ୍ରମର ଅଧ୍ୟକ୍ଷ ଜ୍ୟୋତିର୍ବିଦ ଆଚାର୍ଯ୍ୟ ସଦାଶିବ ମିଶ୍ର ପରିଚାଳନା କରିଥିଲେ ।

## ଆରମ୍ଭ ହେଲା ମାଟ୍ରିକ ଖାତା ଦେଖା

କଟକ, (ନିପ୍ର):: ରାଜ୍ୟର ୩୦ଟି ଜିଲ୍ଲାର ୫୧ଟି ମୂଲ୍ୟାୟନ କେନ୍ଦ୍ରରେ ମାଟ୍ରିକ ଖାତା ଦେଖା ଗୁରୁବାର ଠାରୁ ଆରମ୍ଭ ହୋଇଛି । ମାଟ୍ରିକ ଖାତା ଦେଖା ପାଇଁ ଏହି ୫୧ଟି ମୂଲ୍ୟାୟନ କେନ୍ଦ୍ରରେ ଜିଲ୍ଲା ଶିକ୍ଷାଧିକାରୀମାନେ ସମସ୍ତ ପ୍ରକାର ବ୍ୟବସ୍ଥା କରିଛନ୍ତି । ମୂଲ୍ୟାୟନ ପାଇଁ ବିଭିନ୍ନ ବିଷୟର ପ୍ରାୟ ୧୫ହଜାର ବରିଷ୍ଠ ସବଜେକ୍ଟ ଏକ୍ସପୋର୍ଟକୁ ବୋର୍ଡ଼ ନିୟୋଜିତ କରିଛି । ମୂଲ୍ୟାୟନ କେନ୍ଦ୍ରଗୁଡ଼ିକରେ ସିସିଟିଭି ଲାଗିଛି ଓ କଡ଼ା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ଖାତା ଦେଖା ଚାଲିଛି । ସେହିଭଳି ମୂଲ୍ୟାୟନ କେନ୍ଦ୍ରରେ ମୌଳିକ ସୁବିଧା ସହ ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବସ୍ଥା କରାଯାଇଛି । ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ସେମାନଙ୍କ ଏକ୍ସପୋର୍ଟ ଅନୁସାରେ ନିଜ ଅଂଚଳରେ ଖାତା ଦେଖିବା ପାଇଁ ବ୍ୟବସ୍ଥା କରାଯାଇଛି । ଖାତା ଦେଖାରେ ନିୟୋଜିତ ଶିକ୍ଷକ ଶିକ୍ଷୟିତ୍ରୀ ସଠିକ ଭାବେ ଖାତା ମୂଲ୍ୟାୟନ କରିବାକୁ ବୋର୍ଡ଼ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ମୂଲ୍ୟାୟନ କେନ୍ଦ୍ରକୁ ମୋବାଇଲ ନେବା ବାରଣ କରାଯାଇଛି । ସୂଚନାଯୋଗ୍ୟ, ଚଳିତ ବର୍ଷଫେବୃଆରୀ ୧୯ ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖରେ ଶେଷ ହୋଇଥିଲା ।

### ବ୍ୟାଙ୍କ ଅଫ ଇଣ୍ଡିଆ ଚେକ୍ କ୍ଲୋନିଂ ମାମଲା

# ଆଉ ଜଣେ ଠକକୁ ଗିରଫ କଲା ଇଓଡବ୍ଲ୍ୟୁ

ଭୁବନେଶ୍ୱର, (ନିପ୍ର): ବ୍ୟାଙ୍କ ଅଫ ଇଣ୍ଡିଆ ଚେକ୍ କ୍ଲୋନିଂ ମାମଲାରେ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଛତିଶଗଡ଼ରୁ ଆଉ ଜଣେ ଅଭିଯୁକ୍ତ ଠକ ବ୍ରଜେଶ ମିଶ୍ରଙ୍କୁ ଗିରଫ କରିଛି । ଶ୍ରୀ ମିଶ୍ର ଏଣ୍ଟରପ୍ରାଇଜେସ ଓ ମହାକାଳ କନଷ୍ଟ୍ରକ୍ସନ୍‌ର ମାଲିକ । ଗିରଫ ପରେ ଅଭିଯୁକ୍ତଙ୍କୁ ଛତିଶଗଡ଼ର ଆଦାଲତରେ ହାଜର କରାଯାଇଥିଲା ଏବଂ ପରେ ଟ୍ରାନ୍ଜିଟ୍ ରିମାଣ୍ଡ ଆଧାରରେ ଭୁବନେଶ୍ୱରକୁ ଆଣାଯାଇଛି । ତାଙ୍କୁ ଆସନ୍ତାକାଲି ବାଲେଶ୍ୱରର ଓପିଆଇଡି ଆଇନ ଅଧୀନ ନିର୍ଦ୍ଦିଷ୍ଟ ଆଦାଲତରେ ହାଜର କରାଯିବ । ଏହି ମାମଲାଟି ମୟୁରଭଞ୍ଜ ଜିଲ୍ଲାର ଭଞ୍ଜପୁର ଥାନା କେସ୍ ନଂ ୯୫ (୧୯.୦୪.୨୦୨୪) କୁ ନେଇ ରେଜିଷ୍ଟର୍ ହୋଇଥିଲା । ବ୍ୟାଙ୍କ ଅଫ ଇଣ୍ଡିଆ, ବାରିପଦା ଶାଖାର ମୁଖ୍ୟ ପ୍ରବନ୍ଧକ ସୁଜାତା କାନୁନଗୋଙ୍କ ଲିଖିତ ଅଭିଯୋଗ ଅନୁଯାୟୀ, ଜିଲ୍ଲା ମିନେରାଲ ଫାଉଣ୍ଡେସନ ଟ୍ରଷ୍ଟର ଖାତାରୁ ଅବୈଧ ଭାବେ ମୋଟ ୯,୫୬,୭୬,୬୦୦ ଟଙ୍କା ଟ୍ରାଞ୍ଜାକ୍ସନ୍ ହୋଇଥିଲା । ତଦନ୍ତରେ ଜଣାପଡ଼ିଛି ଯେ, ଠକମାନେ ନକଲି/କ୍ଲୋନ୍ ଚେକ୍ ବ୍ୟବହାର କରି ୧୦.୦୪.୨୦୨୪ ଓ ୧୮.୦୪.୨୦୨୪ ରେ ଚାରିଟି ଚେକ୍ ଦ୍ୱାରା ଏହି ଟଙ୍କାକୁ ଦୁଇଟି ଭିନ୍ନ ଖାତାକୁ ଟ୍ରାନ୍ସଫର୍ କରିଥିଲେ । ସେହି ଖାତାଗୁଡ଼ିକ ପିଟି କନଷ୍ଟ୍ରକସନ ଆଣ୍ଡ ସପ୍ଲାଏର (ବ୍ୟାଙ୍କ ଅଫ ମହାରାଷ୍ଟ୍ର) ଓ ଏସକେ ଏଣ୍ଟରପ୍ରାଇଜର୍ସ (ପଞ୍ଜାବ ଏଣ୍ଡ ସିନ୍ଧ ବ୍ୟାଙ୍କ) ନାମରେ ଥିଲା ।ପରବର୍ତ୍ତୀ ତଦନ୍ତରେ ଏହି ଟଙ୍କାକୁ ଅନେକ ଅନ୍ୟ ଖାତାକୁ ମଲ୍ଟି-ଲେୟର୍ ଭାବରେ ଟ୍ରାନ୍ସଫର୍ କରାଯାଇଥିବା ଜଣାପଡ଼ିଛି । ଏଥିରୁ ୫,୦୪,୦୬,୯୦୦ ଟଙ୍କା ବ୍ଲକ୍ କରାଯାଇଛି ଏବଂ ୩୩ଟି ଖାତାରେ ଥିବା ୧୩,୫୬,୯୪୮ ଟଙ୍କା ଫ୍ରିଜ୍ କରାଯାଇଛି । ଅଭିଯୁକ୍ତ ବ୍ରଜେଶ ମିଶ୍ର ମିଶ୍ର ଏଣ୍ଟରପ୍ରାଇଜେସ ଓ ମହାକାଳ କନଷ୍ଟ୍ରକ୍ସନର ସାଇନେଟୋରି ଅଥରିଟି ଥିବା ଜଣାପଡ଼ିଛି । ପିଟି କନଷ୍ଟ୍ରକସନ ଆଣ୍ଡ ସପ୍ଲାଏର ଖାତାରୁ ୯୮,୩୦,୧୫୮ ଟଙ୍କା ଓ ୪୯,୧୯,୯୨୦ ଟଙ୍କା ଏହି ଦୁଇ ଖାତାକୁ ଟ୍ରାନ୍ସଫର୍ ହୋଇଥିଲା । ଏଥିରୁ ୧୪.୧୯ ଲକ୍ଷ ଟଙ୍କା ତାଙ୍କ ନିଜ ଖାତାକୁ ଯାଇଥିଲା । ଅନ୍ୟାନ୍ୟ ଟଙ୍କା ଅନ୍ୟ ଖାତାକୁ ପଠାଯାଇଥିଲା । ଏହି ଅଭିଯୁକ୍ତ ଏକ ବଡ଼ ଗ୍ୟାଙ୍ଗର ସଦସ୍ୟ ଯେଉଁମାନେ ଛତିଶଗଡ଼, ମଧ୍ୟ ପ୍ରଦେଶ, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଓଡ଼ିଶାରେ ସକ୍ରିୟ ଅଛନ୍ତି । ଗତ ୪ ବର୍ଷ ଧରି ସେମାନେ ଏପରି ଠକେଇ କରୁଛନ୍ତି । ସେମାନେ ଚେକ୍ କ୍ଲୋନିଂ, ମଲ୍ଟି-ଲେୟର୍ ଟ୍ରାନ୍ସଫର, ଭିନ୍ନ ଭିନ୍ନ ବ୍ୟାଙ୍କ ଖାତା ସୃଷ୍ଟି ଓ ବ୍ୟବହାର, ଟଙ୍କା ଉତ୍ତୋଳନ ଓ ସ୍ଥାନୀୟ ମଧ୍ୟସ୍ଥମାନଙ୍କୁ ବ୍ୟବହାର କରୁଥିଲେ । ଏହା ପୂର୍ବରୁ ପ୍ରୋମେଶ ଟେମ୍ଭାରେ, ଘନଶ୍ୟାମ ଆହୁଜା ଓ ଅଜମିର ମଣ୍ଡଳଙ୍କୁ ମଧ୍ୟ ମଧ୍ୟ ପ୍ରଦେଶ, ଛତିଶଗଡ଼ ଓ ପଶ୍ଚିମ ବଙ୍ଗରୁ ଗିରଫ କରାଯାଇଥିଲା ।

### ଏସସିବି ଅଗ୍ନିକାଣ୍ଡ ଘଟଣା

# ମେଡ଼ିକାଲ ପରିଦର୍ଶନ କଲେ ସାଂସଦ ସନ୍ତୃପ୍ତ ମିଶ୍ର



କଟକ,(ନିପ୍ର): ରାଜ୍ୟସଭା ସାଂସଦ ସନ୍ତୃପ୍ତ ମିଶ୍ର ଗୁରୁବାର ପୂର୍ବାହ୍ନରେ ଏସସିବି ମେଡ଼ିକାଲ କଲେଜ ଓ ହସପିଟାଲ ପରିଦର୍ଶନ କରିଛନ୍ତି । ଏସସିବି ମେଡ଼ିକାଲ ପରିଚାଳନାର ଉତ୍ତର ଦାୟିତ୍ୱ କାହାର ବୋଲି ନବ ନିର୍ବାଚିତ ରାଜ୍ୟସଭା ସାଂସଦ ସନ୍ତୃପ୍ତ ମିଶ୍ର ପ୍ରଶ୍ନ କରିଛନ୍ତି । ପରିଦର୍ଶନ ସମୟରେ ଏସସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ପ୍ରସଙ୍ଗରେ ସାଂସଦ ଶ୍ରୀ ମିଶ୍ର ରାଜ୍ୟସରକାରଙ୍କ ଉପରେ ଖୁବ ବର୍ଷିଥିଲେ । ସେ କହିଛନ୍ତି, କେବଳ କିଛି ତଳିଆ କର୍ମଚାରୀ ଅବା ଅଧିକାରୀଙ୍କୁ ସସପେଣ୍ଡ କରି ସରକାର ନିଜ ମୁଣ୍ଡରୁ ଦାୟିତ୍ୱ ହଟାଇ ପାରିବେ ନାହିଁ । ବିଧାନସଭାରେ ବିଜେଡ଼ି ସରକାରଙ୍କୁ ଘେରିବା ପରେ ସରକାର ଏଭଳି ତରତରିଆ ପଦକ୍ଷେପ ନେଇଛନ୍ତି । କିନ୍ତୁ ସ୍ୱାସ୍ଥ୍ୟ ମନ୍ତ୍ରୀ, ସଚିବ କିମ୍ବା ଏସସିବି ଅଧିକ୍ଷକ କାହିଁକି ଉତ୍ତରଦାୟୀ ହେବେ ନାହିଁ ବୋଲି ସାଂସଦ ଶ୍ରୀ ମିଶ୍ର ପ୍ରଶ୍ନ କରିଛନ୍ତି । ନିଆଁରେ ନଷ୍ଟ ହୋଇସାରିଥିବା ଏସସିବି ଟ୍ରମା ଆଇସିୟୁ ବୁଲିବା ସହିତ ସ୍ଥିତିରେ ସୁଧାର ଆଣିବାକୁ ସନ୍ତୃପ୍ତ କିଛି ପ୍ରସ୍ତାବ ମଧ୍ୟ ଦେଇଛନ୍ତି । ଏସସିବି ପରିଚାଳନା ପାଇଁ ଯୋଗ୍ୟ ବ୍ୟକ୍ତିଙ୍କୁ ଦାୟିତ୍ୱ ଦିଆଯାଉ । ସଂପୂର୍ଣ୍ଣ ମେଡ଼ିକାଲର ବିଦ୍ୟୁତ ବ୍ୟବସ୍ଥାରେ ସୁଧାର ଆଣିବା ଏବଂ ସମସ୍ତ ଆନୁସଂଗିକ କାର୍ଯ୍ୟକୁ ନିଷ୍ପାର ସହ କରାଯାଉ ବୋଲି ସାଂସଦ ସନ୍ତୃପ୍ତ ମିଶ୍ର କହିଛନ୍ତି ।

# ଜିଲ୍ଲା ସ୍ତରୀୟ ସମୀକ୍ଷା ସମିତି ଓ ଜିଲ୍ଲା ପରାମର୍ଶଦାତା ସମିତି ବୈଠକ

କଟକ,(ନିପ୍ର): ଜିଲ୍ଲାସ୍ତରୀୟ ସମୀକ୍ଷା ସମିତି (ଡିଏଲଆରସି) ଓ ପରାମର୍ଶଦାତା ସମିତି ବିସିସି ବୈଠକ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନଙ୍କ ଉପସ୍ଥିତିରେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆଜିର ବୈଠକରେ କ୍ରେଡ଼ିଟ, ଡିପୋଜିଟ ଅନୁପାତ, ବିଭିନ୍ନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଅଧୀନରେ ହିତାଧିକାରୀଙ୍କୁ ଋଣ ଯୋଗାଣ ଉପରେ ଆଲୋଚନା ହୋଇଥିଲା । ଏଥିସହ ଉପସ୍ଥିତ ବ୍ୟାଙ୍କଗୁଡ଼ିକରେ ବିଭିନ୍ନ ବିଭାଗର ଋଣ ଅନୁମୋଦନ ପାଇଁ ବାକି ଥିବା କାର୍ଯ୍ୟଗୁଡ଼ିକ ତୁରନ୍ତ ସମାଧାନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହ କୃଷି, ପଶୁପାଳନ, ମତ୍ସ୍ୟ, ହସ୍ତତନ୍ତ ଆଦି କ୍ଷେତ୍ରରେ ଅଧିକରୁ ଅଧିକ ଋଣ ପ୍ରଦାନ କରି ଜିଲ୍ଲାର ଉନ୍ନତିରେ ସହଯୋଗ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଏହି ସମୀକ୍ଷା ବୈଠକରେ ପ୍ରଧାନମନ୍ତ୍ରୀ ଜନଧନ ଯୋଜନା, ଇ-କିଶାନ, ଉପାଜନିଧି, ପିଏମସୋନିଧି ଆଦି ଯୋଜନାଗୁଡ଼ିକର ସଫଳ ରୂପାୟନ ନିମନ୍ତେ ଆବଶ୍ୟକୀୟ ଋଣ ପ୍ରଦାନ ନିମନ୍ତେ ଆଲୋଚନା କରାଯାଇଥିଲା । ଲିଡ଼ ବ୍ୟାଙ୍କ ପ୍ରବନ୍ଧକ ସତ୍ୟ ରଂଜନ ମହାନ୍ତିଙ୍କୁ ସଂଯୋଜନାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, କଟକ ନାବାର୍ଡ଼ ଡିଡିଏମ ପ୍ରଣିମା ପରିଡ଼ା, ଆରବିଆଇ ଏଲବିଓ ରାହୁଲକ୍ୟାମ୍ପେ ଓ ୟୁକୋ ବ୍ୟାଙ୍କ ପ୍ରବନ୍ଧକ ବର୍ଷା ପ୍ରମୁଖ ଉପସ୍ଥିତ ଥିଲେ ।

## ବଣାଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଲେ ଅଭିଯୋଗକାରୀ

ବଣାଇ,(ନିପ୍ର): ସରକାର ପରିବର୍ତ୍ତନ ସହିତ ଜନସାଧାରଣଙ୍କ ସମସ୍ୟାକୁ ପ୍ରାଥମିକତା ଦେଇ ତୁରନ୍ତ ସମାଧାନ କରାଯିବ ବୋଲି ରାଜସ୍ୱ ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ, ତାହାର ବାସ୍ତବ ଚିତ୍ର ତୃଣମୂଳସ୍ତରରେ ଭିନ୍ନ ଦେଖିବାକୁ ମିଳୁଛି । ବିଭିନ୍ନ ଜମି ସମ୍ପର୍କିତ କାର୍ଯ୍ୟ ଓ ରାଜସ୍ୱ ମାମଲାର ସମାଧାନ ପାଇଁ ମାସ ମାସ ଧରି ତହସିଲ କାର୍ଯ୍ୟାଳୟ ଚକ୍କର କାଟିବା ପରେ ମଧ୍ୟ ନ୍ୟାୟ ନ ମିଳିବାରୁ କିଛି ଅଭିଯୋଗକାରୀ ଶେଷରେ ବାଧ୍ୟ ହୋଇ ବଣାଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଅଭିଯୋଗ ଅନୁଯାୟୀ, ବଣାଇ ବ୍ଲକ୍ କେନାଭେଟା ରାଜସ୍ୱ ଗ୍ରାମର ସୁଶୀଲ କୁମାର ମହାକୁଡ଼ ଜମି କ୍ରୟ କରିଥିବା ସତ୍ତ୍ୱେ ଦୁଇ ମାସ ଧରି ଜମିର ପଟ୍ଟା ପାଇବା ପାଇଁ ତହସିଲ କାର୍ଯ୍ୟାଳୟକୁ ବାରମ୍ବାର ଯାତାୟାତ କରୁଥିଲେ । କିନ୍ତୁ ଏପର୍ଯ୍ୟନ୍ତ ତାଙ୍କୁ ପଟ୍ଟା ମିଳିପାରିନ ଥିବାରୁ ସେ ଭାରି ଅସନ୍ତୋଷ ପ୍ରକାଶ କରିଛନ୍ତି । ସେହିପରି ବଣାଇ ସଦର ଅଞ୍ଚଳର ଛବିଳ ପ୍ରସାଦ ମହାନ୍ତିଙ୍କ କହିବା ଅନୁଯାୟୀ, ତାଙ୍କ ପିତାଙ୍କ ଦେହାନ୍ତ ପରେ ଖାତା ସଂଶୋଧନ ପାଇଁ ତିନି ମାସ ଧରି ଚେଷ୍ଟା କରିଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଛୁଟି ଓ କାର୍ଯ୍ୟପ୍ରଣାଳୀର ଅନିୟମିତତା ଯୋଗୁଁ ତାହା ଏପର୍ଯ୍ୟନ୍ତ ସମ୍ପନ୍ନ ହୋଇପାରି ନାହିଁ । ଏହାସହ କନ୍ତସରା ଗ୍ରାମର ବଂଶୀଧର କିସାନ ମଧ୍ୟ ଦୀର୍ଘ ସମୟ ଧରି ନିଜ ସମସ୍ୟାର ସମାଧାନ ପାଇଁ ତହସିଲ କାର୍ଯ୍ୟାଳୟକୁ ଯାତାୟାତ କରୁଥିବାବେଳେ, କେବେ ଅଧିକାରୀ ଛୁଟିରେ ଥିବା ତ କେବେ ଟ୍ରେନିଂରେ ଯାଇଥିବା ଦେଖାଇ କର୍ମଚାରୀମାନେ କାର୍ଯ୍ୟକୁ ଆଡେଇ ଆସୁଥିବା ଅଭିଯୋଗ କରିଛନ୍ତି । ବାରମ୍ବାର କାର୍ଯ୍ୟାଳୟ ଦୌଡ଼ିବା ସତ୍ତ୍ୱେ ସମସ୍ୟାର ସମାଧାନ ନ ହେବାରୁ ବିରକ୍ତ ହୋଇ ଶେଷରେ ସେମାନେ ବଣାଇ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ବେଳେ, ତାଙ୍କ ଦାବିର ସମାଧାନ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରଖିବେ ବୋଲି ସମସ୍ତେ କହିଛନ୍ତି । ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ପ୍ରଶାସନର କାର୍ଯ୍ୟ ପ୍ରଣାଳୀକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠୁଥିବା ଦେଖାଯାଉଛି ।

## କାଳବୈଶାଖୀ ପ୍ରଭାବରେ ଦାମନଯୋଡିରେ ବର୍ଷା ସାଙ୍ଗକୁ ଘଡ଼ଘଡ଼ି

ଦାମନଯୋଡି, (ନିପ୍ର): ଗତ ୩/୪ ଦିନ ହେଲା କାଳବୈଶାଖୀ ପ୍ରଭାବରେ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ବର୍ଷା ଓ ଘଡ଼ଘଡ଼ି ଜାରି ରହିଥିବା ବେଳେ ବୁଧବାର ସନ୍ଧ୍ୟାରୁ ଦାମନଯୋଡି ତଥା ଆଖପାଖ ଅଞ୍ଚଳରେ ଏହାର ପ୍ରଭାବ ଲାଗି ରହିଛି । ସନ୍ଧ୍ୟା ବେଳୁ ବିଜୁଳି , ଘଡ଼ଘଡ଼ି ସହିତ ଝିପିଝିପି ବର୍ଷା ହୋଇଥିଲା । ତେବେ ଆଜି ସକାଳୁ ମେଘୁଆ ପାଗ ରହିଥିବା ବେଳେ ଦ୍ୱିପ୍ରହର ଠାରୁ ବର୍ଷା ଓ ବିଜୁଳି ଲାଗି ରହିଛି । ଜିଲ୍ଲାର କେତେକ ସ୍ଥାନରେ ବର୍ଷା ସାଙ୍ଗକୁ କୁଆପଥର ପଡିଥିବାର ଦେଖିବାକୁ ମିଳିଛି । ସିମିଳିଗୁଡା ବ୍ଲକ୍ ଅନ୍ତର୍ଗତ ପାକଝୋଲା ଓ ଆଖପାଖ ଅଞ୍ଚଳରେ ପ୍ରବଳ କୁଆପଥର ବର୍ଷା ଯୋଗୁ ଅନେକ ଚାଷୀଙ୍କର ଫସଲ ନଷ୍ଟ ହୋଇଯାଇଥିବା ଖବର ମିଳିଛି । ବର୍ଷା ପ୍ରଭାବରେ ଶୀତ ଦିନ ଭଳି ଥଣ୍ଡା ଅନୁଭୂତ ହେଉଛି । ଅଦିନିଆ ବର୍ଷାକୁ ନେଇ ଚାଷୀ ଓ ଦିନ ମଜୁରିଆମାନେ ଚିନ୍ତାରେ ପଡ଼ି ଯାଇଛନ୍ତି । ରାଜ୍ୟ ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଆଗାମୀ ୨/୩ ଦିନ ଏଭଳି ବର୍ଷା ଲାଗି ରହିବ ବୋଲି ଜଣାପଡ଼ିଛି ।

# ପଙ୍କୁଆ ପୋତା ବାଲିରେ ହେଉଛି କାର୍ଯ୍ୟ

## ଉଚ୍ଚପଦସ୍ଥ ଅଧିକାରଙ୍କ ମୁଁହ କଳାପଟିରେ ବନ୍ଧା !

ପିପିଲି,(ନିପ୍ର): ପୁରୀଜିଲ୍ଲା ପିପିଲି ଜଳସେଚନ ଉପଖଣ୍ଡ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସାତଶଙ୍ଖ ପାର୍ଶ୍ୱ ଶୁକଳ ଡିଷ୍ଟ୍ରିବ୍ୟୁଟାରୀ ସମ୍ପ୍ରସାରଣ କାର୍ଯ୍ୟରେ ଚାଲିଛି ମହାଦୁର୍ନୀତି । କାର୍ଯ୍ୟକୁ ଜଣେ ଠିକାଦାର ନେଇଥିବାବେଳେ ଉଚ୍ଚପଦସ୍ଥ ଯନ୍ତ୍ରୀଙ୍କ ମୁଖରେ କଳା ପଟି ପକାଇ କରାଯାଉଛି ନିମ୍ନମାନର କାର୍ଯ୍ୟ । କାର୍ଯ୍ୟରେ ବ୍ୟବହୃତ ମୋରମ ବଦଳରେ ପଙ୍କୁଆ ପୋତା ମାଟି ପକାଇ କାର୍ଯ୍ୟ କରାଯାଉଥିବା ଚାଷୀ ମହଲରେ ଅଭିଯୋଗ ହେଉଛି ।



ଖାଲି ସେତିକି ନୁହେଁ ସମ୍ପ୍ରସାରଣ କାର୍ଯ୍ୟ କେନାଲ ବନ୍ଧ ଉପରେ ମାଟି ପକାଇ କାର୍ଯ୍ୟ କରିବା ପାଇଁ କାର୍ଯ୍ୟର ଚୁକ୍ତି ପତ୍ରରେ ଥିବା ବେଳେ ଠିକାଦାର ପୁରୁଣା ଉଭୟ ବନ୍ଧକୁ ବୁଲଡୋଜର ଲଗାଇ ବନ୍ଧର ଅଧାରୁ ଅଧେ ମାଟି ଖୋଳି ସେହି ମାଟିରେ ସ୍ଲୋପିଙ୍ଗ କରି ଚାଲିଛନ୍ତି । ଫଳରେ ଆଗାମୀ ଦିନରେ କେନାଲ ପାଣି ଆସିଲେ ବନ୍ଧ ଠାକୁ ଠା ବିରାଟକାୟ ଘାଇ ସୃଷ୍ଟି ହେଲେ ବ୍ୟୟବରାଦ ହୋଇ ନିର୍ମାଣ ଚାଲୁ ଥିବା କୋଟି କୋଟି ଟଙ୍କା ଘାଇ ମୁଁହରେ ଯିବ ବୋଲି ଅଞ୍ଚଳର ଚାଷୀମାନେ ଅଭିଯୋଗ କରିଛନ୍ତି । ପୁରୀ ଜିଲ୍ଲା ଜଳସେଚନ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ପିପିଲି ଉପଖଣ୍ଡ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ସାତଶଂଖ ସେକ୍ସନ ଅଫିସର ସହକାରୀ ଯନ୍ତ୍ରୀଙ୍କ ଅଣ ନଜର ମଧ୍ୟରେ ନିମ୍ନମାନର କାର୍ଯ୍ୟ ଚାଲିଛି । ଉକ୍ତ ସମ୍ପ୍ରସାରଣ କାର୍ଯ୍ୟ ଆର ଡି ୧୦.୦୦ କିମି ଠାରୁ ୧୫.୮୦୦ କିମି ପର୍ଯ୍ୟନ୍ତ ପ୍ରାୟ ୯ କୋଟି ୨୦ ଲକ୍ଷ ବ୍ୟୟବରାଦ ହୋଇ ଥିବା ଏକ ସୂତ୍ରରୁ ଜାଣିବାକୁ ମିଳିଛି । ସେହିଭଳି କେନାଲ ଗର୍ଭ ଓ ପାର୍ଶ୍ୱରେ ମୋରମ ବାଲି ମିକ୍ସ କରାଯାଇ ପାଣି ପଡି ଭାଇବେଟର ରୋଲିଂ ହେବା ପାଇଁ ନିୟମ ରହିଛି । ଠିକାଦାର ଏଭଳି କୌଣସି କାର୍ଯ୍ୟ ନକରି ବିଭାଗୀୟ ଅଧିକାରୀଙ୍କ ଅଜାଣତରେ କାର୍ଯ୍ୟ ମନମୁଖିରେ କରିବା ଯୋଗୁଁ ଅଂଚଳର ଚାଷୀ ମହଲରେ ଅସନ୍ତୋଷ ଦେଖା ଦେଇଛି । ଖବର ପାଇ ପୁରୀ ଜଳସେଚନ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ, ପିପିଲି ଉପଖଣ୍ଡ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଏବଂ ସାତଶଙ୍ଖ ସେକ୍ସନ ସହକାରୀ ଯନ୍ତ୍ରୀ କାର୍ଯ୍ୟ ତନଖି କରିବା ପାଇଁ ପହଂଚି ଠିକାଦାରଙ୍କ ମନମୁଖି କାର୍ଯ୍ୟ ଓ ନିମ୍ନମାନର କାର୍ଯ୍ୟ ଦେଖି ଅସନ୍ତୋଷ ପ୍ରକାଶ କରି ଫେରିଥିବା ନେଇ ଖବର ସ୍ଥାନୀୟ ଅଂଚଳ ଲୋକଙ୍କ ଠାରୁ ସୂଚନା ମିଳିଛି । ଏ ଦିଗରେ ଓଡିଶା ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ନଜର ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ସ୍ତ୍ରୀକୁ ତଣ୍ଟି ଚିପି ହତ୍ୟା ଅଭିଯୋଗ

ବୁଗୁଡ଼ା (ନିପ୍ର): ପାରିବାରିକ କଳହର କରୁଣ ପରିଣତି ସ୍ତ୍ରୀର ତଣ୍ଟି ଚିପି ହତ୍ୟା କଲା ସ୍ୱାମୀ । ଏଭଳି ଏକ ଲୋମହର୍ଷକାରୀ ଘଟଣା ଘଟିଛି ବୁଗୁଡ଼ା ଥାନା ଅନ୍ତର୍ଗତ ପୋଚାଲୁଣ୍ଡି ଗ୍ରାମରେ । ଗ୍ରାମର ମନୋଜ କୁମାର ଜେନା ପରିବାରିକ କଳହ କାରଣରୁ ସ୍ତ୍ରୀ ସୁନିତା ଜେନାଙ୍କୁ ଏକ ଚେନ୍ ସାହାଯ୍ୟରେ ତଣ୍ଟି ଭିଡ଼ି ହତ୍ୟା କରିଥିବା ଅଭିଯୋଗ ଆଣିଛନ୍ତି ମୃତ ମହିଳାଙ୍କ ପରିବାର ଲୋକ । ସୂଚନା ଅନୁଯାୟୀ ମୃତ ମହିଳା ଓ ସ୍ୱାମୀ ମନୋଜଙ୍କ ମଧ୍ୟରେ ପାରିବାରିକ ଅଶାନ୍ତି ଥିବାବେଳେ ଗତ ମଙ୍ଗଳବାର ବାରୁଣୀ ବୁଡ଼ ସାରି ଉଭୟେ ଆସିଥିଲେ । ଯାହାକୁ ପରିବାର ମଧ୍ୟରେ ସବୁ ଠିକ୍ ଠାକ୍ ଥିବା ବେଳେ ହଠାତ୍ କୌଣସି କାରଣ ପାଇଁ ବୁଧବାର ରାତିରେ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ସ୍ୱାମୀ ମନୋଜ ଏକ ଚେନ ସାହାଯ୍ୟରେ ସ୍ତ୍ରୀ ସୁନିତାଙ୍କ ତଣ୍ଟିକୁ ଭିଡ଼ି ହତ୍ୟା କରିଥିବା ଜଣାପଡିଛି । ଖବର ମୃତକଙ୍କ ବାପା ଘର ଲୋକ ପୋଚାଲୁଣ୍ଡିରେ ପହଁଚିବା ପରେ ପୋଲିସକୁ ଖବର ଦେଇଥିଲେ । ପୋଲିସ ଗୁରୁବାର ସକାଳୁ ଗ୍ରାମରେ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୁକ୍ତ ସ୍ୱାମୀଙ୍କୁ ଅଟକ ରଖି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଅଧିକ ତଦନ୍ତ କରୁଛି । ଅନ୍ୟପଟେ ମୃତ ମହିଳାଙ୍କ ପରିବାର ଲୋକେ ଦୋଷୀବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରିଛନ୍ତି ।

## ବିଦ୍ୟୁତ ସଂସ୍ପର୍ଶରେ ଆସି ଶ୍ରମିକ ମୃତ୍ୟୁ

ଧର୍ମଗଡ଼(ନିପ୍ର): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଠାରେ ନିର୍ମାଣଧୀନ ସରକାରୀ ଶିଳ୍ପ ତାଲିମ କେନ୍ଦ୍ରରେ କାର୍ଯ୍ୟରତ ସମୟରେ ଲିଫ୍ଟର ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତ ଶ୍ରମିକ ଜଣକ ଧର୍ମଗଡ଼ ବ୍ଲକ ବଡ଼ ଘୁମର ଗ୍ରାମର ରାଜେନ୍ଦ୍ର ଗୋପାଳ । ଶ୍ରମିକ ଓ ପରିବାର ଲୋକଙ୍କ କହିବା ଅନୁସାରେ କାର୍ଯ୍ୟରତ ଶ୍ରମିକ ମାନଙ୍କପାଇଁ କାର୍ଯ୍ୟ ସମୟ କୌଣସି ପ୍ରକାର ସୁରକ୍ଷା ବ୍ୟବସ୍ଥା ଠିକା ସଂସ୍ଥା ପକ୍ଷରୁ ଦିଆଯାଇନାହିଁ । ଫଳରେ ଶ୍ରମିକଙ୍କ ମୃତ୍ୟୁ ଘଟିଛି ଏନେଇ କ୍ଷତି ପୂରଣ ଦାବିରେ ଶ୍ରମିକ ଓ ଗାଁ ଲୋକେ ରାସ୍ତାରେ ଶବ ରଖି ଧର୍ମଗଡ଼ ଭବାନୀପାଟଣା ଜାତୀୟ ରାଜପଥ ଅବରୋଧ କରିଛନ୍ତି । ଫଳରେ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ବହୁ ଯାନବାହନ ଅଟକି ରହିଥିଲା । ଘଟଣା ସ୍ଥଳରେ ଧର୍ମଗଡ଼ ଉପଜିଲ୍ଲାପାଳ ଓ ଉପଖଣ୍ଡ ପୁଲିସ ଅଧିକାରୀଙ୍କ ସମେତ ବହୁ ସରକାରୀ ଅଧିକାରୀ ଓ ପୁଲିସ ଉପସ୍ଥିତ ରହି ଆନ୍ଦୋଳନକାରୀମାନଙ୍କୁ ବୁଝାସୁଝା କରିଥିଲେ । କ୍ଷତି ପୂରଣ ବାବଦକୁ, ଠିକା ସଂସ୍ଥା ପକ୍ଷରୁ ୨ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।

## କୁଡୁମୀ ସେନାର ବ୍ଲକ ସ୍ତରୀୟ ସାଂଗଠନିକ ବୈଠକ

ବଡ଼ସାହି,(ନିପ୍ର): ଏହି ବ୍ଲକ ଅଧିନ ଦୁର୍ଗାପୁର ଗ୍ରାମପଞ୍ଚାୟତ ସ୍ଥିତ ଟିକରବାଟୀ ଗ୍ରାମରେ କୁଡୁମୀ ସେନା ପ୍ରତିଷ୍ଠାତା ସଭାପତି ଜୈମୁନୀ କୁମାର ମହାନ୍ତଙ୍କ ଆହ୍ୱାନ କ୍ରମେ କୁଡୁମୀ ସେନାର ବଡ଼ସାହି ବ୍ଲକ୍ କାର୍ଯ୍ୟକାରୀ ସଭାପତି ଲୋକନାଥ ମହାନ୍ତଙ୍କ ଅଧକ୍ଷତାରେ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ କୁଡୁମୀ ସଚେତନତା ଅଭିଯାନ(ଗାଁ କେ ଚୋଲୋ) ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବଡ଼ସାହି ବ୍ଲକର ବିଭିନ୍ନ ଗ୍ରାମରୁ ଓ ପୋଡ଼ଶୀ ବ୍ଲକ ବେତନଟୀ, ବାରିପଦା, ଶ୍ୟାମାଖୁଣ୍ଟାରୁ ମଧ୍ୟ ବହୁ କୁଡୁମୀ ସେନାର କାର୍ଯ୍ୟକର୍ତ୍ତା ମାନେ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ । କୁଡୁମୀ ସେନା ପ୍ରତିଷ୍ଠାତା ସଭାପତି ଜୈମୁନୀ କୁମାର ମହାନ୍ତ ନିଜ ଅଭିଭାଷଣରେ ଆଗାମୀ ଏପ୍ରିଲ ୧୬ ରେ ଆରମ୍ଭ ହେବାକୁ ଥିବା ଜାତିଗତ ଜନଗଣନାରେ କିପରି କୁଡୁମୀ ମାନେ ନିଜ ଜାତି କୁଡୁମୀ, ଭାଷା -କୁଡୁମାଲୀ ଏବଂ ଧର୍ମ -ପ୍ରକୃତିର ପୂଜକ ବୋଲି ମତ ସାବ୍ୟସ୍ତ କରିବେ ବୋଲି ଆହ୍ୱାନ ଦେଇଥିଲେ ଏବଂ କୁଡୁମୀ ସେନା ଏକ ଦଶନ୍ଧି ଧରି ନିଜର ନ୍ୟାର୍ଯ୍ୟ ଅଧିକାର ପାଇଁ ପଲ୍ଲୀରୁ ଦିଲ୍ଲୀ ଯେଉଁ ଆନ୍ଦୋଳନ କରି ଆସୁଛି ସେଇ ଆନ୍ଦୋଳନ କିପରି ଆହୁରି ଜୋରଦାର କରାଯିବ ଆଉ କିପରି କୁଡୁମୀ ଜାତିକୁ ଆଦିବାସୀ ମାନ୍ୟତା ମିଳିବ ଓ କୁଡୁମାଲୀ ଭାଷାକୁ କିପରି ଅଷ୍ଟମ ଅନୁଚ୍ଛେଦର ମାନ୍ୟତା ମିଳିବ ଏବଂ କୁଡୁମୀ ଜାତି ନିଶା ଠାରୁ ଦୂରେଇ ରହିବେ , ବାଲ୍ୟ ବିବାହ ପ୍ରଥାକୁ ଦୁରେଇବେ ଓ ଅନ୍ଧ ବିଶ୍ୱାସ ଠାରୁ ମଧ୍ୟ ଦୂରେଇ ରହିବେ ସେ ସମ୍ପର୍କରେ ନିଜର ଅଭିଭାଷଣ ରଖିଥିଲେ ।

## ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଚେତନତା ଅଭିଯାନ

ରାୟଗଡ଼,(ନି:ପ୍ର): ରାୟଗଡ଼ ପୌରପରିଷଦ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ମିଳିତ ଆନୁକୂଲ୍ୟରେ ସହରରେ ଏକ ବ୍ୟାପକ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଚେତନତା ଅଭିଯାନ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମଟି ସ୍ଥାନୀୟ ଜ୍ୟୋତି ମହଲ ଛକ ଠାରୁ ଆରମ୍ଭ ହୋଇ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦେଇ କପିଳାସ ଛକ ଠାରେ ଶେଷ ହୋଇଥିଲା । ପର୍ଯ୍ୟାୟ କ୍ରମେ ରାୟଗଡ଼ ସହରର ସମସ୍ତ ୱାର୍ଡ ଏବଂ ଛକ ମାନଙ୍କରେ ଏହି ସଚେତନତା କାର୍ଯ୍ୟକ୍ରମ କରାଯିବ । ଅଭିଯାନ ସମୟରେ ବିଭିନ୍ନ ଘର ଏବଂ ଦୋକାନୀମାନଙ୍କୁ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ (ଥରେ ବ୍ୟବହୃତ ପ୍ଲାଷ୍ଟିକ) ର ଅପକାରିତା ଏବଂ ଏହାର ନିଷେଧାଦେଶ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଲିଫଲେଟ୍ ବଣ୍ଟନ କରାଯାଇଥିଲା ଏବଂ ସରକାରଙ୍କ ଦ୍ୱାରା ନିଷିଦ୍ଧ ହୋଇଥିବା ପ୍ଲାଷ୍ଟିକ ପଲିଥିନ, ପ୍ଲାଷ୍ଟିକ ପତାକା, ଚକୋଲେଟ୍ ଷ୍ଟିକ୍, ପ୍ଲାଷ୍ଟିକ ପ୍ଲେଟ୍, କପ୍, ଗ୍ଲାସ୍, ଚାମଚ, ଷ୍ଟ୍ର ଏବଂ ଟ୍ରେ ଆଦି ବ୍ୟବହାର ନକରିବାକୁ ଅନୁରୋଧ କରାଯାଇଥିଲା । ଏହି ସଚେତନତା ଶୋଭାଯାତ୍ରାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ପରିଚାଳକ, ରାୟଗଡ଼ା ପୌରପରିଷଦର ପୌରାଧକ୍ଷ, କାର୍ଯ୍ୟନିର୍ବାହୀ ଅଧିକାରୀ, ସମ୍ପୃକ୍ତ ୱାର୍ଡ କାଉନସିଲର, ସ୍ୱଚ୍ଛ ସାଥୀ, ସ୍ୱଚ୍ଛ ସୁପରଭାଇଜର, କନିଷ୍ଠ ପରିମଳ ଯନ୍ତ୍ରୀ , ପରିମଳ ନିରୀକ୍ଷକ ଏବଂ ପୌରପରିଷଦର ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ ।ରାୟଗଡ଼ ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ କୁଳଦିପ କୁମାର ସାଧାରଣ ଜନତାଙ୍କୁ ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ ବର୍ଜନ କରିବାକୁ ଅନୁରୋଧ କରିଥିଲେ । ସେହିପରି ପୌରାଧକ୍ଷ ପି ମହେଶ ପଟନାୟକ ସମସ୍ତ ଗୃହମାଲିକ ଓ ବ୍ୟବସାୟୀମାନଙ୍କୁ ନିଷିଦ୍ଧ ପ୍ଲାଷ୍ଟିକ ସାମଗ୍ରୀ ଗଚ୍ଛିତ ନରଖିବା ପାଇଁ ସତର୍କ କରାଇବା ସହିତ ଏହାର ଅବମାନନା କାଲେ ଆଇନ ଅନୁଯାୟୀ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି । ସହରକୁ ସ୍ୱଚ୍ଛ ଏବଂ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ପୌର ପ୍ରଶାସନ ପକ୍ଷରୁ ଜନ ସାଧାରଣଙ୍କୁ ସହଯୋଗ କରିବା ନିମନ୍ତେ କାମନା କରାଯାଇଛି ।

## ଛାତ୍ରଛାତ୍ରୀ ଜାରି ରଖନ୍ତୁ ସୃଜନଶୀଳ କାର୍ଯ୍ୟ

ନିମାପଡ଼ା,(ନି.ପ୍ର.): ପୁରୀ ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ- ୨୦୨୬ ଉଦ୍‌ଯାପନ ଦିବସ ବୁଧବାର ବାରବାଟି ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀଙ୍କ ପୌରାହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ପ୍ରତିଷ୍ଠାନ ଅଧକ୍ଷ ସନ୍ତୋଷ କୁମାର ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଦକ୍ଷତା, ପ୍ରଶ୍ନ ପଚାରିବା ଏବଂ ପ୍ରକଳ୍ପ ପ୍ରଦର୍ଶନ ସଂପର୍କରେ ଉଚ୍ଚ ପ୍ରଶଂସା କରି ପିଲାମାନଙ୍କୁ ଆଗକୁ ବଢ଼ିବା ନିମନ୍ତେ ଶିକ୍ଷକମାନଙ୍କ ଉଦ୍ୟମ ଅପରିହାର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ମୁଖ୍ୟବକ୍ତା, ସମ୍ମାନୀତ ଅତିଥି ଭାବେ ତହସିଲଦାର ମନୋଜ ପ୍ରଧାନ, ଭଜମ ପ୍ରଧାନ ପ୍ରମୁଖ ଯୋଗ ଦେଇ ଏଭଳି ଏକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମନୋବଳକୁ ଦୃଢ଼ କରିବାରେ ସହାୟକ ହୋଇଛି ବୋଲି ମତବ୍ୟକ୍ତ କରି ବିଦ୍ୟାଳୟ ପରିସରରେ ପ୍ରତ୍ୟହ ସୃଜନଶୀଳ କାର୍ଯ୍ୟ ଜାରି ରଖିବାକୁ ଆଗ୍ରହ ପ୍ରକାଶ କରିଥିଲେ । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ପରେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଚିତାକର୍ଷକ ଆଲୋଚନା କାର୍ଯ୍ୟ ଅନୁଷ୍ଠିତ ହୋଇଥିବା ଶିକ୍ଷା କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ । ନିମାପଡ଼ା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନନ୍ଦିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ, ଜ୍ୟୋତି ରଥ, ଗଙ୍ଗାଧର ରଥ, କଲ୍ୟାଣ ସ୍ୱାଇଁ, ରଂଜିତ ନାୟକ, ଦୁର୍ଗା ପ୍ରସାଦ ବାରିକ ପ୍ରମୁଖ ସହଯୋଗ କରିଥିଲେ ।




ଭୁବନେଶ୍ୱର ପାନ୍ଥନିବାସଠାରେ ରାଜ୍ୟ ସରକାରଙ୍କ ତରଫରୁ ପଖାଳ ଦିବସ ପାଳନ ଅବସରରେ ଡ. ସୁନୀତି ମୁଣ୍ଡ ଯୋଗଦେବା ସହିତ ଓଡ଼ିଆ ଖାଦ୍ୟର ବିଶ୍ୱୀକରଣ ଉପରେ ଆଲୋକପାତ (ଫଟୋ-ଦିନଲିପି)

# ୧୬୩ ଧାରା ସତ୍ତ୍ୱେ ବାଲି ଚୋରା ଚାଲାଣ : ୧୭ ହାଇୱା ଜବତ

ଆସିକା, ୧୯/୩(ନିପ୍ର): ଆସିକା କେନ୍ଦୁପଦର ନଦୀ ଘାଟରେ ୧୬୩ ଧାରା ସତ୍ତ୍ୱେ ବାଲି ଚୋରା ଚାଲାଣ ବେଳେ ୧୭ ହାଇୱା ଗୋଟିଏ ଜେସିବି ଜବତ। ଆସିକା ତହସିଲ ଅଞ୍ଚଳରେ ଦୁଇଟି ନଦୀ ରହିଛି। କେତେକ ନିର୍ଦ୍ଦିଷ୍ଟ ବାଲି ଘାଟ ନିଲାମ ହୋଇଥିଲା ବେଳେ ଅନେକ ବେଆଇନ ଘାଟରୁ ଦୈନିକ ଲକ୍ଷଲକ୍ଷ ଟଙ୍କାର ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗ ହୋଇଥିଲା। ଏହି ସବୁ ବାଲି ଘାଟରୁ ଜେସିବି ମେସିନ ଦ୍ୱାରା ଶହଶହ ହାଇୱା ବାଲି ଜିଲ୍ଲା ଓ ଜିଲ୍ଲା ବାହାରେ ବହୁ ଚଢ଼ା ଦରରେ ବିକ୍ରି ହେଉଥିବା ସାଧାରଣରେ ପ୍ରକାଶ ପାଇଛି। ଏଥିପାଇଁ ସ୍ଥାନୀୟ ଗ୍ରାମବାସୀ ବିଭିନ୍ନ



ରାଜନୈତିକ ସଂଗଠନ ଯୁବ ଗୋଷ୍ଠୀ ବିରୋଧ କରିବା ପରେ ପୋଲିସ, ତହସିଲଦାର, ଉପଜିଲ୍ଲାପାଳ, ନାମକୁ ମାତ୍ର କେତେବେଳେ ଫାଇନ ତ କେତେବେଳେ କୋର୍ଟ ଚାଲାଣ କରୁଛନ୍ତି। ଏହା ସତ୍ତ୍ୱେ ଏହି ସବୁ ବେଆଇନ ବାଲି ଘାଟରେ ବାଲି ଚୋରା ଚାଲାଣ ଅଭିଯୋଗ ହେବାରୁ ଆସିକା ତହସିଲ ପକ୍ଷରୁ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଘାଟରେ ୧୬୩ ଧାରା ଲାଗୁ କରାଯାଇଛି। ଏହି ୧୬୩ ଧାରା ବଳବତ୍ତର ରହିଥିବା ସତ୍ତ୍ୱେ ଗତ ଦୁଇଦିନ ଧରି ଆସିକା ତହସିଲ ଜୟପୁର ପଞ୍ଚାୟତ ଅଧୀନ ଋଷିକୂଲ୍ୟା ନଦୀର କେନ୍ଦୁପଦର ବେଆଇନ ବାଲି ଘାଟରୁ ରାତି ଅଧିଆ ଜେସିବି ମେସିନ ଦ୍ୱାରା ୧୭ଟି ହାଇୱାରେ ବାଲି ଚୋରା ଚାଲାଣ ହେଉଥିବା ବେଳେ ସ୍ଥାନୀୟ ଅଞ୍ଚଳବାସୀ ଯୁବ ଗୋଷ୍ଠୀ ନିର୍ଦ୍ଦିଷ୍ଟ ରାଜନୈତିକ ଗୋଷ୍ଠୀ ସ୍ଥାନୀୟ ଆସିକା ଖଣି ବିଭାଗୀୟ ଅଧିକାରୀଙ୍କୁ ଓ ପୋଲିସକୁ ଜଣାଇବାପରେ ପରସ୍ପର ମଧ୍ୟରେ ପଦକ୍ଷେପ ନେବା ପାଇଁ ବିଳମ୍ବ କରିଥିଲେ। ଏହି ଘଟଣା ବିଷୟରେ ଜିଲ୍ଲା ଆରକ୍ଷୀ ଅଧିକାରୀ ଓ ଜିଲ୍ଲା ପାଳଙ୍କ ନିକଟରେ ଅଭିଯୋଗ ପରେ ୧୭ଟି ହାଇୱା ଓ ଗୋଟିଏ ଜେସିବି ମେସିନକୁ ଜବତ କରଥିଲେ।

## ପାଇପ ଚୋରି ଅଭିଯୋଗ: ୨ ଟ୍ରକ ଜବତ, ୨ କୋର୍ଟ ଚାଲାଣ

କୁଚିଣ୍ଡା, ୧୯/୩(ନିପ୍ର): କେନ୍ଦ୍ର ସରକାରଙ୍କ ହରଘର ଜଳ ଯୋଜନାରେ ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ଉପଖଣ୍ଡରେ ମେଗା ପାନୀୟଜଳ ଯୋଗାଣ ପାଇଁ ପାଇପ ଲାଇନ କାମ ଚାଲିଛି। ହେଲେ ମଙ୍ଗଳବାର ବିଳମ୍ବିତ ରାତିରେ ମହୁଲପାଲି ଥାନା ଅଧିନସ୍ଥ ନୂଆରୋଡ ଛକରୁ ନୂଆଡିହି ଭାୟା ରେଙ୍ଗାଲବେଡା ପାଖରେ ଥିବା ଷ୍ଟକ ୟାର୍ଡରୁ ୨୫ ପିସ ମୂଲ୍ୟବାନ ପାଇପ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ମହୁଲପାଲି ଥାନାରେ ଏକ ମାମଲା (ନଂ.୩୩/୨୬) ରୁଜୁ କରି ତଦନ୍ତ କରୁଛି। ପୋଲିସ ଚୋରିରେ ବ୍ୟବହୃତ ୨ଟି ଆଇଚର ଟ୍ରକ (ନଂ.ଏମଏଚ ୩୫ ଏଜେ ୫୪୬୩ ଏବଂ ନଂ.ଓଡି ୧୫ଡବ୍ଲୁ ୪୭୨୧),୨ଟି ମୋବାଇଲ ଫୋନ୍ ଓ ୨୫ଟି ମୂଲ୍ୟବାନ ପାଇପ ଜବତ କରି ୨ଜଣଙ୍କୁ ଅଟକ ରଖିଛି।

## ୨୦୨୭ ଅକ୍ଟୋବର ୨୯ରୁ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୮ମ ସଂସ୍କରଣ

ନୂଆଦିଲ୍ଲୀ, ୧୯।୩: ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୮ମ ସଂସ୍କରଣ ୨୦୨୭ ଅକ୍ଟୋବର ୨୯ରୁ ନଭେମ୍ବର ୪ ମାଲ୍ଟା ଓ ଗୋଜୋରେ ହେବ। ଉଦ୍‌ଘାଟନୀ ଉତ୍ସବ ଅକ୍ଟୋବର ୨୯ରେ ଏହାପଛକୁ ଅକ୍ଟୋବର ୩୦ରୁ ନଭେମ୍ବର ୪ ପର୍ଯ୍ୟନ୍ତ ୬ଦିନ ଆକ୍ସନରେ ଭରପୁର କ୍ରୀଡ଼ା କାର୍ଯ୍ୟକ୍ରମ ହେବ। ୮ଟି କ୍ରୀଡ଼ାରେ ପ୍ରତିଯୋଗିତା ହେବ। ସେଗୁଡ଼ିକ ହେଲା ସୁଇମିଂ ଓ ପାରା ସୁଇମିଂ, ଆଥଲେଟିକ୍ସ ଓ ପାରା ଆଥଲେଟିକ୍ସ, ନେଟବଲ୍, ସେଲିଂ ସ୍କ୍ୱାଶ, ଟାଇଥଲନ, ୱାଟର ପୋଲୋ ଏବଂ ୱେଟ୍‌ଲିଫ୍ଟିଂ। ଏଥର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେଲିଂ ଓ ୱାଟରପୋଲାକୁ ପ୍ରଥମଥର ସାମିଲ କରାଯାଇଛି। ଏଥିରେ ୭୪ ରାଜ୍ୟଗୋଷ୍ଠୀ ଦେଶ ଅଞ୍ଚଳର ୧୪ରୁ ୧୮ ବର୍ଷ ବୟସବର୍ଗର ପ୍ରାୟ ୧,୨୦୦ ଆଥଲେଟ ଭାଗ ନେବେ ବୋଲି ଆଶା କରାଯାଉଛି। ବଛାଯାଇଥିବା ଭେନ୍ୟୁଗୁଡ଼ିକ ମଧ୍ୟରେ ରହିଛି କୋଟୋନେରା ଇନଡୋର ପୁଲ, ଟାଲ୍‌କ୍ରୋକ୍ ନ୍ୟାଶନାଲ ପୁଲ୍, ମାର୍ସ ଆଥଲେଟିକ୍ସ ଷ୍ଟାଡିୟମ, ମାର୍ସା ସ୍ପୋର୍ଟସ ସେଣ୍ଟର, ମେଲିହା ବେ’ ଗୋଜୋ ଇନଡୋର ସ୍ପୋର୍ଟ୍ସ ପ୍ୟାଭିଲିଅନ ଓ ମାର୍ସାଲ ଫର୍ନ ବେ’।



# ଐତିହାସିକ ଗୋହିରାଟିକିରିରେ ପ୍ରଶାସନିକ ନିଷ୍ପତ୍ତିକୁ ଜନ ବିରୋଧ

## ପର୍ଯ୍ୟଟକ ସୁବିଧା କେନ୍ଦ୍ରକୁ ପାଠାଗାର କରିବାକୁ ନେଇ ଅସନ୍ତୋଷ

**ଧାମନଗର,୧୯/୩(ନିପ୍ର):** ଓଡ଼ିଶାର ଐତିହାସିକ ଯୁଦ୍ଧ କ୍ଷେତ୍ର ଧାମନଗର ବ୍ଲକ ମୁସ୍ତଫାପୁରର ଗୋହିରାଟିକିରି ପୀଠରେ ପ୍ରଶାସନିକ ନିଷ୍ପତ୍ତିକୁ ନେଇ ଜନଅସନ୍ତୋଷ ଦେଖାଦେଇଛି। ୨୦୧୯ ମସିହାରେ ପ୍ରାୟ ୪୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପର୍ଯ୍ୟଟକ ସୁବିଧା କେନ୍ଦ୍ର ନିର୍ମାଣ କରାଯାଇଥିଲା। ସେହି ଘରକୁ ପାଠାଗାରରେ ରୂପାନ୍ତରିତ କରିବା ପାଇଁ ପ୍ରଶାସନ ପକ୍ଷରୁ କରାଯାଉଥିବା ପ୍ରୟାସକୁ ସ୍ଥାନୀୟ ବାସିନ୍ଦା ତୀବ୍ର ବିରୋଧ କରିଛନ୍ତି। ୨୦୧୬ ନଭେମ୍ବରରେ ଗୋହିରାଟିକିରିକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ମିଳିବା ପରେ ପର୍ଯ୍ୟଟକଙ୍କ ସୁବିଧା ପାଇଁ ତତ୍କାଳୀନ ସରକାର ୨୦୧୯ରେ ଏକ ସୁବିଧା କେନ୍ଦ୍ର ନିର୍ମାଣ ପାଇଁ ଶୁଭ ଦିଆଯାଇଥିଲା। ୨୦୨୨ରେ ଏହାର ନିର୍ମାଣ ଶେଷ ହେବାପରେ ଏହା କଲ୍ୟାଣ ମଣ୍ଡପ ଭାବେ ବ୍ୟବହୃତ ହେଉଥିଲା। ବିଶେଷ କରି ବନ୍ୟା ପ୍ରଭାବିତ ଓ ଅନୁନ୍ନତ ଏହି ଅଞ୍ଚଳରେ ସ୍ଥାନୀୟ ଲୋକେ ବିବାହ, ବ୍ରତ ଓ ଅନ୍ୟାନ୍ୟ ସାମାଜିକ କାର୍ଯ୍ୟ ପାଇଁ ଏହି ଗୃହ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥାନ୍ତି। ରାଜ୍ୟରେ ନୂତନ ସରକାର ଆସିବା ପରେ ଗୋହିରାଟିକିରିର ବିକାଶ ପାଇଁ ପ୍ରାୟ ୨୦ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଏହି ଯୋଜନାରେ ଏକ ଅତ୍ୟାଧୁନିକ ପାଠାଗାର ନିର୍ମାଣ ମଧ୍ୟ ସାମିଲ ଅଛି। ଯାହାର ଭିତ୍ତିପ୍ରସ୍ତର ଗତ ୨୦୨୫ ଜୁନ ୨ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଦ୍ୱାରା ଆଭାସି ମାଧ୍ୟମରେ କରାଯାଇଥିଲା। ତେବେ ଗୁରୁବାରଭଦ୍ରକ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, କାର୍ଯ୍ୟ ନିର୍ବାହୀ ସଂସ୍ଥା ଓ ଠିକାଦାରଙ୍କ ସହ ସେଠାରେ ପହଞ୍ଚି ପୁରୁଣା ସୁବିଧା କେନ୍ଦ୍ରକୁ ହିଁ ପାଠାଗାର କରିବାକୁ ଯୋଜନା କରିଥିଲେ। ଏହି ଖବର ପ୍ରସାରିତ ହେବା ପରେ ଗ୍ରାମବାସୀ ଶରତ ରାଉତ, ପଦ୍ମନାଭ ରାଉତ, ମଣିଭଦ୍ର ବିଶ୍ୱାଳ, ସଞ୍ଜୟ ପ୍ରଧାନ, ପିତାମ୍ବର ବିଶ୍ୱାଳ ପ୍ରମୁଖ ଏହାକୁ ବିରୋଧ କରିଥିଲେ। ନୂଆପ୍ରକଳ୍ପ ପାଇଁ ସ୍ୱତନ୍ତ୍ର ଅର୍ଥ ମଞ୍ଜୁର ହୋଇଥିବା ବେଳେ ପୁରୁଣା ପ୍ରକଳ୍ପକୁ କାହିଁକି ରୂପାନ୍ତରିତ କରାଯାଉଛି ? ବୋଲି ଅଭିଯୋଗ କରିଥିଲେ, ଗୋହିରାଟିକିରି ପୀଠରେ ଯଥେଷ୍ଟ



ଜାଗା ଥିବା ସତ୍ତ୍ୱେ ପୁରୁଣା କଲ୍ୟାଣ ମଣ୍ଡପକୁ କାହିଁକି ରୂପାନ୍ତରିତ କରିବାକୁ ଯୋଜନା ହେଉଛି ବୋଲି ପ୍ରଶ୍ନ ଉଠିଛି। ଏହି କଲ୍ୟାଣ ମଣ୍ଡପଟି ଗାଁର ଗରିବ ଲୋକଙ୍କ ପାଇଁ ବର୍ଷାଦିନେ ସାମାଜିକ କାର୍ଯ୍ୟର ଏକମାତ୍ର ମାଧ୍ୟମ, ଏହାକୁ ପାଠାଗାର କଲେ ଲୋକେ ଅସୁବିଧାର ସମ୍ମୁଖୀନ ହେବେ। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଧାମନଗର ବିଡିଓ ବନବିହାରୀ ଦିନ୍ଦା କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିବା ବେଳେ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି। ଓଡ଼ିଶାର ଶେଷ ସ୍ୱାଧୀନ ଗଜପତି ମୁକୁନ୍ଦଦେବଙ୍କ ବୀରଗାଥା ବହନ କରୁଥିବା ଏହି ପୀଠକୁ ’ଓଡ଼ିଶାର ହଳଦୀଘାଟ’ କୁହାଯାଏ। ପୌରାଣିକ ମାନ୍ୟତା ଓ ମାଳିକା ବଚନର ଅର୍ଜୁନ ଗଛ ପାଇଁ ଏଠାକୁ ଦୈନିକ ଶହଶହ ପର୍ଯ୍ୟଟକ ଆସିଥାନ୍ତି। ଏଭଳି ଏକ ସ୍ଥାନରେ ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ନରଖି କରାଯାଉଥିବା ପ୍ରଶାସନିକ ନିଷ୍ପତ୍ତିକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ଦିଗରେ ଜିଲ୍ଲାପାଳ ଘଟଣା ସ୍ଥଳକୁ ଆସି ସାଧାରଣ ଲୋକଙ୍କ ମତ ନେଇ କାର୍ଯ୍ୟ କରିବାକୁ ଧାମନଗର ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ତଥା ସ୍ଥାନୀୟ ବାସିନ୍ଦା ଜଗବନ୍ଧୁ ପ୍ରଧାନ ଅନୁରୋଧ କରିଛନ୍ତି।

**AFFIDAVIT**

By virtue of an affidavit sworn before The Executive Magistrate, Champua affidavit no.830 dated 19.03.2026, I, Rajesh Kumar Gope S/o-Indro Gope, At-Hat Karanjia, Po-Bin Sahi Karanjia, Ps-Jagannathpur, W.Singhbhum, Jharkhand, Pin-833214 do hereby declare that I have changed my minor son's name from Parikshit Gope to Parikshitraj Gope. Henceforth he will be known as Parikshitraj Gope for all purposes.

**Sd/-RAJESH KUMAR GOPE**

**AFFIDAVIT**

By virtue of an affidavit sworn before The Executive Magistrate, Nimapara affidavit no.04 dated 18.03.2026, I, Prafulla Behera S/o-Bhramar Behera At-Ampra Samil Bilasahi, Po-Chhanijanga, Ps-Charichhak, Dist-Puri, Pin-752113 do hereby declare that I have changed my son's name from Ronan Behera to Rohan Behera. Henceforth he will be known as Rohan Behera for all purposes.

**Sd/-PRAFULLA BEHERA**

**NOTICE**

By virtue of an affidavit sworn before Notary Public Bhubaneswar dtd.18.03.2026, I Basanti Pradhan W/o-Godabari Pradhan, resident of Village-Upimarapatna, Ps-Tangi, Dist-Khordha(Odisha) Pin No-752023 declare that I have changed my name from Harasha Pradhan to Basanti Pradhan. Henceforth I shall be known as Basanti Pradhan for all purposes.

**Sd/-Basanti Pradhan**

# ଲନ୍ ଟେନିସ୍ ଟୁର୍ଣ୍ଣାମେଣ୍ଟରେ ଏମ୍‌ସିଏଲର ବିଜୟୀ

ସମ୍ବଲପୁର, ୧୯/୩(ନିପ୍ର): କୋଲ ଇଣ୍ଡିଆ ଇଣ୍ଟର-କମ୍ପାନୀ ଲନ୍ ଟେନିସ ଟୁର୍ଣ୍ଣାମେଣ୍ଟ ୨୦୨୫-୨୬, ବୁଧବାର ମହାନଦୀ କୋଲଫିଲ୍ଡ୍ସ ଲିମିଟେଡ ମୁଖ୍ୟାଳୟ, ସମ୍ବଲପୁରଠାରେ ସଫଳତାର ସହ ସମାପ୍ତ ହୋଇଛି। ଆୟୋଜକ ଏମ୍‌ସିଏଲ୍ ଦଳ ଚାମ୍ପିଅନସିପ୍ ଟ୍ରଫିର ବିଜେତା ଘୋଷିତ ହୋଇଥିବା ବେଳେ ନର୍ଦର୍ଣ୍ଣ କୋଲଫିଲ୍ଡସ୍ ଲିମିଟେଡ୍ (ଏନ୍.ସି.ଏଲ୍) ଦଳ ରନର୍ ଅପ୍ ଟ୍ରଫି ଗ୍ରହଣ କରିଛି। କେଶବ ରାଓ, ନିର୍ଦ୍ଦେଶକ (ମାନବ ସମ୍ବଳ) ଏମ୍‌ସିଏଲ୍; ଏ.କେ ବେହୁରା, ନିର୍ଦ୍ଦେଶକ (ଅର୍ଥ) ଏବଂ ଏସ.କେ ଝା,ନିର୍ଦ୍ଦେଶକ (ବୈଷୟିକ) ସମେତ



କୋଲ୍ ଇଣ୍ଡିଆ ୱେଲଫେୟାର ବୋର୍ଡ, ଏମ୍‌ସିଏଲ୍ କର୍ପୋରେଟ୍ ଜେ.ସି.ସି., କର୍ପୋରେଟ୍ ୱେଲଫେୟାର ବୋର୍ଡ ଏବଂ କର୍ପୋରେଟ୍ ସେଫ୍ଟି ବୋର୍ଡର ସଦସ୍ୟମାନେ ଏହି ଅବସରରେ ପ୍ରତିଯୋଗୀ ମାନଙ୍କ ଉତ୍ସାହବର୍ଦ୍ଧନ କରିଥିଲେ। ଉପସ୍ଥିତ ସମସ୍ତ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଖେଳାଳିମାନଙ୍କୁ ସେମାନଙ୍କ ଉଲ୍ଲେଖନୀୟ କ୍ରୀଡ଼ା କୌଶଳ ପାଇଁ ଅଭିନନ୍ଦନ ଜଣାଇବା ସହ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ମାର୍ଚ୍ଚ ୧୬ ରୁ ୧୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ତିନିଦିନିଆ ଟୁର୍ଣ୍ଣାମେଣ୍ଟରେ ସିଙ୍ଗାରେନି କୋଲିୟାରୀଜ୍ କମ୍ପାନୀ ଲିମିଟେଡ୍, ନର୍ଦନ କୋଲଫିଲ୍ଡସ୍ ଲିମିଟେଡ୍ ସେଣ୍ଟ୍ରାଲ କୋଲଫିଲ୍ଡସ୍ ଲିମିଟେଡ୍ ସାଉଥ୍ ଇଷ୍ଟର୍ଣ୍ଣ କୋଲଫିଲ୍ଡସ୍ ଲିମିଟେଡ୍, ସେଣ୍ଟ୍ରାଲ ମାଇନ୍ ପ୍ଲାନିଂ ଆଣ୍ଡ ଡିଜାଇନ୍ ଇନଷ୍ଟିଚ୍ୟୁଟ୍ ଲିମିଟେଡ୍, ୱେଷ୍ଟର୍ଣ୍ଣ କୋଲଫିଲ୍ଡସ୍ ଲିମିଟେଡ୍, ଭାରତ କୋକିଙ୍ଗ କୋଲ ଲିମିଟେଡ୍ ଏବଂ ଆୟୋଜକ ଦଳ ଏମ୍.ସି.ଏଲ୍ ସହ ୮ଟି ଦଳ ମଧ୍ୟରେ ରୋମାଞ୍ଚକର ପ୍ରତିଯୋଗିତା ଦେଖିବାକୁ ମିଳିଥିଲା। କ୍ରୀଡ଼ା, ସ୍ୱାସ୍ଥ୍ୟ ଏବଂ ସୁସ୍ଥ ପ୍ରତିଯୋଗିତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବା ଦିଗରେ ଏମ୍‌ସିଏଲର ପ୍ରତିବଦ୍ଧତାକୁ ଦୋହରାଇ ଏହି କାର୍ଯ୍ୟକ୍ରମ ଏକ ଉତ୍ସାହଜନକ ପୁରସ୍କାର ବିତରଣ ସମାରୋହ ପରେ ସମାପ୍ତ ହୋଇଥିଲା। କ୍ରୀଡ଼ା ଉତ୍କର୍ଷର ପ୍ରଦର୍ଶନ ସହିତ, ଏହି ଟୁର୍ଣ୍ଣାମେଣ୍ଟ କୋଲ୍ ଇଣ୍ଡିଆ ପରିବାରର କର୍ମଚାରୀଙ୍କ ମଧ୍ୟରେ ପାରସ୍ପରିକ ସମର୍ଥନ, ଦଳଗତ ଉତ୍ସାହ ଏବଂ ସମନ୍ୱୟକୁ ମଧ୍ୟ ସୁଦୃଢ଼ କରିଥିଲା।

## ବିଭିନ୍ନ ଗ୍ୟାସ ଡିପୋ ଓ ହୋଟେଲରେ ବିଭାଗୀୟ ଅଧିକାରୀଙ୍କ ମିଳିତ ଚଢ଼ାଉ



ଆସିକା, ୧୯/୩(ନିପ୍ର): ଆସିକାର ବିଭିନ୍ନ ଗ୍ୟାସ ଡିପୋ ଓ ହୋଟେଲରେ ବିଭିନ୍ନ ପ୍ରଶାସନିକ ବିଭାଗୀୟ ଅଧିକାରୀଙ୍କ ମିଳିତ ଚଢ଼ାଉ ହୋଇଛି। ଗୁରୁବାର ସକାଳ ସମୟରେ ଆସିକା ଅତିରିକ୍ତ ତହସିଲଦାର ଅମରେଶ କୁମାର ସାବତ, ଆସିକା ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ର, ଆସିକା ଯୋଗାଣ ବିଭାଗ ଅଧିକାରୀ ଶର୍ମିଷ୍ଠା ଦଳବେହେରା, ଆସିକା ଥାନା ଏଏସଆଇ ଅଶୋକ କୁମାର ପଟ୍ଟନାୟକ ପ୍ରମୁଖ ଆସିକା ସୁନାମ୍ବ ସାହି ସ୍ଥିତ ହିନ୍ଦୁସ୍ତାନ ପେଟ୍ରୋଲିୟମ ଗ୍ୟାସ ଡିପୋ, କଳିଙ୍ଗ ରୋଡ଼ ସ୍ଥିତ ଇଣ୍ଡିଆନ ଗ୍ୟାସ ଡିପୋରେ କେତେ ପରିମାଣର ଗ୍ୟାସ ଗଚ୍ଛିତ ରହିଛି ଯାଞ୍ଚ କରିଥିଲେ । ଗ୍ୟାସ ଡିପୋରେ ଠିକ ଭାବେ ଗ୍ୟାସ ବିତରଣ କରାଯାଉଛି କି ନାହିଁ ତାହା ତଦାରଖ କରିଥିଲେ। ଯେତେ ସମ୍ଭବ କଳାବଜାରୀ ରୋକିବା ପାଇଁ ଡିପୋ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ଆସିକାର ବିଭିନ୍ନ ହୋଟେଲ ଯାଞ୍ଚ କରିବା ସହିତ ସ୍ୱଚ୍ଛତା ଖାଦ୍ୟରମାନ ଯାଞ୍ଚ କରିଥିବା ଲକ୍ଷ କରାଯାଇଛି।

# ରାମନବମୀ ମହୋତ୍ସବର ଦ୍ୱିତୀୟ ଦିନର କଳସ ଯାତ୍ରା

ଭାପୁର, ୧୮/୩(ନିପ୍ର): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଅନ୍ତର୍ଗତ ଫତେଗଡ଼ ଗ୍ରାମରେ ଅବସ୍ଥିତ ଦ୍ୱିତୀୟ ଅଯୋଧ୍ୟାରେ ନବଦିନାତ୍ମକ ରାମନବମୀ ମହୋତ୍ସବର ଦ୍ୱିତୀୟ ଦିନର କଳସ ଯାତ୍ରାରେ କରବର ଗ୍ରାମ ପବିତ୍ର ମହାନଦୀ ଘାଟରୁ ସକାଳ ୭ ଟା ରୁ ୫୦୦ ରୁ ଊର୍ଦ୍ଧ୍ୱ ମହିଳା ଶ୍ରଦ୍ଧାଳୁ ଜଳ କଳସୀ ମୁଣ୍ଡେଇ ସକାଳ ୯ ଟା ରାମମନ୍ଦିର ରେ ପହଞ୍ଚିଥିଲେ । ମହିଳା ଶ୍ରଦ୍ଧାଳୁମାନେ ପ୍ରଥମେ ଫତେଗଡ଼ ଗ୍ରାମର ରଘୁନାଥ ମନ୍ଦିର ବେଢା ପରିକ୍ରମା କରି ସ୍ୱୟଂ ସଂସ୍ଥାପିତ ଦ୍ୱିତୀୟ ଅଯୋଧ୍ୟାର ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ପୀଠସ୍ଥଳୀକୁ ଯାଇଥିଲେ । ଦ୍ୱିତୀୟ ଅଯୋଧ୍ୟାର ଯଜ୍ଞମଣ୍ଡପରେ କଳସ ସ୍ଥାପନ କରାଯାଇ ଅପରାହ୍ନରେ ଯଜ୍ଞାଦି କାର୍ଯ୍ୟ ଏବଂ ପ୍ରବଚନ ଆରମ୍ଭ ହୋଇଥିଲା।



ଯଜ୍ଞରେ କର୍ତ୍ତା ହିସାବରେ ଫତେଗଡ଼ ଗ୍ରାମର ବାଣୀକଣ୍ଠ ଗାୟକ ଯୁଧିଷ୍ଠିର ଖୁଣ୍ଟିଆଙ୍କ ବାବା ଗୋବିନ୍ଦ ଚନ୍ଦ୍ର ଖୁଣ୍ଟିଆ ଏବଂ ମାଆ ପ୍ରେମଲତା ଖୁଣ୍ଟିଆ ଉପବେଶନ କରିଥିବାବେଳେ ପଣ୍ଡିତ ରୂପେ କାମାଚାର୍ଯ୍ୟ ପଣ୍ଡିତ ଶ୍ରୀନିବାସ ଦାସ, ବ୍ୟାସ ସୂର୍ଯ୍ୟନାରାୟଣ ଦାସ, ଦୀନବନ୍ଧୁ ଦାସ, ପୂର୍ଣ୍ଣାନନ୍ଦ ଦାସ ଏବଂ ଶାନ୍ତା ଦାସ ଯଜ୍ଞ କାର୍ଯ୍ୟ ଆରମ୍ଭ କରିଥିଲେ। ଦ୍ୱିତୀୟ ଦିନରେ ପ୍ରବଚକ ସତ୍ୟ ଚୈତନ୍ୟ ଦାସଙ୍କ ପ୍ରବଚନରେ ହଜାର ହଜାର ଶ୍ରଦ୍ଧାଳୁ ବିମୋହିତ ହୋଇଥିଲେ।

# ବିଦ୍ୟୁତ୍ ବିଭାଗ ଅଦାଲତ: ୭୯ ଲକ୍ଷ ଟଙ୍କା ଆଦାୟ

ନିମାପଡ଼ା, ୧୯।୩ (ନିପ୍ର): ନିମାପଡ଼ା ବିଦ୍ୟୁତ୍ ବିଭାଗ ଡିଭିଜନ୍ କାର୍ଯ୍ୟାଳୟ ପକ୍ଷରୁ ଏକ ଲୋକ ଅଦାଲତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ୭୮୦ ଅଭିଯୋଗ ସମାଧାନ କରାଯାଇ ୭୯ ଲକ୍ଷ ଟଙ୍କା ଆଦାୟ କରାଯାଇଛି ବୋଲି ପରିଚାଳକ ବିଶ୍ୱ ରଂଜନ ବେହେରା ସୂଚନା ଦେଇଥିଲେ। ଏହି ଡିଭିଜନ୍ ଅଧୀନସ୍ଥ ପିପିଲି, ଗୋପ, କାକଟପୁର, କୋଣାର୍କ, ନିମାପଡ଼ା, ବାଲିପାଟଣା ଆଦି ଉପଖଣ୍ଡ କାର୍ଯ୍ୟାଳୟ ଅଧିକାରୀଙ୍କ ସହଯୋଗରେ ଅଦାଲତ ଅନୁଷ୍ଠିତ ହୋଇ ଗ୍ରାହକଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରାଯାଇଥିଲା । ଜଣେ ନିର୍ବାହୀ ଯନ୍ତ୍ରୀ, ୩ ଜଣ ଉପଖଣ୍ଡ ଅଧିକାରୀ ଏବଂ ୧୨ ଜଣ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ରହି ନିଜ ଅଂଚଳର ବିଦ୍ୟୁତ୍ ଜନିତ ଅସୁବିଧାରେ ଥିବା ଗ୍ରାହକଙ୍କ ସମସ୍ୟା ଶୁଣି ତୁରନ୍ତ ଫଇସଲା କରି ଥିବାରୁ ସମସ୍ତ ଅଧିକାରୀଙ୍କୁ ସାଧୁବାଦ ଜଣାଇ ଦିଆଯାଇଥିଲା । ଯେଉଁ ଗ୍ରାହକଙ୍କ ବିଦ୍ୟୁତ୍ ଦେୟ ଦୀର୍ଘଦିନ ଧରି ପୈଠ ହୋଇ ନଥିଲା ୫୦ ପ୍ରତିଶତ ରିହାତି ଦିଆଯାଇ ଏକକାଳୀନ ସମାଧାନ କରାଯାଇଥିଲା ବୋଲି ଉପଖଣ୍ଡ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ। ମିଟର ରିଡ଼ରମାନେ ଗତ ୧ ମାସ ହେଲା ସମସ୍ତ ଗ୍ରାହକଙ୍କୁ ଅଦାଲତ ବିଷୟରେ ସୂଚନା ଦେଇ ଥିବାରୁ ପ୍ରବଳ ଜନ ଗହଳି ହୋଇଥିବା ଦେଖିବାକୁ ମିଳିଥିଲା । ଯେଉଁ ମାନଙ୍କର ସମସ୍ୟା ସମାଧାନ ହୋଇପାରିନି ସେମାନେ ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦରଖାସ୍ତ ଦେବା ପାଇଁ ସୂଚନା ଦିଆଯାଇଥିଲା ।




କ୍ରସ୍ ଭୋଟିଂଙ୍କୁ ନେଇକି ବିଜେଡି ବିଧାୟିକା ସୁଭାଷିନୀ ଜେନାଙ୍କ ଘରକୁ ଘେରିଲେ ମହିଳା ବିଜେଡି କର୍ମୀ (ଫଟୋ-ଦିନଲିପି)

# ଧାମନଗରରେ ପାନୀୟ ଜଳ ବିପର୍ଯ୍ୟୟ

## ୪ ବର୍ଷ ହେଲା ଗାଦି ମାଡ଼ି ବସିଛନ୍ତି ଯନ୍ତ୍ରୀ, ସରକାରୀ ନିୟମକୁ ବେଖାତିର

**ଧାମନଗର,୧୯/୩(ନିପ୍ର):** ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଶାସନ ଓ ଠିକ୍ ସମୟରେ ବଦଳି ନିୟମକୁ ଧାମନଗର ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ବିଭାଗରେ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ହୋଇଛି। ଜଣେ ସ୍ଥାନରେ ୩ ବର୍ଷରୁ ଅଧିକ ରହିବା ଅନୁଚିତ ବୋଲି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଥିବା ବେଳେ, ଧାମନଗରରେ କନିଷ୍ଠଯନ୍ତ୍ରୀ ଦୀର୍ଘ ୪ ବର୍ଷ ହେବ ନିଜ ପଦବୀରେ ଅଟଳ ରହିଛନ୍ତି। ରାଜନୈତିକ ପ୍ରଭାବ ଖଟାଇ ସେ ନିଜର ବଦଳି କରୁନଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଯନ୍ତ୍ରୀଙ୍କ ଦୀର୍ଘକାଳୀନ ଅବସ୍ଥାନ କାଳରେ ଧାମନଗର ବ୍ଲକର ବିଭିନ୍ନ ପଞ୍ଚାୟତରେ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଅନେକ ସ୍ଥାନରେ ପାଣି ଟାଙ୍କି ନିର୍ମାଣ ହୋଇଥିଲେ ମଧ୍ୟ ସେଥିରୁ



ଲୋକଙ୍କୁ ଟୋପାଏ ପାଣି ମିଳୁନାହିଁ। ରକ୍ଷଣାବେକ୍ଷଣ ଅଭାବରୁ ପ୍ରକଳ୍ପ ଗୁଡ଼ିକ ଅଚଳ ହୋଇ ପଡ଼ିରହିଛି। ଫଳରେ ଆଗକୁ ଖରାଦିନ ଆସୁଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗ ଅନୁସାରେ, ପାନୀୟ ଜଳ ଯୋଗାଣରେ ସୁଧାର ଆଣିବା ପରିବର୍ତ୍ତେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଚାଲିଛି। କେତେକ ପୁରୁଣା ଟାଙ୍କିରେ କେବଳ ରଙ୍ଗ ମାରି ନୂଆ ପରି ଦେଖାଇ ସରକାରୀ ଅର୍ଥ ଆତ୍ମସାତ କରିବାକୁ ଯୋଜନା ଚାଲିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପ୍ରକୃତ ସମସ୍ୟାର ସମାଧାନ ନ କରି କେବଳ ବାହ୍ୟ ଚମକ ଦେଖାଇ ବିଲ୍ ପାସ୍ କରିବାକୁ ଚକ୍ରାନ୍ତ କରାଯାଉଥିବା କୁହାଯାଉଛି। ସରକାରୀ ନିୟମ ଅନୁସାରେ ୩ ବର୍ଷରେ ବଦଳି ହେବା କଥା, କିନ୍ତୁ ୪ ବର୍ଷ ହେଲା କେଉଁ ସ୍ୱାର୍ଥରେ ଏହି ଯନ୍ତ୍ରୀ ଜଣକ ଏଠାରେ ରହିଛନ୍ତି ? ଏହା ପଛରେ କେଉଁ ପ୍ରଭାବଶାଳୀ ନେତାଙ୍କ ହାତ ରହିଛି ? ଉଚ୍ଚ ପଦସ୍ଥ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ତଦନ୍ତ କରିବାକୁ ଦାବି ହୋଇଛି। ଯଦି ଖରାଦିନ ପୂର୍ବରୁ ପାଣି ସମସ୍ୟାର ସମାଧାନ ନ ହୁଏ, ତେବେ ଆଗାମୀ ଦିନରେ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଭଦ୍ରକ ଜିଲ୍ଲାପାଳଙ୍କୁ ଟ୍ୱିଟ୍ ଯୋଗେ ଅଭିଯୋଗ କରା ଯାଇଥିଲା। ଘଟଣାର ତଦନ୍ତ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ